R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୯୭
ତିଥି: ଚତୁର୍ଥୀ
୨୨ ଏପ୍ରିଲ ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 197
22 April 2026, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ରାଉରକେଲାରେ ପ୍ଲାନେଟାରିୟମ୍ ଓ ବିଜ୍ଞାନ କେନ୍ଦ୍ର ଉଦ୍‌ଘାଟନ କଲେ ରାଷ୍ଟ୍ରପତି

## ସୁନ୍ଦରଗଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରତି ଗଭୀର ଆକର୍ଷଣ ରହିଛି



ଭୁବନେଶ୍ୱର, ୨୧।୪ (ସବ୍ୟୁ) : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ମଙ୍ଗଳବାର ରାଉରକେଲାଠାରେ ଆୟୋଜିତ ସାର୍ବଜନୀନ କାର୍ଯ୍ୟକ୍ରମରେ ଏକ ପ୍ଲାନେଟରିୟମ୍ ଏବଂ ବିଜ୍ଞାନ କେନ୍ଦ୍ର ସହିତ ନିର୍ମଳ ମୁଣ୍ଡା ପରିବେଶ ପଥକୁ ଉଦଘାଟନ କରିଛନ୍ତି । ପରେ, ରାଷ୍ଟ୍ରପତି ରାଉରକେଲାରେ ଜନଜାତି ସଂଗ୍ରହାଳୟ ଏବଂ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର ମଧ୍ୟ ଉଦଘାଟନ କରିଥିଲେ ।

ଏହି ଅବସରରେ ଆୟୋଜିତ ଏକ ଜନସଭାରେ ରାଷ୍ଟ୍ରପତି କହିଥିଲେ, ସୁନ୍ଦରଗଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟ, ଲୋକ ସଂସ୍କୃତି ଓ ଐତିହ୍ୟରେ ଏକ ଗଭୀର ଆକର୍ଷଣ ରହିଛି । ଏହାର ଘଞ୍ଚ ଜଙ୍ଗଲ, ପର୍ବତ, ଜଳପ୍ରପାତ ଏବଂ ନଦୀଗୁଡ଼ିକ ମଧ୍ୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥାଏ । ସୁନ୍ଦରଗଡ଼ର କଳା ଓ ସଂସ୍କୃତି ଓଡ଼ିଶାର ସାଂସ୍କୃତିକ ପ୍ରାଚୁର୍ଯ୍ୟକୁ ଆହୁରି ସମୃଦ୍ଧ କରିଛି । ସୁନ୍ଦରଗଡ଼ ସାହସୀ ବ୍ୟକ୍ତି ଏବଂ କ୍ରୀଡା ପ୍ରେମୀଙ୍କ ଭୂମି ବୋଲି ସେ ଗୁରୁତ୍ୱାରୋପ କରି କହିଥିଲେ ।

ରାଷ୍ଟ୍ରପତି କହିଥିଲେ, ଓଡ଼ିଶା ସମେତ ଭାରତର ବିଭିନ୍ନ ଅଞ୍ଚଳର ଲୋକମାନେ ନିଯୁକ୍ତି ଓ ଜୀବିକା ପାଇଁ ରାଉରକେଲାରେ ବସବାସ କରନ୍ତି । ଏହି ବିଶ୍ୱସ୍ତରୀୟ ସହର ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ଜନଜାତି ପରମ୍ପରା ଓ କ୍ରୀଡାକୁ ପ୍ରୋତ୍ସାହିତ କରିବାରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ।

ରାଷ୍ଟ୍ରପତି କହିଥିଲେ, ସମାଜର ପ୍ରତ୍ୟେକ ବର୍ଗର ବିକାଶ ଦ୍ୱାରା ହିଁ ଦେଶର ବିକାଶ ସମ୍ଭବ । (୯ ପୃଷ୍ଠାରେ)

### ରାଉରକେଲା ଦେଶର ଶିଳ୍ପ ହବ୍ ହେବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୧।୪ (ସବ୍ୟୁ): ରାଉରକେଲା କେବଳ ଏକ ଶିଳ୍ପ ସମୃଦ୍ଧ ସହର ନୁହେଁ, ବରଂ ଏହା ସ୍ୱପ୍ନ, ଶୃଙ୍ଖଳା, ବିବିଧତା ଏବଂ ବୈଭବରେ ପରିପୂର୍ଣ୍ଣ ସହର । ରାଉରକେଲା ଷ୍ଟିଲ ପ୍ଲାଣ୍ଟ ସାରା ଦେଶରେ ସୁନାମ ଅର୍ଜନ କରିଛି । ଏହି ସହର ରାଷ୍ଟ୍ର ନିର୍ମାଣରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହା ଲକ୍ଷ ଲକ୍ଷ ଲୋକଙ୍କୁ ନିଯୁକ୍ତି, ସୁଯୋଗ ଏବଂ ପରିଚୟ ଦେଇଛି । ଏହା ସହିତ ରାଉରକେଲା ତାର ପ୍ରାକୃତିକ ସୌନ୍ଦର୍ଯ୍ୟ, ସମୃଦ୍ଧ ଆଦିବାସୀ ସଂସ୍କୃତି ଏବଂ ବିଶେଷ କରି ହକି ପାଇଁ ସ୍ୱତନ୍ତ୍ରତା ଅର୍ଜନ କରିଛି । ଆଜି(ମଙ୍ଗଳବାର) ରାଷ୍ଟ୍ରପତି



ଦ୍ରୌପଦୀ ମୁର୍ମୁଙ୍କ କରକମଳରେ ପ୍ରାୟ ୪୮ କୋଟି ଟଙ୍କା ବ୍ୟୟରେ ସମନ୍ୱିତ କମାଣ୍ଡେ କଣ୍ଟ୍ରୋଲ ସେଣ୍ଟର(ଆସିସିସି) ଉଦଘାଟନ ହୋଇଛି (୯ ପୃଷ୍ଠାରେ)

### ଇରାନକୁ ପ୍ରଶଂସା ସହ ଟ୍ରମ୍ପଙ୍କ ଚେତାବନୀ

## ଚୁକ୍ତି ନହେଲେ ସାମରିକ କାର୍ଯ୍ୟାନୁଷ୍ଠାନ



ନୂଆଦିଲ୍ଲୀ, ୨୧।୪ : ଆମେରିକା ଓ ଇରାନ ମଧ୍ୟରେ ହୋଇଥିବା ଯୁଦ୍ଧ ବିରତୀ ଆସନ୍ତାକାଲି ମଧ୍ୟ ରାତ୍ରୀ ସୁଦ୍ଧା ଶେଷ ହେଉଛି । ଏହାର କିଛି ଘଣ୍ଟା ପୂର୍ବରୁ ଇସଲାମବାଦରେ ପୁଣି ଆମେରିକା ଓ ଇରାନ ମଧ୍ୟରେ ଆଲୋଚନା ହେବାର ସମ୍ଭାବନା ରହିଛି । ଆଲୋଚନା ପୂର୍ବରୁ ଟ୍ରମ୍ପ ଇରାନକୁ ପ୍ରଶଂସା କରିବା ସହ ଚେତବନୀ ଦେଇଛନ୍ତି ।

### ଆଉ ଘୁଞ୍ଚିବନି ଯୁଦ୍ଧବିରତି ତାରିଖ

ଟ୍ରମ୍ପ କହିଛନ୍ତି ଯେ, ଯୁଦ୍ଧ ବିରତୀର ତାରିଖ ବୃଦ୍ଧି କରାଯିବାର କୌଣସି ପ୍ରସ୍ତାବ ନାହିଁ । ୪୭ ବର୍ଷ ଧରି ଯେଉଁ ରକ୍ତପାତ ଘଟୁଥିଲା ତାହାର ଅନ୍ତ ଘଟିବ । ସଫଳତାର ସହ ବୁଝାମଣା ହେବ ବୋଲି ସେ ଆଶା ରଖିଛନ୍ତି । ଇରାନକୁ ଯୁଦ୍ଧ କିମ୍ବା ବୁଝାବଣା ଦୁଇଟିରୁ ଗୋଟିକୁ ବାଛିବାକୁ ପଡିବ । ଇରାନ ଯଦି ବୁଝାବଣା କରେ ତାହାହେଲେ ବେଶ୍ ଭଲରେ ରହିବ । ସେମାନେ ନିଜକୁ ପୁନର୍ବାର ଏକ ଶକ୍ତିଶାଳୀ ଓ ଆଶ୍ଚର୍ଯ୍ୟ ରାଷ୍ଟ୍ର ହୋଇପାରିବ । ମୁଁ ଆଶା କରୁଛି ଯେ, ଯଦି ୪୮ ଘଣ୍ଟା ମଧ୍ୟରେ ବୁଝାମଣା ନ ହୁଏ ତାହାହେଲେ ଆମେ ସାମିରକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବୁ । ଟ୍ରମ୍ପ ନିଜ ପ୍ରଶାସନକୁ ପ୍ରଶଂସା କରି କହିଛନ୍ତି ଯେ, ନୌସେନା ଦ୍ୱାରା ହୋଇଥିବା ପ୍ରତିରୋଧ ସଫଳ ହୋଇଛି । ମୁଁ ଯୁଦ୍ଧ ଜିତିଛି ବୋଲି ସେ କହିଛନ୍ତି ।

ତେବେ ଆଲୋଚନା ନେଇ ଏବେ ବି ସନ୍ଦେହ ରହୁଛି । ଦ୍ୱିତୀୟ ପର୍ଯ୍ୟାୟ କଥାବାର୍ତ୍ତା ଇସଲାମାବାଦରେ ହେଉଛି । ଆମେରିକା ପକ୍ଷରୁ ଉପରାଷ୍ଟ୍ରପତି ଜେଡି ଭେନ୍ସଙ୍କ ନେତୃତ୍ୱରେ ଏକ ଟିମ୍ ଆସିଛି । ଇରାନର ଟିମ୍ ପହଞ୍ଚ (୯ ପୃଷ୍ଠାରେ)

### ପଶ୍ଚିମରେ ବର୍ଷୁଛି ନିଆଁ

## ୧୮ ସହରରେ ପାରଦ ୪୦°

ଭୁବନେଶ୍ୱର, ୨୧।୪ (ସବ୍ୟୁ) : ରାଜ୍ୟରେ ଏବେ ଗ୍ରୀଷ୍ମ ପ୍ରବାହ ତୀବ୍ର ହୋଇଛି । ଆକାଶରୁ ଯେପରି ନିଆଁ ବର୍ଷୁଛି । ଦିନ ୧୦ଟା ହେଲେ ମୁହଁ ପୋଡ଼ି ପକାଉଛି । ଘରୁ ବାହାରିବା ଏକ ପ୍ରକାର ମୁସ୍କିଲ ହୋଇପଡୁଛି । ଆଭ୍ୟନ୍ତରୀଣରୁ ଉପକୂଳ ପୁଣି ପଶ୍ଚିମ ସବୁଠି ପାରଦ ୪୦° ଟପିଛି । ଆଜି (ମଙ୍ଗଳବାର) ଝାରସୁଗୁଡ଼ାରେ ସର୍ବାଧିକ ୪୩.୬° ତାପମାତ୍ରା ରେକର୍ଡ଼ ହୋଇଛି । ଆସନ୍ତା ୪ ଦିନ ପର୍ଯ୍ୟନ୍ତ ତାତି କଳବଲ କରିବାକୁ ଥିବାବେଳେ କେତେକ ଜିଲ୍ଲାରେ କାଳବୈଶାଖୀ ବର୍ଷାର ସମ୍ଭାବନା ରହିଛି । ଏଭଳି ଆକଳନ କରିଛନ୍ତି ପାଣିପାଗ ବିଶେଷଜ୍ଞ ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ବୁଲେଟିନ୍‌ରେ କୁହାଯାଇଛି, ମଙ୍ଗଳବାର ୧୮ଟି ସହରରେ ସର୍ବୋଚ୍ଚ ତାପମାତ୍ରା ୪୦° କିମ୍ବା ତା'ଠାରୁ ଅଧିକ ରହିଛି । ସେଥିମଧ୍ୟରୁ ୬ଟି ସହରରେ ଦିନର ତାପମାତ୍ରା ୪୨° ପାର୍ କରିଛି ।

### ଝାରସୁଗୁଡ଼ାରେ ସର୍ବାଧିକ ୪୩.୬°
### ଆଉ ଚାରିଦିନ କଳବଲ ତାତି

ଝାରସୁଗୁଡ଼ାରେ ସର୍ବୋଚ୍ଚ ତାପମାତ୍ରା ୪୩.୬° ଥିବାବେଳେ ସମ୍ବଲପୁରରେ ୪୨.୫°, ଟିଟିଲାଗଡ଼ରେ ୪୨.୫°, ହୀରାକୁଦରେ ୪୨.୪°, ବଲାଙ୍ଗୀରରେ ୪୨.୨°, ଅନୁଗୁଳରେ ୪୨.୧° ତାପମାତ୍ରା ରେକର୍ଡ଼ କରାଯାଇଛି । ସେହିପରି ସୋନପୁରରେ ୪୧.୭°, ସୁନ୍ଦରଗଡ଼, ତାଳଚେରରେ ୪୧.୫°, ରାଉରକେଲା, ଢେଙ୍କାନାଳ, ବରଗଡ଼ ଓ ଦେବଗଡ଼ରେ ୪୧°, ନୟାଗଡ଼, ଖୋର୍ଦ୍ଧା ଓ ଭଦ୍ରକରେ ୪୦° ରେକର୍ଡ଼ ହୋଇଥିବାବେଳେ ଭୁବନେଶ୍ୱରରେ ତାପମାତ୍ରା ୩୭.୯° ରହିଛି । ତେବେ ଉପକୂଳରେ ତାପମାତ୍ରା ୪୦° ଟପି ନଥିଲେ ମଧ୍ୟ ଏଠାରେ ଅଧିକ ଆର୍ଦ୍ରତା ଯୋଗୁଁ ଗରମ ଓ ଗୁଳୁଗୁଳି ଅସହ୍ୟ ହୋଇଥିଲା ।

ଆସନ୍ତାକାଲି (ବୁଧବାର) ମୟୂରଭଞ୍ଜ, କେନ୍ଦୁଝର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ଜଗତସିଂହପୁର ଆଦି ଜିଲ୍ଲାର ସ୍ଥାନେସ୍ଥାନେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି । ଅପରାହ୍ନ କିମ୍ବା ସନ୍ଧ୍ୟାରେ (୯ ପୃଷ୍ଠାରେ)

## ସିଙ୍ଗଲ ୱିଣ୍ଡୋରେ ୩୮୭୭ କୋଟି ନିବେଶକୁ ମଞ୍ଜୁରୀ

ଭୁବନେଶ୍ୱର, ୨୧।୪ (ସବ୍ୟୁ) : ଓଡିଶାକୁ ଶିଳ୍ପ କ୍ଷେତ୍ରରେ ରୂପାନ୍ତରିତ କରି ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଆଉ ଏକ ପଦକ୍ଷେପ ନିଆଯାଇଛି । ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରେଟି (ଏସ୍‌ଏଲଏସଡବ୍ଲୁସିଏ) ବୈଠକରେ ୩୮୭୭.୧୪ କୋଟି ଟଙ୍କାର ନିବେଶକକୁ ଅନୁମୋଦନ ମିଳିଛି । ୧୮ ପ୍ରକଳ୍ପରେ ଏହି ନିବେଶ ହେବ ଓ ୭୫୬୫ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହି ପ୍ରକଳ୍ପଗୁଡିକ ବାଲେଶ୍ୱର, ଦେବଗଡ, ଗଞ୍ଜାମ, ଯାଜପୁର, ଝାରସୁଗୁଡା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡରେ ପ୍ରତିଷ୍ଠା ହେବ ।

ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏହି



ବୈଠକ ଅନୁଷ୍ଠିତ ହୋଇଥିଲା । ମଞ୍ଜୁରୀ ପ୍ରକଳ୍ପଗୁଡିକ ସବୁଜ ଶିଳ୍ପ, ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା ଓ ପର୍ଯ୍ୟଟନ କ୍ଷେତ୍ରରେ ନିବେଶ କରିବେ । ଧାତବ, ଇସ୍ପାତ ଓ ଆଲୁମିନିୟମର ଆନୁସଙ୍ଗିକ ଶିଳ୍ପ ପ୍ରତିଷ୍ଠା କରାଯିବ । ରୂନୟା ଇସ୍କାର୍ଟ ଆଲୁମିନିୟମ ପାଉଡର ପ୍ରାଇଭେଟ ଲିମିଟେଡ ପକ୍ଷରୁ ଆଲୁମିନିୟମର ଆନୁସାଙ୍ଗିକ ଉତ୍ପାଦନ

### ୭୫୬୫ ନିଯୁକ୍ତି ସୁଯୋଗ ସୃଷ୍ଟି

ସୁବିଧା ପ୍ରତିଷ୍ଠା କରାଯିବାକୁ ମଞ୍ଜୁରୀ ମିଳିଥିବା ବେଳେ ସ୍କାନ ଷ୍ଟିଲ ଲିମିଟେଡ, ଜୟ ଜଗନ୍ନାଥ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ, ଏସଏସ୍ ଆଲୁଫଏଲ୍ସ, ଇଣ୍ଟରନ୍ୟାସନାଲ ଲିମିଟେଡ, ଇସ୍ପାତ ନୂଆ ଓ ଫେରୋଆଲୋଏକ ଉତ୍ପାଦନ କ୍ଷେତ୍ରରେ ଏହାର ଦକ୍ଷତା ବୃଦ୍ଧି କରିବ । ସେହିଭଳି ସୋଲାର ଇଣ୍ଡଷ୍ଟ୍ରି ଲିମିଟେଡ ପକ୍ଷରୁ ଝାରସୁଗୁଡାରେ ଏକ ପ୍ରକଳ୍ପ ପ୍ରତିଷ୍ଠା ହେବାକୁ ଅନୁମୋଦନ ମିଳିଥିବା ବେଳେ ଏନଭାୟାର ଇଲେକ୍ଟ୍ରୋଡାଇ ଲିମିଟେଡକୁ ଇସ୍‌ଡିଏମ ଉତ୍ପାଦନ ୟୁନିଟି, ସେହିଭଳି ହର୍ମାନ ଫିନୋକେମ୍ ଲିମିଟେଡକୁ ଔଷଧ ଉତ୍ପାଦନ ୟୁନିଟି, ଆମ୍ବିଟେକ୍ ହେଲ୍ଥ କେୟାର ପ୍ରାଇଭେଟ ଲିମିଟେଡକୁ ମେଡିକାଲ ଯନ୍ତ୍ରାଂଶ ଉତ୍ପାଦନ ପ୍ରକଳ୍ପକୁ ଅନୁମୋଦନ ମିଳିଛି । ତାମିଲନାଡୁ ଇସ୍ପାତ ପ୍ରାଇଭେଟ ଲିମିଟେଡ, ଆଲପସ୍ ମାଇନିଂ ଆଣ୍ଡ ଇନଫ୍ରା ପ୍ରୋଜେକ୍ଟ ପ୍ରାଇଭେଟ ଲିମିଟେଡ, ସମଗ୍ର ରାଜ୍ୟରେ ଶିଳ୍ପ ଭିତ୍ତିଭୂମିକୁ ବୃଦ୍ଧି ଦିଗରେ (୯ ପୃଷ୍ଠାରେ)

## ଛୁଟିରେ ହ୍ୱାଟ୍ସଆପରେ ସମର ଲର୍ଣ୍ଣିଂ

### ଆସନ୍ତା ୨୫ ସୁଦ୍ଧା ହ୍ୱାଟ୍ସଆପ ଗ୍ରୁପ୍ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୧।୪ (ସବ୍ୟୁ): ରାଜ୍ୟରେ ଏଥର ଖରାଛୁଟିରେ ହେବ ପାଠପଢା । ଶିଶୁବାଟିକାରୁ ଅଷ୍ଟମ ପର୍ଯ୍ୟନ୍ତ ପିଲାମାନଙ୍କୁ ଶିକ୍ଷାଦାନ କରାଯିବ । ହ୍ୱାଟ୍ସଆପ ଜରିଆରେ ଶ୍ରେଣୀ ଅନୁସାରେ ଆସାଇନମେଣ୍ଟ ଦିଆଯିବ । ବାପା, ମାଆଙ୍କ ହ୍ୱାଟ୍ସଆପକୁ ଏନେଇ ସିଧାସଳଖ ଯୋଗାଯୋଗ କରାଯିବ ।

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଯୋଗୁ ୧୨ ଉର୍ଦ୍ଧ୍ୱ ଜିଲ୍ଲାରେ ସାମୟିକ ଭାବେ ଖରାଛୁଟି ଘୋଷଣା କରାଯାଇଛି । ମେ ୩ ତାରିଖରେ ଖରାଛୁଟି ହେବାକୁ ଥିବା ବେଳେ ପିଲାଙ୍କ ପାଠ ପଢ଼ା ଚିନ୍ତା ଘାରିଛି ଶିକ୍ଷା ବିଭାଗକୁ । ତେଣୁ ଅଭିଭାବକଙ୍କ ହ୍ୱାଟ୍ସ ଆପ ଜରିଆରେ ଛାତ୍ରଛାତ୍ରୀଙ୍କୁ ପାଠ ପଢାଯିବ । ଅଡିଓ ଓ ଭିଜୁଆଲ ମାଧ୍ୟମରେ ମଧ୍ୟ ଶିକ୍ଷା ଦିଆଯିବ । ଏନେଇ ସବୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଓସେପା ପକ୍ଷରୁ ଚିଠି ଦିଆଯାଇଛି । ଆସନ୍ତା ୨୫ ସୁଦ୍ଧା ହ୍ୱାଟ୍ସଆପ ଗ୍ରୁପ୍ ପାଇଁ ନିର୍ଦ୍ଦେଶ ରହିଛି ।

## ବାଣ ଗୋଦାମ ବିସ୍ଫୋରଣରେ ୧୩ ମୃତ



ନୂଆଦିଲ୍ଲୀ, ୨୧।୪ : କେରଳର ତ୍ରିସୁରରେ ଥିବା ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୧୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ବହୁ ଲୋକ ଆହତ ହୋଇଛନ୍ତି । ଏହି ବିସ୍ଫୋରଣ ସମୟରେ ସେଠାରେ ୪୦ ଲୋକ ଥିବା ସନ୍ଦେହ କରାଯାଉଛି । ଅଧିକାଂଶ ଲୋକ ପୋଡ଼ି ହୋଇ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଅନେକ ଗୁରୁତର ଥିବା ସୂଚନା ମିଳିଛି ।

ସୋମବାରଠାରୁ ଆରମ୍ଭ ହୋଇଥିବା ତ୍ରିସୁରପୁରମ୍ ଉତ୍ସବ ପାଳନ ପାଇଁ କାରଖାନାରେ ବାଣ ତିଆରି କରାଯାଉଥିଲା । ପ୍ରାୟ ଅପରାହ୍ଣ ୩.୩୦ରେ ପ୍ରଥମ ବିସ୍ଫୋରଣ ହୋଇଥିଲା । ଏହାପରେ ମଝିରେ ମଝିରେ ଏକାଧିକ (୯ ପୃଷ୍ଠାରେ)

### ଟେଣ୍ଡର ଦୁର୍ନୀତି ଅଭିଯୋଗ ଉପରେ ସ୍ପଷ୍ଟୀକରଣ

## ଓକାକ୍‌କୁ ରିପୋର୍ଟ ମାଗିଲେ ମନ୍ତ୍ରୀ

ଭୁବନେଶ୍ୱର, ୨୧।୪ (ସବ୍ୟୁ): ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପକ୍ଷରୁ ଅଣାଯାଇଥିବା ଆଭାସୀ କ୍ଲାସରୁମ ପ୍ରକଳ୍ପ ଟେଣ୍ଡର ଦୁର୍ନୀତି ଘଟଣାର ଅଭିଯୋଗ ଉପରେ ସ୍ପଷ୍ଟୀକରଣ ରଖିବା ସହ ଓଡିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର (ଓକାକ)କୁ ଆକ୍ସନ ଟେକେନ ରିପୋର୍ଟ ମାଗିଲେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ । ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟାରେ ମନ୍ତ୍ରୀ ଡ଼. ମହାଲିଙ୍ଗ କହିଛନ୍ତି ଯେ, ଏହି ଅଭିଯୋଗ ସଂପୂର୍ଣ୍ଣ ଭିତ୍ତିହୀନ । କାରଣ, ଓଡିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର (ଓକାକ) ଏକ ସ୍ୱୟଂଶାସିତ ଅନୁଷ୍ଠାନ । ଏହା ସୋସାଇଟି ରେଜିଷ୍ଟ୍ରେସନ ଆକ୍ଟ ୧୮୬୦ ଅନୁସାରେ ଗଠିତ । ଯେଉଁଥିରେ ଚେୟାରମ୍ୟାନ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ସଚିବ ଅଛନ୍ତି । ବିଭାଗୀୟ ମନ୍ତ୍ରୀ ଯେବେ ଆଭାସୀ କ୍ଲାସରୁମ ପ୍ରକଳ୍ପ ଟେଣ୍ଡର ଦୁର୍ନୀତି ଘଟଣା ବିଷୟରେ ଜାଣିଲେ ୭ ଦିନ ଭିତରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଆକ୍ସନ ଟେକେନ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବୋଲି କହିଛନ୍ତି । (୯ ପୃଷ୍ଠାରେ)

### ପଶ୍ଚିମବଙ୍ଗ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରଚାର ଶେଷ

## ବାଇକ୍ ରାଲି ଉପରେ ଲାଗିଲା କଟକଣା

ନୂଆଦିଲ୍ଲୀ, ୨୧।୪ : ଆସନ୍ତା ୨୩ରେ ପଶ୍ଚିମବଙ୍ଗର ୧୫୨ ନିର୍ବାଚନମଣ୍ଡଳୀ ଲାଗି ହେବାକୁଥିବା ପ୍ରଥମ ପର୍ଯ୍ୟାୟ ମତଦାନ ଲାଗି ଆଜି ପ୍ରଚାର ଶେଷ ହୋଇଛି । ସେହିଭଳି ତାମିଲନାଡୁର ବିଧାନସଭା ନିର୍ବାଚନ ଲାଗି ମଧ୍ୟ ପ୍ରଚାର ଶେଷ ହୋଇଛି । ତେବେ ନିର୍ବାଚନ କମିଶନ ପଶ୍ଚିମବଙ୍ଗରେ ବାଇକ୍ ଉପରେ କଟକଣା ଲଗାଇଛନ୍ତି । ବିଧାନସଭା ନିର୍ବାଚନ ପୂର୍ବରୁ କୌଣସି ବାଇକ୍ ରାଲି ହୋଇପାରିବ ନାହିଁ ଓ ରାତିରେ ବାଇକ୍ ଚଳାଚଳ କରିପାରିବନାହିଁ । ବାଇକ୍‌ରେ



➩ ସନ୍ଧ୍ୟା ୬ ରୁ ସକାଳ ୬ ଯାଏ ଚାଲିବନି ବାଇକ୍
➩ ଦୁଇ ଜଣ ବସି ଯାଇପାରିବେନି ବାଇକ୍‌ରେ
➩ ତାମିଲନାଡୁ ବିଧାନସଭା ଲାଗି ସରିଲା ପ୍ରଚାର

ଦୁଇଜଣ ବସିବା ନିୟମକୁ ମଧ୍ୟ ସୀମିତ କରାଯାଇଛି ।

ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ସନ୍ଧ୍ୟା ୬ ରୁ ସକାଳ ୬ଟା ଯାଏ ରାସ୍ତାରେ ବାଇକ୍ ଓ ସ୍କୁଟି ଚଳାଚଳକୁ ନିଷିଦ୍ଧ (୯ ପୃଷ୍ଠାରେ)

### ପୌର ନିର୍ବାଚନ ପାଇଁ ପ୍ରସ୍ତୁତ ହେବ ଭୋଟର୍ ତାଲିକା

## ଖୁବ୍‌ଶୀଘ୍ର ଗାଁ, ସହରାଞ୍ଚଳରେ ହେବ ସର୍ଭେ

ଭୁବନେଶ୍ୱର, ୨୧।୪ (ସବ୍ୟୁ) : ରାଜ୍ୟରେ ଭୋଟର ତାଲିକାରୁ ୯ ଲକ୍ଷରୁ ଅଧିକ ଭୋଟର୍ କିପରି ବାଦ ପଡ଼ିଲେ? ଏହାକୁ ନେଇ ରାଜ୍ୟ ନିର୍ବାଚନ କମିଶନ ଉଦବେଗ ଦେଖାଦେଇଥିବା ବେଳେ ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଏକ ବଡ଼ ଅଭିଯାନ ଆରମ୍ଭ କରିବାକୁ ଯୋଜନା କରିଛନ୍ତି । ରାଜ୍ୟର ସବୁ ଗାଁ ଓ ପୌରାଞ୍ଚଳରେ ଘରକୁ ଘର ସର୍ଭେ କରାଯାଇ ଭୋଟର ତାଲିକା ପ୍ରସ୍ତୁତ କରାଯିବ ବୋଲି ସୂତ୍ରରୁ ଜଣାପଡ଼ିଛି ।

ଏହି ଅଭିଯାନରେ ନୂଆ ଟେକ୍ନୋଲୋଜି ପ୍ରୟୋଗ କରାଯାଇ ପ୍ରତ୍ୟେକ ଭୋଟରଙ୍କ ନିର୍ଦ୍ଦିଷ୍ଟ କୋଡ୍ ରଖାଯିବ । ଯଦ୍ୱାରା ଅନିୟମିତତାର ଆଶଙ୍କା କମିବ । ପୂର୍ବରୁ ଯେଭଳି ଗୋଟିଏ ପରିବାରର ସଦସ୍ୟ ଭାଗ ଭାଗ ହୋଇ ଭିନ୍ନ ଭିନ୍ନ ବୁଥରେ ଭୋଟ୍

ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଭୋଟର ତାଲିକା ଓ ବୁଥ୍ ପରିଚାଳନା ନେଇ ରାଜ୍ୟ ନିର୍ବାଚନ କମିଶନର ପ୍ରଥମ ଥର ପାଇଁ ଏକ ବଡ଼ କସରତ କରିବାକୁ ଯାଉଛନ୍ତି ।

### ନୂଆ ଟେକ୍ନୋଲୋଜି ବ୍ୟବହାର ହେବ

ଦେଉଥିଲେ, ଏଥର ସେମାନେ ସେହି ସମସ୍ୟାକୁ ସାମ୍ନା କରିବେ ନାହିଁ । ସେହିପରି ବୁଥର ଭୌଗୋଳିକ ସୀମାକୁ ସ୍ଥିରିକୃତ କରିବାକୁ ରୁଟ୍ ମ୍ୟାପିଂ ବି କରାଯିବ ।

ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ରାଜ୍ୟରେ ସ୍ପେଶାଲ୍ ଇନଟେନ୍ସିଭ୍ ରିଭିଜନ୍ ବା ଏସଆଇଆର୍ ପ୍ରକ୍ରିୟା ସାରି ଇଲେକ୍ଟୋରାଲ୍ ରାଜ୍ୟ ନିର୍ବାଚନ କମିଶନଙ୍କୁ ପ୍ରଦାନ (୯ ପୃଷ୍ଠାରେ)

## ଇତିହାସ

୧୮୭୦- ଋଷ କାନ୍ତିର ଜନକ ଭ୍ଲାଦିମିର୍ ଲେନିନ୍‌ଙ୍କର ଜନ୍ମ ।
୧୯୧୫- ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ପଥମ ଥର ଜର୍ମାନୀ ସେନା ବିଷାକ୍ତ ଗ୍ୟାସ ପ୍ରୟୋଗ କରିଥିଲା ।
୧୯୨୧- ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଇଣ୍ଡିଆନ୍ ସିଭିଲ ସର୍ଭିସରୁ ଇସ୍ତଫା ଦେଇଥିଲେ ।
୧୯୫୮- ଆଡମିରାଲ ଆର ଡି କଟାରୀ ଭାରତୀୟ ସୌସେନାର ମୁଖ୍ୟ ଭାବେ ନିଯୁକ୍ତି ହେଲେ ।
୧୯୭୦- ବିଶ୍ୱରେ ପ୍ରଥମ ଥର ପୃଥିବୀ ଦିବସ ପାଳନ କରାଗଲା ।
୧୯୭୪- ଭାରତୀୟ ଲେଖକ ଚେତନ ଭଗତଙ୍କ ଜନ୍ମ ।
୨୦୧୬- ୧୭୦ରୁ ଅଧିକ ଦେଶ ଜଳବାୟୁ ପରିବର୍ତ୍ତନ ଉପରେ ପ୍ୟାରିସ୍ ଚୁକ୍ତିର ହସ୍ତାକ୍ଷର କରିଥିଲେ ।

## ମେଡ଼ିସିନ ବ୍ୟାଙ୍କ



ହରିୟାଣାର ଫରିଦାବାଦରେ ଏକ ଅଭିନବ 'ମେଡିସିନ ବ୍ୟାଙ୍କ' ମାଧ୍ୟମରେ ସେବାର ଏକ ନୂଆ ଉଦାହରଣ ସୃଷ୍ଟି ହୋଇଛି, ଯେଉଁଠାରେ ଟଙ୍କା ବଦଳରେ ଔଷଧର କାରବାର କରାଯାଉଛି । ସ୍ଥାନୀୟ ଯୁବତୀ ମୀନୁ ଏବଂ ତାଙ୍କର ପ୍ରାୟ ୧୨ ଜଣ ବନ୍ଧୁ ମିଶି ଗତ ୬ ବର୍ଷ ହେବ ଘରକୁ ଘର ବୁଲି ଲୋକଙ୍କ ପାଖରେ ବଳକା ରହିଯାଇଥିବା ଔଷଧ ସଂଗ୍ରହ କରୁଛନ୍ତି । ସଂଗ୍ରହ କରିବା ପରେ ଏହି ଔଷଧକୁ ସେମାନେ ଗରିବ ତଥା ଅସହାୟ ରୋଗୀଙ୍କୁ ମାଗଣାରେ ଯୋଗାଇ ଦେଉଛନ୍ତି । ଏପରିକି ଅନେକ ସମୟରେ ବିଦେଶରୁ ମଧ୍ୟ ଲୋକେ ଏଠାକୁ ଔଷଧ ପଠାଇଥାନ୍ତି ଏବଂ କୌଣସି ରୋଗୀଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଲୋକେ ବଳକା ଔଷଧକୁ ଏହି ବ୍ୟାଙ୍କରେ ଦାନ କରିଦିଅନ୍ତି । ଗରିବ ଲୋକେ ଔଷଧ କିଣିବାକୁ ଅସମର୍ଥ ହେଉଥିବା ବେଳେ ଅନ୍ୟପଟେ ବହୁ ପରିମାଣର ଔଷଧ ଆବର୍ଜନାରେ ଫିଙ୍ଗା ହେଉଥିବା ଦେଖି ମୀନୁ ଏହି ନିଆରା ପଦକ୍ଷେପ ଗ୍ରହଣ କରିଥିଲେ । ବର୍ତ୍ତମାନ ସୁଦ୍ଧା ହଜାର ହଜାର ଲୋକ ବିନା ପଇସାରେ ଚିକିତ୍ସା ସୁବିଧା ପାଇ ଉପକୃତ ହୋଇପାରୁଛନ୍ତି । ସୋସିଆଲ ମିଡିଆରେ ମଧ୍ୟ ଏହି କାର୍ଯ୍ୟର ଖୁବ ପ୍ରଶଂସା ହେଉଥିବାବେଳେ ଅନେକ ଅନୁପ୍ରାଣିତ ହେଉଥିବା ଦେଖିବାକୁ ମିଳୁଛି ।

## ଓଡ଼ିଆ ରୁଚି ମୁଢି ପାୟସ

**ସାମଗ୍ରୀ -** ସୁଜି ୨୫୦ ଗ୍ରାମ, ନଡିଆ ଏକ ଫାଳ, ମୁଢି ୧୦୦ ଗ୍ରାମ, କାଜୁ, ଗୁଜୁରାତି, କିସମିସ, ଘିଅ, କ୍ଷୀର ୨ ଲିଟର ।



**ପ୍ରଣାଳୀ -** ପ୍ରଥମେ ସୁଜିକୁ ଗୁଣ୍ଡ କରିଦିଅନ୍ତୁ । ସୁଜି, କାଜୁ, କିସମିସକୁ ଘିଅରେ ଭାଜନ୍ତୁ । ଆଞ୍ଚରେ କ୍ଷୀରକୁ ବସାଇ ସିଝାନ୍ତୁ । ଏହା ଲାଲ ହୋଇ ଆସିଲେ ସେଥିରେ ସୁଜି ଓ ଚିନି ପକାନ୍ତୁ । ତାପରେ ନଡିଆ କୋରା ପକାନ୍ତୁ, ଏହି ମିଶ୍ରଣ ବହଳିଆ ହୋଇ ଆସିଲେ ଏଥିରେ ମୁଢିଗୁଣ୍ଡ ପକାନ୍ତୁ । ତାପରେ କିଛି ସମୟରେ ପରେ ଭଜା କାଜୁ, କିସମିସ ଓ ଗୁଜୁରାତି ଗୁଣ୍ଡ ପକାଇ ଆଞ୍ଚରୁ କାଢି ନିଅନ୍ତୁ । ପ୍ରସ୍ତୁତ ହୋଇଯିବ ମୁଢି ପାୟସ ।

## ସୋସିଆଲ କୋଟ୍ସ



ସଲମାନଙ୍କ ସହିତ କାମ କରିବା ଖୁବ ମଜାଦାର । ସେ ମୋତେ ଛୋଟ ପିଲା ଭଳି ଟ୍ରିଟ୍ କରନ୍ତି । ଭଲ ପାଆନ୍ତି ଏବଂ ଘର ଲୋକଙ୍କ ଭଳି ଗାଳି ମଧ୍ୟ କରନ୍ତି ।

**ରାଘବ ଜୁୟାଲ, ଡ୍ୟାନ୍ସର**



"ତୁ ଇଟ୍ ଡିବାରା' ଗୀତ ତିଆରି କରିବା ପଛରେ ମୋର କିଛି ସ୍ୱତନ୍ତ୍ର ଉଦ୍ଦେଶ୍ୟ ଥିଲା । ମୁଁ ଟିମ୍ ଇଣ୍ଡିଆ ପାଇଁ ଏଭଳି ଗୀତ ତିଆରି କରିବାକୁ ଚାହୁଁଥିଲି, ଯାହାକୁ ଶୁଣି ସେମାନେ ଜୋସରେ ଆସିବେ ।

**ଅମିତ୍ ତ୍ରିବେଦୀ, ସଙ୍ଗ ମେକର**



ପୁଅମାନେ ସବୁକଥାକୁ ଅନ୍ୟ ଉପାୟରେ ହ୍ୟାଣ୍ଡେଲ୍ କରନ୍ତି । ଯଦି କୌଣସି ସମସ୍ୟା ଆସେ ତେବେ ପ୍ରଥମେ ନିଜେ ତାକୁ ହ୍ୟାଣ୍ଡେଲ କରନ୍ତି ପରେ କାହାକୁ କୁହନ୍ତି । ରଣବୀର ସବୁବେଳେ ସମସ୍ୟାରେ ଥିବାବେଳେ ମୋ ପରାମର୍ଶ ନିଅନ୍ତି ।

**ଆଲିଆ ଭଟ୍ଟ, ଅଭିନେତ୍ରୀ**

## ସାପ ପାଳି କୋଟିପତି



ଚୀନରେ ଏଭଳି ଅନେକ ଘଟଣା ଘଟିଥାଏ ଯାହା ସୋସିଆଲ ମିଡିଆରେ ଅନେକଦିନ ପର୍ଯ୍ୟନ୍ତ ଚର୍ଚ୍ଚାରେ ରହିଥାଏ । ସେହିଭଳି ଜଣେ ଯୁବତୀ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛନ୍ତି । ଚୀନର ୨୯ ବର୍ଷୀୟା ଯୁବତୀ 'କିନ୍' ନିଜର ଚାକିରି ଛାଡ଼ି ଏକ ଏଭଳି ବିପଜ୍ଜନକ ବ୍ୟବସାୟ ବାଛିଛନ୍ତି, ଯାହା ଶୁଣିଲେ ଯେକେହି ଆଶ୍ଚର୍ଯ୍ୟ ହୋଇଯିବେ । କିନ୍ ଚାକିରି ଛାଡି ନିଜ ଗାଁକୁ ଫେରି ପ୍ରାୟ ୬୦,୦୦୦ରୁ ଅଧିକ ବିଷଧର ସାପ ପାଳନ କରୁଛନ୍ତି । ଯେଉଁଥିରୁ ସେ ବାର୍ଷିକ ୧୦ ଲକ୍ଷ ୟୁଆନ୍ (ପ୍ରାୟ ୧.୪ କୋଟି ଟଙ୍କା) ରୋଜଗାର କରୁଛନ୍ତି । ପ୍ରଥମେ ତାଙ୍କ ପିତା ଏହି କାମ କରୁଥିଲେ ଏବଂ କଲେଜ ପରେ କିନ୍ ଏହି ଦାୟିତ୍ୱ ନିଜ ହାତକୁ ନେଇଥିଲେ । ତେବେ ଆରମ୍ଭରୁ ତାଙ୍କ ପିତା ଏହି ବିପଦପୂର୍ଣ୍ଣ କାମ ପାଇଁ ଅରାଜି ଥିଲେ । ବର୍ତ୍ତମାନ ତାଙ୍କ ପାଖରେ ୫୦,୦୦୦ରୁ ଅଧିକ ଅତ୍ୟନ୍ତ ବିଷଧର 'ଫାଇଭ୍-ଷ୍ଟେପ୍' ୱାଇପର୍ ଏବଂ ପ୍ରାୟ ୧୦,୦୦୦ କୋବ୍ରା ସାପ ରହିଛନ୍ତି । ଏହି ବ୍ୟବସାୟରୁ ମୁଖ୍ୟତଃ ସାପର ବିଷକୁ ମେଡିକାଲ ରିସର୍ଚ୍ଚ ପାଇଁ, ଶୁଖିଲା ସାପ ଓ ଏହାର ତେଲକୁ ଔଷଧ ତିଆରି ପାଇଁ ଏବଂ ସାପ ମାଂସକୁ ବଜାରରେ ବିକ୍ରି କରି ସେ ପ୍ରଚୁର ଅର୍ଥ ଉପାର୍ଜନ କରୁଛନ୍ତି ।

## ଅଭିନବ ଟଏଲେଟ୍

ଚୀନର ପ୍ରସିଦ୍ଧ କାର୍ କମ୍ପାନୀ 'ସେରେସ୍' ଏଭଳି ଏକ ଅଭିନବ ଟଏଲେଟ୍ ଡିଜାଇନ୍ କରିଛି, ଯାହାକୁ କାର୍ ଭିତରେ ହିଁ ବ୍ୟବହାର କରାଯାଇପାରିବ । ଏହି ଟଏଲେଟ୍‌ଟି କାର୍ ସିଟ୍ ତଳେ ଲୁଚି ରହିଥାଏ ଏବଂ କେବଳ ଭଏସ୍ କମାଣ୍ଡ ବା ଶବ୍ଦ ମାଧ୍ୟମରେ ଏହା ବାହାରକୁ ଆସିଥାଏ । କମ୍ପାନୀ ଏପ୍ରିଲ୍ ୨୦୨୫ରେ ଏହାର ପେଟେଣ୍ଟ ଆବେଦନ କରିଥିବା ବେଳେ ଏବେ ଏହାକୁ ମଞ୍ଜୁରୀ ମିଳିଥିବା ଜଣାପଡିଛି । ବିଶେଷ କରି ଦୂରଯାତ୍ରା, କ୍ୟାମ୍ପିଂ କିମ୍ବା ଜରୁରୀ ପରିସ୍ଥିତିରେ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଉଦ୍ଭାବନ କରାଯାଇଛି । ଏଥିରେ ଏକ ସ୍ୱତନ୍ତ୍ର ଟାଙ୍କି ରହିଛି ଯେଉଁଠାରେ ବର୍ଜ୍ୟବସ୍ତୁ ଜମା ହୁଏ ଏବଂ ଏକ ଘୂର୍ଣ୍ଣାୟମାନ ହିଟିଂ ସିଷ୍ଟମ୍ ମାଧ୍ୟମରେ ତରଳ ପଦାର୍ଥକୁ ଶୁଖାଇବା ସହ କଠିନ ବର୍ଜ୍ୟବସ୍ତୁକୁ ଡ୍ରାଏ କରିଦିଏ । ଏହା ସହିତ ଦୁର୍ଗନ୍ଧ ଦୂର କରିବା ପାଇଁ ଏଥିରେ ଏକ ଏଗଜଷ୍ଟ ଫ୍ୟାନ୍ ମଧ୍ୟ ଲଗାଯାଇଛି । ଯଦିଓ ପୂର୍ବରୁ 'ପୋଲଷ୍ଟୋନ୍' ଭଳି କମ୍ପାନୀ ପୋର୍ଟେବଲ୍ ଟଏଲେଟ୍ ପ୍ରସ୍ତୁତ କରିଛନ୍ତି, କିନ୍ତୁ ସିଟ୍ ତଳେ ଇନବିଲ୍ଟ ଏବଂ ଭଏସ୍ କଣ୍ଟ୍ରୋଲ୍ ସୁବିଧା ଥିବା ଏହି ଟଏଲେଟ୍ ଏକ ନିଆରା ବୈଷୟିକ ଜ୍ଞାନକୌଶଳର ପରିଚୟ ଦେଉଛି । ଟଏଲେଟଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି ।



## ନେବେନି କାମରୁ ବ୍ରେକ୍



ବଲିଉଡର ଲୋକପ୍ରିୟ ଦମ୍ପତି ଦୀପିକା ପାଦୁକୋନ ଓ ରଣବୀର ସିଂହ ଦ୍ୱିତୀୟ ଥର ପାଇଁ ପିତାମାତା ହେବାକୁ ଯାଉଥିବା ବେଳେ ଏହି ଖୁସିର ଖବରକୁ ନିଜ ଝିଅ 'ଦୁଆ'ଙ୍କ ଏକ ସୁନ୍ଦର ଫଟୋ ମାଧ୍ୟମରେ ସୋସିଆଲ ମିଡିଆରେ ସେୟାର କରିଛନ୍ତି । ତେବେ ଦୀପିକା ମାଆ ହେବା ଜାଣିବା ପରେ ଫ୍ୟାନମାନେ ଭାବିଥିଲେ ଅଭିନେତ୍ରୀ କାମରୁ ବ୍ରେକ ନେବେ ହେଲେ ଏଭଳି କିଛି ହେବନି । ଗର୍ଭାବସ୍ଥାରେ ମଧ୍ୟ ଦୀପିକା କାମରୁ ବ୍ରେକ୍ ନନେଇ ନିଜର ଆଗାମୀ ଫିଲ୍ମ 'ରାକା' ପାଇଁ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ସହ ଦମଦାର ଆକ୍ସନ ସିନ୍ ସୁଟିଂ ଜାରି ରଖିବେ ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, ୨୦୧୮ ରେ ବିବାହ କରିଥିବା ଏହି ଦମ୍ପତି ୨୦୨୪ ସେପ୍ଟେମ୍ବରରେ ନିଜର ପ୍ରଥମ ସନ୍ତାନ ଦୁଆଙ୍କୁ ସ୍ୱାଗତ କରିଥିଲେ ଏବଂ ଏବେ ଦୁଆ ପ୍ରାୟ ଦେଢ଼ ବର୍ଷର ହୋଇଥିବା ବେଳେ ଖୁବଶୀଘ୍ର ବଡ଼ ଭଉଣୀ ହେବାକୁ ଯାଉଛନ୍ତି । ଏହି ଖବର ପ୍ରଚାରିତ ହେବା ପରେ ପ୍ରଶଂସକ ଓ ସେଲେବ୍ରିଟିମାନେ ଦୀପିକାଙ୍କୁ ଶୁଭେଚ୍ଛା ଜଣାଉଥିବା ଦେଖିବାକୁ ମିଳୁଛି । ଆଗାମୀ ଦିନରେ ଦୀପିକାଙ୍କୁ ଶାହରୁଖ ଖାନଙ୍କ ଅଭିନୀତ ଫିଲ୍ମ 'କିଙ୍ଗ'ରେ ମଧ୍ୟ ଦେଖିବାକୁ ମିଳିବ, ଯାହା ଡିସେମ୍ବର ୨୦୨୬ରେ ମୁକ୍ତିଲାଭ କରିବ ।

## ମଣିଷର ରେକର୍ଡ଼ ଭାଙ୍ଗିଲା ରୋବଟ

ଏଭଳି ଅନେକ କାର୍ଯ୍ୟ ବର୍ତ୍ତମାନ ହେଉଛି ଯେଉଁଥିରେ ରୋବଟ ମଣିଷକୁ ପଛରେ ପକାଇ ଦେଉଛି । ସେହିଭଳି ଏକ ଘଟଣା ଚୀନର ବେଜିଂରେ ଏକ ଆଶ୍ଚର୍ଯ୍ୟଜନକ ଦୃଶ୍ୟ ଦେଖିବାକୁ ମିଳିଛି, ଯେଉଁଠାରେ ଏକ ହ୍ୟୁମାନଏଡ୍ ରୋବୋଟ୍ ଅଧା ମାରାଥନ ଦୌଡ଼ ଜିତି ମଣିଷର ବିଶ୍ୱ ରେକର୍ଡକୁ ଭାଙ୍ଗିଛି । ଚୀନ କମ୍ପାନୀ 'ଅନର'ର ଏହି ରୋବୋଟ୍ ୨୧ କିଲୋମିଟର ଦୌଡ଼କୁ ମାତ୍ର ୫୦ ମିନିଟ୍ ୨୬ ସେକେଣ୍ଡରେ ପୂରା କରିଥିବା ବେଳେ ମଣିଷର ବିଶ୍ୱ ରେକର୍ଡ (ଯୁଗାଣ୍ଡାର ଜାକବ୍ କିପ୍ଲିମୋଙ୍କ ନାମରେ) ପ୍ରାୟ ୫୭ ମିନିଟ୍ ରହିଛି । ଘଟଣାଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚାରେ ରହିଛି । ଗତ ବର୍ଷ ଏହି ଦୌଡ଼ ଜିତିଥିବା ରୋବୋଟ୍‌କୁ ୨ ଘଣ୍ଟା ୪୦ ମିନିଟ୍ ସମୟ ଲାଗିଥିବା ବେଳେ ଚଳିତ ବର୍ଷର ଏହି ଉନ୍ନତି ସମସ୍ତଙ୍କୁ ଚକିତ କରିଛି । ଏହି ପ୍ରତିଯୋଗିତାରେ ପ୍ରାୟ ୪୦% ରୋବୋଟ୍ ସ୍ୱୟଂଚାଳିତ ଭାବେ ଦୌଡୁଥିବାବେଳେ ବାକି ରୋବୋଟ୍‌ଗୁଡ଼ିକୁ ରିମୋଟ୍ ଦ୍ୱାରା ନିୟନ୍ତ୍ରଣ କରାଯାଉଥିଲା । ଦର୍ଶକଙ୍କ ମତରେ ଏହା ଏକ ନୂତନ ବୈଷୟିକ ଯୁଗର ଆରମ୍ଭ, ଯେଉଁଠାରେ ପ୍ରଥମ ଥର ପାଇଁ ରୋବୋଟ୍ ଶାରୀରିକ ଦକ୍ଷତାରେ ମଣିଷକୁ ପଛରେ ପକାଇଛି ।



## ହସକଥା



**ଶିକ୍ଷକ:** ପିଣ୍ଟୁ, କହିଲୁ ଦେଖି "କପି କରିବା" ଏକ ଅପରାଧ କିନ୍ତୁ "ନକଲ କରିବା" କ'ଣ?

**ପିଣ୍ଟୁ:** ସାର୍, କପି କରିବାଟା ପରୀକ୍ଷା **ହଲ୍ରେ** ଅପରାଧ, କିନ୍ତୁ ପ୍ୟାଣ୍ଟ ସାର୍ଟ ସିଲେଇ କଲାବେଳେ "ନକଲ" କରିବାଟା ଷ୍ଟାଇଲ୍!



**ମେଷ:** ଅର୍ଥସମସ୍ୟା, ମାନସିକ କଷ୍ଟ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା, ଅନୁଷ୍ଠାନରୁ ଲାଭ, ଯାତ୍ରାରେ ସମସ୍ୟା, ଶତ୍ରୁ ସମସ୍ୟା, ଦେବକାର୍ଯ୍ୟରେ ଆଗ୍ରହ, ଶରୀର ସୁସ୍ଥ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ବୃଷ:** କାର୍ଯ୍ୟରେ ସଫଳ, ଶରୀର ସୁସ୍ଥ, ଅର୍ଥଲାଭ, ବନ୍ଧୁଲାଭ, ଶୁଭସମାଚାର, ଅଯଥା ଖର୍ଚ୍ଚାନ୍ତ, ଭ୍ରମଣଯୋଗ, ନୂତନ ଆୟ, ଦ୍ରବ୍ୟଲାଭ, ସମ୍ପତ୍ତିଲାଭ, କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୨, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ମାନସିକ ଅଶାନ୍ତି, ବନ୍ଧୁସମସ୍ୟା, ଅଯଥା ଚିନ୍ତା, ଆଶାରେ ବାଧା, ଶୁଭଖବର, ଯାତ୍ରାରେ ସାବଧାନ, ଶରୀର ସୁସ୍ଥ, ସନ୍ତାନସୁଖ, ବିଦ୍ୟାରେ ସଫଳ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୨, ଆରାଧନା-ଶଙ୍କର ଭଗବାନ ।

**କର୍କଟ:** ଭ୍ରମଣଯୋଗ, ସମ୍ମାନବୃଦ୍ଧି, ଆର୍ଥିକ ଖୁସି, ସମ୍ପତ୍ତିଲାଭ, ଉଚ୍ଚଆଶାରେ ବିଳମ୍ବ, ଶୁଭସମାଚାର, ଲୋକସମ୍ପର୍କରେ ଉନ୍ନତି, ଦାମ୍ପତ୍ୟ ସୁଖ, ଯାତ୍ରାରେ ସଫଳତା, ଶତ୍ରୁ ପରାଜିତ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୯, ଆରାଧନା-ପ୍ରଭୁ ହନୁମାନ ।

**ସିଂହ:** ସମ୍ମାନପ୍ରାପ୍ତି, ସମ୍ପର୍କରେ ଲାଭ, ଦୂରଯାତ୍ରା, ଅତିଥିଚର୍ଚ୍ଚା, ନୂତନ ଦ୍ରବ୍ୟଲାଭ, ବ୍ୟବସାୟରେ ଉନ୍ନତି, ଶୁଭ ସମାଚାର, କର୍ମକ୍ଷେତ୍ରେ ସମସ୍ୟା, ଶରୀର ସୁସ୍ଥ, ସ୍ୱାଦିଷ୍ଟ ଭୋଜନେ ଆନନ୍ଦ, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୮, ଆରାଧନା- ପ୍ରଭୁ ରାଧାବଲ୍ଲବ ।

**କନ୍ୟା:** ଅଯଥା ଖର୍ଚ୍ଚ, ଶରୀର ଅସୁସ୍ଥ, ଶୁଭଖବର, ସମ୍ପତ୍ତି ବିବାଦ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଭ୍ରମଣ ଯୋଗ, ବ୍ୟବସାୟରେ ଶତ୍ରୁତା, ଅର୍ଥ ସମସ୍ୟା, ବନ୍ଧୁଲାଭ, ଉତ୍ତରାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା-ପ୍ରଭୁ ଜଗନ୍ନାଥ ।

**ତୁଳା:** ଚୋରି ଭୟ, ମାନସିକ ଅବସାଦ, ଦୂରଯାତ୍ରା, ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ସମସ୍ୟା, ଅର୍ଥଖର୍ଚ୍ଚ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦେବକାର୍ଯ୍ୟ, ଯାତ୍ରାରେ ସତର୍କ, ସନ୍ତାନ ସମସ୍ୟା, ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା- ମା' ବଗଳାମୁଖୀ ।

**ବିଛା:** ଦ୍ରବ୍ୟଲାଭ, ଶୁଭଖବର, ବ୍ୟବସାୟରେ ଲାଭ, ଭୂସମ୍ପତ୍ତି ଲାଭ, ଉଚ୍ଚଆଶାରେ ବିଳମ୍ବ, ବିବାଦିତ କାର୍ଯ୍ୟରେ ବିଜୟ, ଶରୀର ସୁସ୍ଥ, ମାନସିକ ଶାନ୍ତି, ନୂତନ କାର୍ଯ୍ୟ ଆରମ୍ଭ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲଡ଼େନ, ସଂଖ୍ୟା-୯, ଆରାଧନା-ଭଗବାନ ବିଷ୍ଣୁ ।

**ଧନୁ:** ବନ୍ଧୁସହଯୋଗ, ଦୂରଯାତ୍ରା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଅଯଥା ଚିନ୍ତା, ଅର୍ଥ ସମସ୍ୟା, ଦୂରଯାତ୍ରାରେ ସଫଳ, ସମ୍ମାନପ୍ରାପ୍ତି, ବିଦ୍ୟାରେ ଅସଫଳ, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ପ୍ରତିକାର- ପିତାମାତାଙ୍କ ସେବା ।

**ମକର:** ପିଲାଙ୍କ କଷ୍ଟ, ଅର୍ଥ ସମସ୍ୟା, ଶରୀର କଷ୍ଟ, ମାନସିକ ଅଶାନ୍ତି, ବନ୍ଧୁ ସହଯୋଗ, ଯାତ୍ରାରେ ସତର୍କ, ସମ୍ପତ୍ତି ବିବାଦ, ଦ୍ରବ୍ୟଲାଭ, ବ୍ୟକ୍ତି ସହାୟତା, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୩, ଆରାଧନା-ଲକ୍ଷ୍ମୀନୃସିଂହ ।

**କୁମ୍ଭ:** କଳହଯୋଗ, ଦୂରଯାତ୍ରା, ଅର୍ଥଖର୍ଚ୍ଚ, ଅଯଥା ଅଶାନ୍ତି, ଶରୀର ଅସୁସ୍ଥ, ବନ୍ଧୁଲାଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶୁଭସମ୍ବାଦ, ଉଚ୍ଚଆଶାରେ ବାଧା, ଲୋକସମ୍ପର୍କ ବୃଦ୍ଧି, ମାନସିକ ଆଘାତ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୮, ଆରାଧନା- ମା' ଭୁବନେଶ୍ୱରୀ ।

**ମୀନ:** ଶାନ୍ତିପ୍ରଦ, ଆଶା ସଫଳ, ବନ୍ଧୁଲାଭ, ଦ୍ରବ୍ୟପ୍ରାପ୍ତି, ଦୂରଯାତ୍ରା, ସନ୍ତାନ ଖୁସି, ନୂତନ ନିଯୁକ୍ତି, ପାରିବାରିକ ସମସ୍ୟା, ବିଦ୍ୟାରେ ସଫଳ, ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହଯୋଗ, ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୭, ଆରାଧନା- ମା' ଭଗବତୀ ।

**ବୈଶାଖ ଶୁକ୍ଳପକ୍ଷ, ଷଷ୍ଠୀ**
**୨୨.୪.୨୦୨୬ ବୁଧବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



ଝାରସୁଗୁଡ଼ା ବିମାନବନ୍ଦରରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରୁଛନ୍ତି ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ






ରାଉରକେଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

### ଟିଟିଲାଗଡ଼ର ମହିଳା ଦୁବାଇରେ ଅଟକ ମାମଲା

## ଉଦ୍ଧାର ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ(ସବ୍ୟୁ): ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ର ମହିଳା ଦୁବାଇରେ ବେଆଇନ ଭାବେ ଅଟକ ରହିଛନ୍ତି। ଯେଉଁ ବ୍ୟକ୍ତି ତାଙ୍କୁ ଅଟକ ରଖିଛନ୍ତି ୭ବର୍ଷ ହେଲା ସେ ମହିଳାଙ୍କ ପାସ୍ପୋର୍ଟକୁ ଫେରାଉ ନାହାନ୍ତି । କୌଣସି ପ୍ରକାରେ ମହିଳା ଜଣକ ଏହି କଥାକୁ ତାଙ୍କର ଜଣେ ପଡ଼ୋଶୀଙ୍କୁ କହିବା ପରେ ଏହି କଥା ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ସମ୍ପୃକ୍ତ ମହିଳାଙ୍କୁ ଉଦ୍ଧାର ପାଇଁ ବଲାଙ୍ଗୀରର ଜଣେ ସ୍ୱେଚ୍ଛାସେବୀ ରଞ୍ଜୁ ରେମାନ ହାଇକୋର୍ଟଙ୍କ ଦ୍ୱାରସ୍ତ ହୋଇଥିଲେ । ହାଇକୋର୍ଟ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ କେନ୍ଦ୍ର ସରକାରଙ୍କୁ ସମ୍ପୃକ୍ତ ମହିଳାଙ୍କୁ ଉଦ୍ଧାର ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ମାମଲାର ଶୁଣାଣି ମେ' ୧୧କୁ ଧାର୍ଯ୍ୟ ହୋଇଛି। ମାମଲାରୁ ଜଣାଯାଇଛି ଯେ, ପୀଡ଼ିତା ମହିଳା ଜଣକ ବିବାହିତ । ଏବଂ ତିନୋଟି ପିଲାର ମା' । ସେ ତାଙ୍କ ସ୍ୱାମୀଙ୍କ ସହ ମୁମ୍ବାଇ କାମ ଅନ୍ୱେଷଣରେ ଯାଇଥିଲେ । ମୁମ୍ବାଇରେ ତାଙ୍କୁ ତାଙ୍କ ସ୍ୱାମୀ ଜଣେ ମହିଳାଙ୍କୁ ବିକ୍ରି କରି ଦେଇଥିଲେ। ଏହି ମହିଳା ଦୁବାଇକୁ ନେଇ ଯାଇ ତାଙ୍କୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରି ଦେଇଥିଲେ । ପ୍ରାୟ ୭ବର୍ଷ ଧରି ମହିଳା ଜଣକ ସେଠାରେ ରହି ଆସୁଛନ୍ତି । ଯେଉଁ ବ୍ୟକ୍ତି ତାଙ୍କୁ ସେଠାରେ ଅଟକ ରଖିଛନ୍ତି ସେ ତାଙ୍କ ପାସ୍ପୋର୍ଟକୁ ମଧ୍ୟ ରଖି ଦେଇଛନ୍ତି। ପାସ୍ପୋର୍ଟ ଫେରାଉ ନଥିବାରୁ ସେ ଏକ ପ୍ରକାର ବନ୍ଦୀଜୀବନ ବିତାଉଛନ୍ତି । ନିକଟରେ ତାଙ୍କର ଏହି ଦୁଃଖ କାହାଣୀ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଟିଟିଲାଗଡ଼ରେ କଥା ଚର୍ଚ୍ଚା ହୋଇଥିଲା। ମହିଳାଙ୍କ ବାପା ଏନେଇ ପ୍ରଥମେ ଟିଟିଲାଗଡ଼ ଥାନାରେ ଏତଲା ଦେଇଥିଲେ। କିନ୍ତୁ ପୁଲିସ୍ କିଛି ପଦକ୍ଷେପ ନନେବାରୁ ସେ ଟିଟିଲାଗଡ଼ ଉପ ଜିଲ୍ଲାପାଳ ଏବଂ ପରେ ବଲାଙ୍ଗୀର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କିନ୍ତୁ ଏଥିରୁ କୌଣସି ସୁଫଳ ନମିଳିବାରୁ ଆବେଦନକାରୀ ସମାଜସେବୀ ମହିଳାଙ୍କ ଉଦ୍ଧାର ପାଇଁ ହାଇକୋର୍ଟରେ ହେବିଅସ୍ କର୍ପସ ମାମଲା ରୁଜୁ କରିଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି ଅବସରରେ କେନ୍ଦ୍ର ସରକାରଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ କହିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ମହିଳାଙ୍କ ସବିଶେଷ ତଥ୍ୟ ପ୍ରଦାନ ପାଇଁ କୁହାଯାଇଥିଲା । ବଲାଙ୍ଗୀର ଡିଏସ୍ପିଙ୍କ ନିକଟରେ ମହିଳାଙ୍କ ସଂକ୍ରାନ୍ତରେ ଥିବା ସମସ୍ତ ଡକ୍ୟୁମେଣ୍ଟ ତୁରନ୍ତ କେନ୍ଦ୍ର ସରକାରଙ୍କୁ ପ୍ରଦାନ ଲାଗି ହାଇକୋର୍ଟ କହିଛନ୍ତି । ଏହି ଡକ୍ୟୁମେଣ୍ଟ ପଇବା ପରେ କେନ୍ଦ୍ର ବୈଦେଶିକ ମନ୍ତ୍ରାଳୟ ମହିଳାଙ୍କ ଉଦ୍ଧାର ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଶିଷ କୁମାର ମିଶ୍ର ମାମଲା ପରିଚାଳନା କରୁଛନ୍ତି।

### ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

## ୨୭ଟି ଜିଲ୍ଲାରେ ବିବାହ ବନ୍ଧନରେ ଆବଦ୍ଧ ହେଲେ ଏକ ହଜାର ଦମ୍ପତି

ଭୁବନେଶ୍ୱର, (ସବ୍ୟୁ): ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଆଜି ସମଗ୍ର ରାଜ୍ୟରେ ଏକ ଐତିହାସିକ ସଫଳତା ହାସଲ କରାଯାଇଛି। 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଅନ୍ତର୍ଗତ ଆଜି ଓଡ଼ିଶାର ୨୭ଟି ଜିଲ୍ଲାରେ ଗୋଟିଏ ଦିନରେ ପ୍ରାୟ ୧,୦୦୦ ଦମ୍ପତିଙ୍କର ବିବାହ କାର୍ଯ୍ୟକ୍ରମ ଅତ୍ୟନ୍ତ ଆଡମ୍ବର ସହ ସମ୍ପନ୍ନ ହୋଇଛି । ଏହି ପବିତ୍ର ଅବସରରେ ଉପ-ମୁଖ୍ୟମନ୍ତ୍ରୀ, ତଥା ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ କାର୍ଯ୍ୟକାରୀ ସଂସ୍ଥାଙ୍କର ମିଳିତ ଆନୁକୁଲ୍ୟରେ ପଦ୍ମାବତୀ ଆମ୍ୟୁଜମେଣ୍ଟ ୱାଟର ପାର୍କଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ ସାମୁହିକ ବିବାହ କାର୍ଯ୍ୟକ୍ରମରେ ୫୬ ନବଦମ୍ପତିମାନଙ୍କୁ ଶୁଭେଚ୍ଛା ଓ ଆଶୀର୍ବାଦ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ




କହିଛନ୍ତି ଯେ, ବାଲେଶ୍ୱରର ଏହି ଗରିମାମୟ ମାଟିରେ ୫୦ରୁ ଅଧିକ ଦମ୍ପତିଙ୍କର ବିବାହ ବନ୍ଧନରେ ଆବଦ୍ଧ ହେବା ଅତ୍ୟନ୍ତ ଆନନ୍ଦର ବିଷୟ । ସେ ସମାଜରୁ ବାଲ୍ୟ ବିବାହ ଓ ଯୌତୁକ ପ୍ରଥା ଭଳି କୁସଂସ୍କାରକୁ ସମ୍ପୂର୍ଣ୍ଣ ରୂପେ ଦୂର କରିବା ପାଇଁ ଅଭିଭାବକ ଓ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି । ଉପ-ମୁଖ୍ୟମନ୍ତ୍ରୀଙ୍କ ସହ ସମ୍ମାନନୀୟ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଉପ-ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ମହିଳା କମିଶନ ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତିଙ୍କ ସମେତ ସ୍ଥାନୀୟ ବିଧାୟକଗଣ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ତଥା ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ବର-କନ୍ୟାଙ୍କୁ ଆଶୀର୍ବାଦ କରିଥିଲେ । ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ମୂଳ ଉଦ୍ଦେଶ୍ୟ ହେଉଛି ଆର୍ଥିକ ଅଭାବ କିମ୍ବା ସାମାଜିକ ଚାପ ଯୋଗୁଁ କନ୍ୟାଙ୍କ ବିବାହ ପାଇଁ କଷ୍ଟ ସହୁଥିବା ପରିବାରକୁ ସହାୟତା ପ୍ରଦାନ କରିବା । ଏହି ଯୋଜନା ଅନୁଯାୟୀ, ପ୍ରତ୍ୟେକ ଯୋଗ୍ୟ କନ୍ୟାଙ୍କ ପାଇଁ ମୋଟ ୬୦,୦୦୦ ଟଙ୍କାର ବ୍ୟବସ୍ଥା ରହିଛି । ସେଥିମଧ୍ୟରୁ ୪୫,୦୦୦ ଟଙ୍କା ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଉଇଞ୍ଜ ମାଧ୍ୟମରେ ପ୍ରଦାନ କରାଯାଉଥିବା ବେଳେ ଅବଶିଷ୍ଟ ୧୫,୦୦୦ ଟଙ୍କା ବିବାହ ଆୟୋଜନ ଓ ପରିଚାଳନା ପାଇଁ ଖର୍ଚ୍ଚ କରାଯାଉଛି ।

## ଓଡ଼ିଶା ଜଳ ବିଦ୍ୟୁତ ନିଗମର ୩୧ତମ ପ୍ରତିଷ୍ଠା ଦିବସ ପାଳିତ



ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ଜଳ ବିଦ୍ୟୁତ ନିଗମର ୩୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କନକ ବର୍ଦ୍ଧନ ସିଂହ ଦେଓ, ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ବିଭାଗ, ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ବିଶାଳ କୁମାର ଦେବ, ଅତିରିକ୍ତ ମୁଖ୍ୟ ସଚିବ, ଶକ୍ତି ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ଏବଂ ଓଡ଼ିଶା ଜଳ ବିଦ୍ୟୁତ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ପ୍ରଣବ କୁମାର ମହାନ୍ତି, ନିର୍ଦ୍ଦେଶକ (ବିତ୍ତ), ସନ୍ଦୀପ ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ), ଅମିୟ କୁମାର ମହାନ୍ତି, ନିର୍ଦ୍ଦେଶକ (ସଂଚାଳନ) ସନ୍ଦୀପ ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ) ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସର ଶୁଭାରମ୍ଭ କରାଯାଇଥିଲା। ଏହାର ଅନ୍ତର୍ଭୁକ୍ତ ଥିଲା ଓଏଚପିସିର ଥିମ୍ ସଙ୍ଗୀତର ଉନ୍ମୋଚନ, ନବୀକୃତ ଆଧିକାରିକ ୱେବସାଇଟର ଶୁଭାରମ୍ଭ, ଅନଲାଇନ ଇ-ବରୁଣର ପ୍ରକାଶନ ଓ ଓସ୍ୱାସ ୨.୦ ର ସମ୍ମିଳନ, ଯାହା ଡିଜିଟାଲ ପ୍ରଶାସନ ଓ କାର୍ଯ୍ୟକୁଶଳତାରେ ଏକ ନୂତନ ପଦକ୍ଷେପ ସୂଚିତ କରେ। ଏହି ଅବସରରେ ବର୍ଷ ୨୦୨୫-୨୦୨୬ ପାଇଁ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ ଓଏଚ୍ପିସିର ବିଭିନ୍ନ ୟୁନିଟ ମାନଙ୍କୁ ସମ୍ମାନିତ କରାଯାଇଥିଲା। ରେଙ୍ଗାଲି ଜଳବିଦ୍ୟୁତ ପ୍ରକଳ୍ପ, ରେଙ୍ଗାଲି ଶ୍ରେଷ୍ଠ ପ୍ରଦର୍ଶନକାରୀ ୟୁନିଟ ଭାବେ ପୁରସ୍କୃତ ହୋଇଥିଲା ବେଳେ ଦ୍ୱିତୀୟ ଶ୍ରେଷ୍ଠ ପ୍ରଦର୍ଶନକାରୀ ୟୁନିଟ ଭାବରେ ଅପର ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପ, ମୁଖିଗୁଡ଼ାକୁ ସମ୍ମାନୀତ କରାଯାଇଥିଲା।

### ବେଆଇନ ବାଲି ଉତ୍ତୋଳନକୁ ବିରୋଧ କରିବାରୁ ଆକ୍ରମଣ

## ଡିଜିପିଙ୍କୁ ଭେଟିଲେ କଂଗ୍ରେସ ପ୍ରତିନିଧି ଦଳ

କଟକ,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳରେ ବାଲି ମାଫିଆଙ୍କ ଦୌରା ।ୟ ଚରମ ସୀମାରେ ପହଞ୍ଚିଛି। ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଉତ୍ତୋଳନକୁ ବିରୋଧ କରିବାରୁ ଗ୍ରାମବାସୀଙ୍କୁ ମରଣାନ୍ତକ ଆକ୍ରମଣ କରାଯାଉଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଆକ୍ରମଣକାରୀଙ୍କୁ ଗିରଫ କରିବା ଦାବିରେ ଆଜି ବରିଷ୍ଠ କଂଗ୍ରେସ ନେତା ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୋଲିସ ମହାନିର୍ଦ୍ଦେଶକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଜଳେଶ୍ୱର ତହସିଲ ଅନ୍ତର୍ଗତ ସେକସରାଇ ଗ୍ରାମର ହରିପଦ ମାନ୍ନା ବେଆଇନ ବାଲି ଖନନ ବିରୁଦ୍ଧରେ ସ୍ୱର ଉଠାଇଥିବାରୁ ଗତ ଏପ୍ରିଲ ୧୦ ତାରିଖରେ ତାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ହରିପଦ ଏବେ ମୃତ୍ୟୁ ସହ ସଂଗ୍ରାମ କରି କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତେବେ ଘଟଣାର ୧୧ ଦିନ ବିତିଯାଇଥିଲେ ହେଁ ପୁଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ନ କରିବା ସ୍ଥାନୀୟ ପୁଲିସର ନିଷ୍କ୍ରିୟତାକୁ ପଦାରେ ପକାଇଛି। ପ୍ରତିନିଧି ଦଳ ଆଜି ଆଇନଶୃଙ୍ଖଳା ଦାୟିତ୍ୱରେ ଥିବା ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସଞ୍ଜୟ କୁମାରଙ୍କୁ ଭେଟି ଜଳେଶ୍ୱର ଓ ବସ୍ତା ଅଞ୍ଚଳରେ ସକ୍ରିୟ ଥିବା ବାଲି ମାଫିଆଙ୍କ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଦୋଷୀଙ୍କୁ ତୁରନ୍ତ ଗିରଫ କରିବା ସହ ନିଷ୍କ୍ରିୟ ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ଏହି ପ୍ରତିନିଧି ଦଳରେ ମାନବାଧିକାର କର୍ମୀ ମନୋଜ ଜେନା ଓ କିଷାନ କଂଗ୍ରେସ ନେତା ଅରୁଣ ଜେନା ପ୍ରମୁଖ ସାମିଲ ଥିଲେ।

## କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ ପରିସରରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଭୁବନେଶ୍ୱର(ସବ୍ୟୁ): କଳିଙ୍ଗର ବରପୁତ୍ର ତଥା କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟର ପ୍ରତିଷ୍ଠାତା ମହାନ ଜନନାୟକ ସ୍ୱର୍ଗତଃ ବିଜୁବାବୁଙ୍କର ୨୯ତମ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତିଚାରଣ ସଭା ଭୁବନେଶ୍ୱର ନୟାପଲ୍ଲୀ ସ୍ଥିତ କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ଟ୍ରଷ୍ଟ ପରିସରରେ ବିଜୁବାବୁଙ୍କର ଏକ ଆବକ୍ଷ ବ୍ରୋଞ୍ଜ ପ୍ରତିମର୍ତ୍ତି ଟ୍ରଷ୍ଟର ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ଡଃ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି ଉତ୍ସବରେ କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ସଚିବ ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଟ୍ରଷ୍ଟି ତଥା ବିଶିଷ୍ଟ ଶିକ୍ଷାବିତ୍ ଓ ବୈଜ୍ଞାନିକ ଡଃ ଓଁକାର ନାଥ ମହାନ୍ତି ଟ୍ରଷ୍ଟି ତଥା କବି, ଲେଖକ ଓ ଶିଳ୍ପପତି ଡଃ ଶ୍ରୀକାନ୍ତ ମିଶ୍ର ଟ୍ରଷ୍ଟି ତଥା ଆଡ଼ଭୋକେଟ ଅଶ୍ୱିନୀ ପଟ୍ଟନାୟକ ଟ୍ରଷ୍ଟି ଅମର ନାଥ ମିଶ୍ର ଟ୍ରଷ୍ଟି ତଥା ଶିକ୍ଷା ଉଦ୍ୟୋଗୀ ଧର୍ମେନ୍ଦୁ ପଟ୍ଟନାୟକ ଆଦି ସଦସ୍ୟମାନେ ଉପସ୍ଥିତ ରହି ବିଜୁବାବୁଙ୍କର ସ୍ମୃତିଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ଭାଷାତତ୍ତ୍ୱବିତ ପଦ୍ମଶ୍ରୀ ଡଃ ଦେବୀପସନ୍ନ ପଟ୍ଟନାୟକ, ଗାନ୍ଧିବାଦୀ ପ୍ରହଲ୍ଲାଦ ସିଂ, ଇଂ. ପାର୍ଥସାରଥି ମୁଦୁଲି ପ୍ରମୁଖ ସ୍ମୃତିଚାରଣ କରି ବିଜୁବାବୁଙ୍କୁ ଜଣେ ରାଷ୍ଟ୍ର ନାୟକ ଏବଂ ପ୍ରବାଦ ପୁରୁଷ ଭାବରେ ବର୍ଣ୍ଣନା କରିଥିଲେ । ଶେଷରେ ଯୁଗ୍ମ ମ୍ୟାନେଜିଂ ଟ୍ରଷ୍ଟି ବୈଜ୍ଞାନିକ ଡ଼କଫର ଚିତ୍ତରଂଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ



। ଏହି ସ୍ମୃତିଚାରଣ ସଭାରେ ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଡାକ୍ତର ଅଶୋକ କୁମାର ମହାପାତ୍ର, ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ ପ୍ରମୁଖଉପସ୍ଥିତ ରହି ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ ।

### ସାମପୁର ଉଚ୍ଛେଦ ମାମଲା

## ଦଲାଲଙ୍କ ବିରୋଧରେ କୋର୍ଟ ଯିବାକୁ ବାସହରାଙ୍କ ମେଳି

ଭୁବନେଶ୍ୱର, (ସବ୍ୟୁ) : ସାମପୁରରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ସରିଛି । ଦଲାଲଙ୍କ ବିରୋଧରେ କୋର୍ଟ ଯିବାକୁ ବାସହରା ମେଳି ବାନ୍ଧୁଛନ୍ତି । ଅର୍ଥାତ୍ ବୈଠକ କରି କୋର୍ଟ ଯିବା ପାଇଁ ସେମାନଙ୍କ ମଧ୍ୟରେ ନିଷ୍ପତ୍ତି ହୋଇଛି । ଜମି ବିକିଥିବା ଦଲାଲମାନେ ଏହା ଜାଣିବା ପରେ କୋର୍ଟକୁ ଯିବା ପାଇଁ ଯେଉଁମାନେ ନେତୃତ୍ୱ ନେଉଛନ୍ତି ସେମାନଙ୍କୁ ହତ୍ୟା ଧମକ ମିଳୁଥିବା ଗଣମାଧ୍ୟମକୁ ସେ କହିଛନ୍ତି । ସରକାରଙ୍କ ପକ୍ଷରୁ ଉଚ୍ଛେଦ କରାଯାଇଥିବା ୬୮ ଏକର ଜମିରେ ହୋର୍ଡିଂ ଲଗାଯାଇଛି । ହୋର୍ଡିଂରେ ଲେଖା ରହିଛି ସରକାରୀ ଜମିରେ ଅନୁପ୍ରବେଶ ଦଣ୍ଡନୀୟ ଅପରାଧ ।

ରାଜଧାନୀ ଉପକଣ୍ଠ ଭରତପୁର ଥାନା ଅନ୍ତର୍ଗତ ସାମପୁର ମୌଜାରେ ଥିବା ୬୮ ଏକର ଜମିକୁ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବିଡିଏକୁ ହସ୍ତାନ୍ତର କରାଯାଇଥିଲା । ବିଡିଏ ପକ୍ଷରୁ ସେହି ଜମିରେ ପାଚେରି ନିର୍ମାଣ କରାଯାଇଥିବା ବେଳେ ଦଲାଲମାନେ ତାକୁ ଭାଙ୍ଗି ଦେଇଥିଲେ । ସେହି ଜମିକୁ ଭୂଦାନ ଜମି କହି ପ୍ଲଟିଂ କରି ୧ଲକ୍ଷରୁ ୫ଲକ୍ଷ ପର୍ଯ୍ୟନ୍ତ ଟଙ୍କାରେ ଦଲାଲମାନେ ବିକ୍ରି କରିଥିଲେ । ଏପରିକି ସେହି

### କ୍ଷତିଗ୍ରସ୍ତଙ୍କୁ ହତ୍ୟା ଧମକ

ଜମିରୁ ବିକ୍ରି କରି ପ୍ରାୟ ୫୦କୋଟି ଟଙ୍କା ଦଲାଲ ନେଇଥିବା ବାସହରା ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଇଓଡବ୍ଲ୍ୟୁରେ ମାମଲା ହୋଇଥିଲା । ହେଲେ ତଦନ୍ତ ପ୍ରକ୍ରିୟା କ'ଣ ପାଇଁ ତ୍ୱରାନ୍ୱିତ ହେଲାନାହିଁ, ତାହା ସନ୍ଦେହରେ ।

ଇଓଡବ୍ଲ୍ୟୁରେ ମାମଲା ଥାଇ ତଦନ୍ତ ହେଉନଥିବାରୁ କିମ୍ବା ଦଲାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ବାସହରାମାନେ ଦଲାଲଙ୍କ ବିରୋଧରେ କୋର୍ଟ ଯିବାକୁ ନିଷ୍ପତ୍ତି କରି ବୈଠକ କରୁଛନ୍ତି । ସେମାନଙ୍କ ମେଳିକୁ ଭଣ୍ଡୁର କରିବା ପାଇଁ ନେତୃତ୍ୱ ନେଉଥିବା ବାସହରାଙ୍କୁ ହତ୍ୟା ଧମକ ଦେଉଛନ୍ତି ଦଲାଲ । ସବୁ ସରକାରୀସ୍ତରରେ ଏହା ଜଣାଥିଲେ ମଧ୍ୟ ଗରିବ ବାସହରାଙ୍କ ଦୁଃଖ କେହି ବୁଝୁନାହାନ୍ତି । ଦଲାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ । ସେମାନେ ଏମାନଙ୍କ ଠାରୁ ଟଙ୍କା ନେଇ ସ୍ଥିତିବାନ ଜମି କିଣିଥିବା ଅଭିଯୋଗ ହେଉଛି । ବିଡିଏ ଜମିରେ ପାଚେରି କରି କୌଣସି ଉନ୍ନୟନମୂଳକ କାର୍ଯ୍ୟ ନକରିବା ସୁଯୋଗରେ ଦଲାଲମାନେ ଜମିକୁ ପ୍ଲଟିଂ କରି ବିକିବା ଆରମ୍ଭ କରିଥିଲେ । ଯେଉଁମାନେ ଗ୍ରାହକ ସଂଗ୍ରହ କରୁଥିଲେ ସେମାନଙ୍କୁ ଦଲାଲ କମିଶନ ଦେଉଥିଲେ । ଏତେବଡ ଗୋଟିଏ ପ୍ୟାଚ୍ ସରକାରୀ ଜମି ଉପରେ ଦଲାଲରାଜ ଚାଲିଥିବା ବେଳେ କେହି କିପରି କିଛି ପଦକ୍ଷେପ ନେଉନଥିଲେ ବାସହରାଙ୍କ ମଧ୍ୟରେ ତାହା ଚର୍ଚ୍ଚା ହେଉଛି ।

ସରକାରଙ୍କ ପକ୍ଷରୁ ଲାଗିଥିବା ହୋର୍ଡିଂ ଓ ଜମି ଉପରେ ଯଦି ସତର୍କ ନଜର ରଖାନଯାଏ ବା ଉନ୍ନୟନମୂଳକ କାର୍ଯ୍ୟ କରାନଯାଏ ତାହା ପୁଣି ସମସ୍ୟା ସୃଷ୍ଟି କରିପାରେ । ହୋର୍ଡିଂକୁ ଦଲାଲମାନେ କାଟି ଫୋପାଡି ଦେଇପାରନ୍ତି । କାରଣ ଏହିପରି ହୋର୍ଡିଂ ଲାଗିଥିବା ସରକାରୀ ଜମି ଉପରେ ମଧ୍ୟ ବସ୍ତି ଗଢିଉଠିଛି । କେବଳ ସାମପୁର ନୁହେଁ ରାଜଧାନୀ ଉପକଣ୍ଠରେ ଥିବା ବହୁ ଜମିରେ ଏହିପରି ଘଟଣା ଦୈନିକ ଘଟୁଛି । ତେଣୁ ସାମପୁର ଭଳି ଯେପରି ଅନ୍ୟ କୌଣସି ସରକାରୀ ଜମିରେ ଘଟଣା ନଘଟେ ସେଥିପ୍ରତି ସରକାର ସତର୍କ ରହିବା ଉଚିତ୍ ।

### ପୁଣି ମାତିଲେ ଚୋର, ଘରେ ପଶି ଚୋରି କଲେ ସୁନା ଗହଣା

ବେତନଟୀ, (ସବ୍ୟୁ) :ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନରେ ଚୋର ଗ୍ୟାଙ୍ଗ ସକ୍ରିୟ ହୋଇଥିବା ବେଳେ ପୁଲିସ ଏଯାବତ ଏହାର କୌଣସି ଟେର ପାଉନଥିବାର ପରିଲକ୍ଷିତ କରାଯାଉଛି । ରବିବାର ରାତିରେ ବୈଶିଙ୍ଗା ଅଞ୍ଚଳରେ ଦୁଇଟି ସ୍ଥାନରୁ ଚୋରି ହୋଇଥିବା ବେଳେ ସୋମବାର ରାତିରେ ବୈଶିଙ୍ଗା ଥାନା ଅଧୀନ ପତଡ଼ା ଗ୍ରାମରେ ଘରେ କେହି ନଥିବାର ସୁଯୋଗ ନେଇ କଳା କନା ବୁଲାଇଲେ ଦୁର୍ବୃତ୍ତ । ପ୍ରାପ୍ତ ସୂଚନା ମୁତାବକ ଗତ କିଛି ଦିନ ହେବ ବୈଶିଙ୍ଗା ପୁଲିସକୁ ଚ୍ୟାଲେଞ୍ଜ କରି ବିଭିନ୍ନ ଘରୁ ଚୋରି ହେଉଥିବାର ଦେଖିବାକୁ ମିଳୁଛି । ସନ୍ତରା ଗ୍ରାମପଞ୍ଚାୟତ ଅଧୀନ ପତଡ଼ା ଗ୍ରାମର ସୁଜାତା ମହାପାତ୍ର ପରିବାର ବର୍ଗଙ୍କ ସହ ବାହାରକୁ ଯାଇଥିଲେ ।

## ପରମହଂସ ଶ୍ରୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ଆସନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ଆମ ଦେଶରେ ବିଭିନ୍ନ ସମୟରେ ଅନେକ ସନ୍ଥ ମହାପୁରୁଷ ଜନ୍ମଲାଭ କରି ସମାଜ ପାଇଁ ଦିଗବାରେଣୀର ଭୂମିକା ନିର୍ବାହ କରିଛନ୍ତି । ସେହିପରି



ଜଣେ ସନ୍ଥ ଯୁଗପୁରୁଷ ହେଉଛନ୍ତି ସଦଗୁରୁ ପରମହଂସ ଶ୍ରୀ ନିଗମାନନ୍ଦ ସରସ୍ୱତୀ ଦେବ । ଆଜି ଦେଶର ପ୍ରାୟ ୪୦୦ଟି ସ୍ଥାନରେ ଥିବା ଆସନ ମନ୍ଦିର ମଧ୍ୟରେ ଦିଲ୍ଲୀ ଆସନ ମନ୍ଦିର ପ୍ରମୁଖ ସ୍ଥାନ ଗ୍ରହଣ କରି ସ୍ୱାମୀ ନିଗମାନନ୍ଦଙ୍କ ବାଣୀ ପ୍ରଚାର ପ୍ରସାରରେ ସହାୟକ ହେଉଛି । ଭାରତର ରାଜଧାନୀ ଦିଲ୍ଲୀରେ ପୁରୀ ସାରସ୍ୱତ ସଂଘର ଏକ ଶାଖା ଦିଲ୍ଲୀ ସାରସ୍ୱତ ସଂଘ ୧୯୯୯ ମସିହାରେ ପ୍ରତିଷ୍ଠା କରାଯାଇ ଛତରପୁର ଠାରେ ଏକ ଆସନ ମନ୍ଦିର ନିର୍ମାଣ କରାଯାଇଥିଲା । ଛତରପୁର ଠାରେ ଥିବା ଏହି ଆସନ ମନ୍ଦିର ଆଜି ଏହାର ଅନତିଦୂରରେ ଡେରା ରୋଡରେ ଦେଢ ଏକର ପରିମିତ ଜାଗାରେ ଏକ ଭବ୍ୟ ଏବଂ ଦିବ୍ୟ ମନ୍ଦିର ଭାବରେ ସ୍ଥାପନ କରାଯାଇଛି । ଏହି ନୂତନ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଏବଂ ଧ୍ୱଜାରୋହଣ ଉତ୍ସବ ଏପ୍ରିଲ ୧୯ ତାରିଖରେ ଆଧ୍ୟାତ୍ମିକ ରୀତିନୀତି ଏବଂ ବାତାବରଣ ସଂପନ୍ନ ହୋଇଛି । ଏହି ଭବ୍ୟ ଆସନମନ୍ଦିରର ପ୍ରାଣ ପ୍ରତିଷ୍ଠାରେ ସଦଗୁରୁ ନିଗମାନନ୍ଦ ଦେବଙ୍କ ଦ୍ୱାରା ରଚିତ ଚାରୋଟି ପୁସ୍ତକ ଯୋଗୀ ଗୁରୁ, ଜ୍ଞାନୀ ଗୁରୁ, ପ୍ରେମିକ ଗୁରୁ ଏବଂ ତାନ୍ତ୍ରୀକ ଗୁରୁର ହିନ୍ଦି ସଂସ୍କରଣକୁ ପାଠକାର୍ପିତ କରିଛନ୍ତି । ଦିଲ୍ଲୀ ସାରସ୍ୱତ ସଂଘର ସଭାପତି ସଂଗ୍ରାମ ଧର, ସଂପାଦକ ତପନ କୁମାର ମହାପାତ୍ର ଏବଂ କୋଷାଧ୍ୟକ୍ଷ ଜୀତେନ୍ଦ୍ର ନାଥ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଭବ୍ୟ ମଙ୍ଗଳ କାର୍ଯ୍ୟକ୍ରମରେ ନିଳାଚଳ ସାରସ୍ୱତ ସଂଘ, ପୁରୀର ସଭାପତି ଏବଂ ମାର୍ଗ ଦର୍ଶକ ସନ୍ତୋଷ କୁମାର ମହାନ୍ତି, ପରିଚାଳକ ସରତ ଚନ୍ଦ୍ର ସିଂହଦେଓ ଆଦି ବିଶିଷ୍ଟ ନିଗମ ଅନୁଗାମୀଙ୍କ ଉପସ୍ଥିତ ଥିଲେ ।

# ଭୁବନେଶ୍ୱରରେ ବିଶାଳ ମହିଳାଜନଆକ୍ରୋଶ ସମାବେଶ ଆଜି

ଭୁବନେଶ୍ୱର, (ସବ୍ୟୁ): ମହିଳା ସଂରକ୍ଷଣ ବିଲ୍ ଗୃହିତ ନହେବା ଫଳରେ ମହିଳାମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଆକ୍ରୋଶକୁ ସମ୍ମାନ ଓ ସମର୍ଥନ ଜଣାଇ ଭାରତୀୟ ଜନତା ପାର୍ଟି ରାଜରାସ୍ତାକୁ ଓହ୍ଲାଇବାକୁ ନିଷ୍ପତି ନେଇଛି । ଏହି ପରିପ୍ରେକ୍ଷୀରେ ବୁଧବାର ଏପ୍ରିଲ ୨୨ ତାରିଖ ଦିନ ରାଜଧାନୀ ଭୁବନେଶ୍ୱରଠାରେ ବିଶାଳ ମହିଳା ଆକ୍ରୋଶ ଯାତ୍ରା ଅନୁଷ୍ଠିତ ହେବ। ସମାଜରୁ ଆସିଥିବା ପ୍ରତ୍ୟେକ ବର୍ଗର ମହିଳା ଏହି ଯାତ୍ରାରେ ସାମିଲ ହେବେ। ବୁଧବାର ଅପରାହ୍ନ ୪ଟାରେ ଏହି ଆକ୍ରୋଶ ଯାତ୍ରା ପ୍ରଦର୍ଶନୀ ପଡ଼ିଆରୁ ଆରମ୍ଭ ହୋଇ ଲୋୟର ପିଏମ୍‌ଜି ପର୍ଯ୍ୟନ୍ତ ଯିବ। ଏହି ଅବସରରେ ଛୋଟ ଛୋଟ ପଥପ୍ରାନ୍ତ ସଭା ମଧ୍ୟ କରାଯିବ। ଏହି ମହିଳା ଆକ୍ରୋଶ ରାଲିରେ ୫୦ହଜାରରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେବେ ବୋଲି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡା. ଐଶ୍ବର୍ଯ୍ୟା ବିଶ୍ୱାଳ ସୂଚନା ଦେଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡା. ବିଶ୍ୱାଳ କହିଛନ୍ତି ଯେ, ସେହିଭଳି ଅନେକ ଜନସଚେତନତା କାର୍ଯ୍ୟକ୍ରମ ମଧ୍ୟ କରାଯିବ। ରାଜ୍ୟର ପ୍ରତ୍ୟେକ ଜିଲ୍ଲା




ସମେତ ପ୍ରମୁଖ ସହରମାନଙ୍କରେ ସାମ୍ବାଦିକ ସମ୍ମିଳନୀ ଜରିଆରେ ରାଜ୍ୟର ମାଁ ଓ ଭଉଣୀଙ୍କୁ ବିରୋଧୀ ଦଳଗୁଡିକର ମହିଳା ବିରୋଧୀ ଆଭିମୁଖ୍ୟକୁ ପର୍ଦ୍ଦାଫାଶ କରାଯିବ। ଏପ୍ରିଲ ୨୪ ଓ ୨୫ ତାରିଖ ଦିନ ରାଜ୍ୟର ସମସ୍ତ ସାଂଗଠନିକ ଜିଲ୍ଲାରେ ମହିଳା ଆକ୍ରୋଶ ସମ୍ମିଳନୀ ଏବଂ ଏପ୍ରିଲ ୨୭ ରୁ ୨୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ମଣ୍ଡଳରେ ମହିଳା ଆକ୍ରୋଶ ପଦଯାତ୍ରା ଅନୁଷ୍ଠିତ ହେବ। ମହିଳା ମୋର୍ଚ୍ଚା ଏବଂ ସମାଜର ବିଭିନ୍ନ ବର୍ଗର ପ୍ରତିଷ୍ଠିତ ଭଉଣୀମାନେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଆଲୋଚନାଚକ୍ର କରି ସେମାନଙ୍କ ସହ ହୋଇଥିବା ଅନ୍ୟାୟ ସମ୍ପର୍କରେ ପ୍ରତିବାଦ କରିବେ।

ଡା. ବିଶ୍ୱାଳ କହିଛନ୍ତି ରାଜନୀତି କ୍ଷେତ୍ରରେ ମହିଳାମାନଙ୍କର ଭାଗିଦାରିତା ବହୁତ କମ୍ ରହିଛି। ତଥ୍ୟ ଅନୁସାରେ ଲୋକସଭାରେ ଏବେ ମାତ୍ର ୧୪% ମହିଳା ଥିଲାବେଳେ ଦେଶର ଅନେକ ରାଜ୍ୟରେ ମହିଳା ବିଧାୟକଙ୍କ ସଂଖ୍ୟା ଅତ୍ୟନ୍ତ ନଗଣ୍ୟ ରହିଛି। ଏଥିପାଇଁ ରାଜନୀତି କ୍ଷେତ୍ରରେ ସେମାନଙ୍କୁ ସଶକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦିଜୀ ଏହି ଅଧିନିୟମ ଆଣିଥିଲେ। ମାତ୍ର ମହିଳାମାନଙ୍କୁ ସେମାନଙ୍କ ଅଧିକାରରୁ ବଂଚିତ କରାଇ କଂଗେସ ନେତୃତ୍ୱାଧୀନ ବିରୋଧୀ ଦଳଗୁଡିକ ସେମାନଙ୍କ ମନରେ ଆକ୍ରୋଶ ମନୋଭାବ ସୃଷ୍ଟି କରିଛି। କଂଗ୍ରେସଠାରୁ ଆରମ୍ଭ କରି ବିଜେଡି, ଆମ୍ ଆଦମୀ ପାର୍ଟି, ସମାଜବାଦୀ ପାର୍ଟି ପର୍ଯ୍ୟନ୍ତ ସବୁଦଳ ପରିବାର କେନ୍ଦ୍ରିକ ଦଳ। ସେମାନେ କେବଳ ନିଜର ପରିବାର ମହିଳାମାନଙ୍କୁ ରାଜନୀତି କ୍ଷେତ୍ରରେ ଆଗକୁ ଆଣିବାକୁ ଚାହାନ୍ତି। ବିଜେପି ଏକ ଏକମାତ୍ର ଦଳ ଯେଉଁଠାରେ ସାଧାରଣ ମହିଳାମାନେ ସମ୍ମାନର ସହ ଆଗକୁ ଆସିପାରନ୍ତି। ମାତ୍ର ସଂରକ୍ଷଣ ନ ଥିବାରୁ ସେମାନେ ପଛରେ ପଡିଯାଇଛନ୍ତି। ଏହି ବିଲ ପାରିତ ନକରି ଯଦି ବିରୋଧି ଦଳ ଭାବୁଥିବେ ସେମାନେ ଖୁସିରେ ରହିବେ, ତାହାଲେ ବିଜେପି ଓ ସାଧାରଣ ଜନତା ଏହାର ଦୃଢ଼ ପ୍ରତିବାଦ କରିବ ବୋଲି ଡା. ବିଶ୍ୱାଳ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ରାଜ୍ୟ ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକ, ପିଙ୍କି ପ୍ରଧାନ, ମମତା ସିଂହ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଜୟନ୍ତୀ ପଡ଼ିଆରୀ, ରୋଜାଲିନ୍ ଦାସ ଓ ରାଜ୍ୟ ପ୍ୟାନେଲିଷ୍ଟ ତୃପ୍ତି ମକଦ୍ଦମ ପ୍ରମୁଖ ଉପସ୍ଥିତ ଥିଲେ।

### ଗୀତିକବି ଜୟଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

# ଉନ୍ମୋଚିତ ହେଲା 'ଜୟଦେବ ଲହରୀ'

କଟକ, (ସବ୍ୟୁ) ବିଶ୍ୱପ୍ରସିଦ୍ଧ ସଂସ୍କୃତ ଗୀତିକାବ୍ୟ ଗୀତଗୋବିନ୍ଦର ରଚୟିତା ତଥା ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ କବି ଜୟଦେବଙ୍କ ୪୬ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ପିଆଇବି ର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର, ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଶ୍ରୀକାନ୍ତ ତରାଇ ପ୍ରମୁଖ ଯୋଗ ଦେଇ ଥିଲେ । ମୁଖ୍ୟ ବକ୍ତା ଭାବେ 'ସମୟ'ର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର



ଅକ୍ଷୟ ତୃତୀୟା ତିଥିରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ତଥା ଆୟୁର୍ବେଦ ଗବେଷକ ଦୀନବନ୍ଧୁ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ଆଧ୍ୟାତ୍ମିକ ଗୁରୁ ଶ୍ରୀମଦ୍ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ଜଷ୍ଟିସ୍ ଡଃ ଦୁର୍ଗାପ୍ରସନ୍ନ ଚୌଧୁରୀ, ଯୋଗ ଦେଇ ଜୟଦେବଙ୍କ ସୃଷ୍ଟି ତାଙ୍କୁ କାଳଜୟୀ ସ୍ରଷ୍ଟାର ପରିଚୟ ଦେଇଛି' ବୋଲି କହିଥିଲେ। ଏଥିରେ ନିତ୍ୟନୂତନ'ର ସମ୍ପାଦକ ପଣ୍ଡିତ ଡଃ ପ୍ରବୋଧ କୁମାର ମିଶ୍ର, ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ ଷଡ଼ଙ୍ଗୀ ଓ ଡାକ୍ତର ମିନତୀ ମହାରଣା ପ୍ରମୁଖ ଯୋଗଦେଇ କବି ଜୟଦେବଙ୍କ ଲେଖା ଓ ଜୀବନୀ ସମ୍ପର୍କରେ ମତପୋଷଣ କରିଥିଲେ । ଏହି ଅବସରରେ ଆଲୋଚନାଚକ୍ର, ରାଜ୍ୟସ୍ତରୀୟ ସ୍ମରଣିକା 'ଜୟଦେବ ଲହରୀ-୨୦୨୬ ଉନ୍ମୋଚନ, କେତେକ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ଜୟଦେବ ସମ୍ମାନ ପ୍ରଦାନ, କବି ସମ୍ମିଳନୀ, ତର୍କ ପ୍ରତିଯୋଗିତା, ଗୀତା, ଦଶଅବତାର ନୃତ୍ୟ ପରିବେଷଣ, ସ୍ୱାସ୍ଥ୍ୟ ଏବଂ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜୟନ୍ତୀ ଉତ୍ସବରେ ଡାକ୍ତର ବିବ୍ୟଜ୍ୟୋତି ମହାରଣା, ଅଧ୍ୟାପକ ଅଶୋକ କୁମାର ପଣ୍ଡା, ଅଜିତ କୁମାର ମହାପାତ୍ର, ଡାକ୍ତର ପ୍ରଗତି ସାହୁ, ଶିକ୍ଷାବିତ୍ ଗୋବର୍ଦ୍ଧନ ସାହୁ, କିଶୋର ଚନ୍ଦ୍ର ପ୍ରଧାନ, ଶିକ୍ଷାବିତ୍ ଧୀରେନ୍ଦ୍ର ନାୟକ, ସାଗରିକା ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

### ପୁରୀରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ସମାରୋହ

# ବିବାହ କଲେ ୬୭ ବର କନ୍ୟା, ପରିବାର ଦେଲେ ସରକାରଙ୍କୁ ଧନ୍ୟବାଦ

ପୁରୀ, (ସବ୍ୟୁ): ମଙ୍ଗଳବାର ପୁରୀ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ସମାରୋହ ବଗଲା ଧର୍ମଶାଳା ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ୬୭ ବର କନ୍ୟା ବିବାହ ସୂତ୍ରରେ ଆବଦ୍ଧ ହୋଇଥିଲେ।ଏହି



ଉପଲକ୍ଷେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଭିଡିଓ ବାର୍ତ୍ତା ମାଧ୍ୟମରେ ଯୋଗ ଦେଇ ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଏକ ଐତିହାସିକ ଯୋଜନା ବୋଲି କହିଥିଲେ। ଅନେକ ଗରିବ ଓ ଅସହାୟ ପରିବାର ରେ କନ୍ୟା ବିବାହ ଏକ କଷ୍ଟ ଦାୟକ ବ୍ୟାପାର ହୋଇଥାଏ। ଆର୍ଥିକ ଦୃଷ୍ଟି କୋଣରୁ ଅନେକ କନ୍ୟା ବିବାହ ରୁ ବଞ୍ଚିତ ହୋଇଥାନ୍ତି।କିନ୍ତୁ ସରକାରଙ୍କ ର ଏହି ମହତ୍ୱକାଂକ୍ଷୀ ଯୋଜନା ସେମାନଙ୍କ ପାଇଁ ବରଦାନ ସଦୃଶ୍ୟ ହୋଇଛି ବୋଲି ସେ କହିବା ସହ ସମସ୍ତ ନବ ଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର,ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ଏହି ଯୋଜନା ମାଧ୍ୟମରେ ଆର୍ଥିକ ଦୁର୍ବଳ, ଗରିବ ଓ ଅସହାୟ ପରିବାର କେବଳ ଉପକୃତ ହେବେ ନାହିଁ ବରଂ ଏକ ନୂଆ ପରିବାର ଘର ଓ ପରିବାର ବସାଇବାର ସ୍ୱପ୍ନ କୁ ସାକାର କରି ପାରିବେ ବୋଲି କହିଥିଲେ। ଏହି ଅବସରରେ ନବ ଦମ୍ପତି ଙ୍କୁ ବିବାହ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା।ସରକାରଙ୍କ ଏହି ଯୋଜନା ମାଧ୍ୟମରେ ପ୍ରତ୍ୟେକ ନବଦମ୍ପତି ଙ୍କ ପାଇଁ ୬୦ ହଜାର ଟଙ୍କା ର ବ୍ୟବସ୍ଥା କରାଯାଇଛି। ଏଥିରୁ ୪୫ ହଜାର ଟଙ୍କା ଦମ୍ପତି ଙ୍କ ଆକାଉଣ୍ଟ କୁ ଯିବ।ଅନ୍ୟ ୧୫ ହଜାର ଟଙ୍କା ରେ ବିବାହ ମଣ୍ଡପ ଠାରୁ ଆରମ୍ଭ କରି ବିବାହ ର ସମସ୍ତ ବ୍ୟବସ୍ଥା, ଭୋଜି ଆୟୋଜନ ଇତ୍ୟାଦି ବ୍ୟବସ୍ଥା ସଂପୃକ୍ତ ଏଜେନ୍ସି କରିବେ। ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ପ୍ରମୁଖ ଯୋଗ ଦେଇଥିଲେ।ଶେଷରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଧନ୍ୟବାଦ ଅର୍ପଣ କରିଥିଲେ।ପତିତା ଉଦ୍ଧାର ସମିତି ଏହାର ଆୟୋଜନ ଦାୟିତ୍ୱ ନେଇ ସମସ୍ତ କାର୍ଯ୍ୟ କୁ ସୁନ୍ଦର ଭାବେ ପରିଚାଳନା କରିଥିଲେ।

## କଏଦୀଙ୍କ ସୁନାଅଳଙ୍କାର ଗାଏବ ଘଟଣାରେ ଜେଲ ୱାର୍ଡ଼ର ଗିରଫ୍

ଚୌଦ୍ୱାର,(ସ.ବ୍ୟୁ): କିଛି ମାସ ତଳେ ଜଣେ କଏଦୀର ସୁନା ଅଳଙ୍କାର ଗାଏବ ଘଟଣାକୁ ନେଇ ବେଶ୍ ଚର୍ଚ୍ଚାରେ ଥିଲା ଚୌଦ୍ୱାର ଜେଲ । ସୂଚନାଥାଉକି, ମାହାଙ୍ଗା ଥାନା ଅଂଚଳର ଇତିଶ୍ରୀ ମହାନ୍ତି ନାମକ ଜଣେ ମହିଳା କୌଣସି ଏକ କେସ୍‌ରେ ବିଚାରଧୀନ କଏଦୀ ଭାବେ ୨୦୨୫ ସେପ୍ଟେମ୍ବର ୨୩ରେ ଚୌଦ୍ୱାର ଜେଲକୁ ଆସିଥିଲେ । ସେ ପିନ୍ଧିଥିବା ସୁନାମୁଦି, କାନଫୁଲ ଓ ନାକଫୁଲ ଆଦି ସୁନାଅଳଙ୍କାର ଜେଲରେ ଥିବା ସିସିଟିଭି ସାମ୍ନାରେ ଜେଲ କର୍ମଚାରୀଙ୍କ ଜିମ୍ମା ଦେଇଥିଲେ । ୩ ମାସ ପରେ ଅର୍ଥାତ୍ ୨୦୨୫ ଡିସେମ୍ବର ୨୩ରେ ଜେଲରୁ ଜାମିନ୍‌ରୁ ବାହାରିଥିବା ବେଳେ ଶ୍ରୀମତୀ ମହାନ୍ତିଙ୍କୁ ଜେଲ କର୍ତ୍ତୃପକ୍ଷ ତାଙ୍କର ଅଳଙ୍କାର ଫେରାଇ ପାରିନଥିଲେ । ଯାହାକୁ ନେଇ ସେ ଚୌଦ୍ୱାର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଏହାପରେ ଜେଲର ଅଧୀକ୍ଷକ ସୁଜିତ୍ କୁମାର ରାଉଳ ଓ ତତ୍କାଳୀନ ଜେଲରଙ୍କ ଭିତରେ ଦୋଷ ଲଦାଲଦି ହୋଇ ଉଭୟ ଉଭୟଙ୍କ ନାମରେ ଦୁଇଟି ଅଭିଯୋଗ ଚୌଦ୍ୱାର ଥାନାରେ କରିଥିଲେ । ଅବଶ୍ୟ ପରବର୍ତ୍ତୀ ମୁହୂର୍ତ୍ତରେ ଜେଲ ଅଧୀକ୍ଷକ ସୁନା ଅଳଙ୍କାର ବାବଦରେ ନିଜସ୍ୱ ପାଣ୍ଠିରୁ ୧ଲକ୍ଷ ୯୦ହଜାର ଟଙ୍କା ସମ୍ପୃକ୍ତ କଏଦୀଙ୍କୁ ଫେରାଇଥିଲେ । କିନ୍ତୁ ଘଟଣାର ତଦନ୍ତ ଜାରି ରହିଥିବା ବେଳେ ଏହି ସୁନା ଗାଏବ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଆଜି ଚୌଦ୍ୱାର ଥାନା ତରଫରୁ ଜେଲ ୱାର୍ଡ଼ର ମନୋଜ ମଣ୍ଡଳଙ୍କୁ ଗିରଫ୍ କରାଯାଇ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି ।

# ନାରୀଶକ୍ତି ବନ୍ଦନ ନୁହେଁ ଏହା କେନ୍ଦ୍ର ସରକାରର କ୍ରନ୍ଦନ : ମହିମା ସିଂ

ଭୁବନେଶ୍ୱର,(ସବ୍ୟୁ): ଏଆଇସିସି ମୁଖପାତ୍ର ମହିମା ସିଂହ କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମହିଳା ସଂରକ୍ଷଣ ବିଲକୁ ନେଇ କେନ୍ଦ୍ର ସରକାରଙ୍କୁ ଖୋଲା ଆହ୍ୱାନ ଦେଇଥିଲେ । ଏଆଇସିସି ମୁଖପାତ୍ର ଶ୍ରୀମତୀ ସିଂହ ଗଣମାଧ୍ୟମକୁ କହିଲେ ,ଯେ ନାରୀ ଶକ୍ତି ବନ୍ଦନ ଆଇନ ସଂଶୋଧନ ବିଲ୍, ୨୦୨୬, ମହିଳା ଶକ୍ତି ବିରୁଦ୍ଧରେ ବିଜେପି ଷଡ଼ଯନ୍ତ୍ର କରି ଆଗତ




କରିଥିଲା । ସଂସଦରେ ପରାଜୟ ପରଠାରୁ, ମୋଦି ବ୍ୟବସ୍ଥା ଆତଙ୍କିତ ଅବସ୍ଥାରେ ଅଛି । ଧାରା ୩୩୪(ବ) ଅନୁଯାୟୀ, କୌଣସି ଜାତି ଜନଗଣନା, ଜନଗଣନା କମିଶନ ଏବଂ ବିଶେଷଜ୍ଞଙ୍କ ସହିତ କୌଣସି ପରାମର୍ଶ ନଥିଲା - ଏହା କେବଳ ମହିଳା ସଶକ୍ତିକରଣ ନାମରେ ବିଲକୁ ପାରିତ କରି କ୍ଷମତା ବଜାୟ ରଖିବାର ଏକ ଷଡ଼ଯନ୍ତ୍ର ଥିଲା । ନାରୀ ଶକ୍ତି ବନ୍ଦନ ଆଇନ ୨୦୨୩, ଯେଉଁଥିରେ ସମଗ୍ର ବିରୋଧୀଙ୍କ ସମ୍ମତି ଅନ୍ତର୍ଭୁକ୍ତ ଥିଲା, ଶେଷରେ ଏପ୍ରିଲ ୧୬, ୨୦୨୬ ରେ ଅଧିସୂଚିତ ହୋଇଥିଲା । ସରକାରଙ୍କ କଥା ସଂସଦରେ ଦୁଇ ଦିନ ଆଲୋଚନା ପରେ ମନଇଚ୍ଛା ସୀମା ନିର୍ଦ୍ଧାରଣ ସଂଶୋଧନ ଶେଷରେ ପ୍ରତ୍ୟାଖାନ ହୋଇଗଲା । ଏହା ମହିଳା ଶକ୍ତି ପ୍ରତି ବନ୍ଦନ ନୁହେଁ, ବରଂ ବିଜେପିର ବିଫଳତାର କ୍ରନ୍ଦନ ଅଟେ । ୨୦୨୩ ମସିହାରେ, ମୋଦି ସରକାର ସମ୍ବିଧାନ ସଂଶୋଧନ କରି ଧାରା ୩୩୪(କ) ଯୋଡିଥିଲେ ଏବଂ ଜନଗଣନା ପରେ ସୀମା ନିର୍ଦ୍ଧାରଣ ଆବଶ୍ୟକ କରୁଥିବା ଏକ ବିଲ୍ ପାସ୍ କରିଥିଲେ । ତଥାପି, କଂଗ୍ରେସ ଏବଂ ସମଗ୍ର ବିରୋଧୀ ଏହାକୁ ସମର୍ଥନ କରିଥିଲେ ଏବଂ ୨୦୨୪ ନିର୍ବାଚନରେ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ, କିନ୍ତୁ ମୋଦି ସରକାରଙ୍କ ଏପରି କରିବାର କୌଣସି ଉଦ୍ଦେଶ୍ୟ ନଥିଲା । ସେତେବେଳେ ମଧ୍ୟ, ବିଜେପି ସାଂସଦମାନେ କହିଥିଲେ ଯେ ଏହା ଦଶ ବର୍ଷ ମଧ୍ୟରେ କାର୍ଯ୍ୟକାରୀ ହେବ, ଏବଂ ଆମେ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଆମର ଦାବିକୁ ବାରମ୍ବାର ଦୋହରାଇଥିଲେ ।

# ଟାଟା ଇଣ୍ଟ୍ରା ଇଭିର କୋଷ୍ଟ ଟୁ ହିଲ୍ ଡ୍ରାଇଭ୍ ଚ୍ୟାଲେଞ୍ଜ

ଭୁବନେଶ୍ୱର,(ସବ୍ୟୁ): ଟାଟା ମୋଟର୍ସ ନଖରାର ତୃପ୍ତି ଅଟୋମୋଟିଭ୍ସରେ ସମ୍ପୂର୍ଣ୍ଣ ନୂତନ ଟାଟା ଇଣ୍ଟ୍ରା ଇଭି ସହିତ କୋଷ୍ଟ ଟୁ ହିଲ୍ ଡ୍ରାଇଭ୍ ଚ୍ୟାଲେଞ୍ଜ ଆରମ୍ଭ କରିଛି । ଏହି ପଦକ୍ଷେପ ଉପକୂଳ ସମତଳ ଅଞ୍ଚଳରୁ ଚ୍ୟାଲେଞ୍ଜିଂ ପାହାଡ଼ି ଅଞ୍ଚଳ ପର୍ଯ୍ୟନ୍ତ ବିଭିନ୍ନ ଭୂମିରେ ଯାନର ବାସ୍ତବ-ବିଶ୍ୱ ପ୍ରଦର୍ଶନ ପ୍ରଦର୍ଶନ କରିବା ପାଇଁ ଡିଜାଇନ୍ କରାଯାଇଛ । ଚ୍ୟାଲେଞ୍ଜର ଏକ ଅଂଶ ଭାବରେ, ଏହି ଡ୍ରାଇଭ୍ ବାଲେଶ୍ୱରରୁ ମାଲକାନଗିରି ପର୍ଯ୍ୟନ୍ତ ଏକ ରୁଟ୍ ବିସ୍ତାର କରିବ, ଯାହା ବିଭିନ୍ନ ରାସ୍ତା ଏବଂ ଭୂଖଣ୍ଡ ପରିସ୍ଥିତିକୁ କଭର କରିବା ପାଇଁ ରଣନୀତିକ ଭାବରେ ଡିଜାଇନ୍ କରାଯାଇଛି ।ଏହି କରିଡର ସହିତ, ୧୫ଟି ଚାର୍ଜିଂ ଷ୍ଟେସନ୍ ପୂର୍ବରୁ ଅଛି,



ଯାହା ଏହି ଡ୍ରାଇଭ୍ ମାଧ୍ୟମରେ ଇଭି ଭିତ୍ତିଭୂମି ଉପରେ ବିଶ୍ୱାସକୁ ସୁଦୃଢ଼ କରିବ । ଏହି ଅବସରରେ ତୃପ୍ତି ଅଟୋମୋଟିଭ୍ସର ଏମଡି ବିମଳେନ୍ଦୁ ମହାନ୍ତି କହିଛନ୍ତି, ଟାଟା ଇଣ୍ଟ୍ରା ଏହାର ନିର୍ଭରଯୋଗ୍ୟତା ଏବଂ କାର୍ଯ୍ୟଦକ୍ଷତା ପାଇଁ ବିଭିନ୍ନ ସେଗମେଣ୍ଟରେ ଗ୍ରାହକଙ୍କ ବିଶ୍ୱାସ ଅର୍ଜନ କରିସାରିଛି । ଇଣ୍ଟ୍ରା ଇଭି ପ୍ରଚଳନ ସହିତ, ଆମେ ଗତିଶୀଳତାର ଏକ ନୂତନ ଯୁଗରେ ପ୍ରବେଶ କରୁଛୁ ଯାହା ନିର୍ଭରଯୋଗ୍ୟତା ସହିତ ସ୍ଥାୟୀତ୍ୱକୁ ମିଶ୍ରଣ କରେ । ଏଥି ସହିତ ଅଙ୍କିତ ମହାନ୍ତି ଉଲ୍ଲେଖ କରିଛନ୍ତି ଯେ ଇଣ୍ଟ୍ରା ଇଭିକୁ ଦକ୍ଷ, ମୂଲ୍ୟ-ପ୍ରଭାବଶାଳୀ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ପାଇଁ ଡିଜାଇନ୍ କରାଯାଇଛି, ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ବଜାରରେ ବିକଶିତ ବ୍ୟବସାୟିକ ଆବଶ୍ୟକତା ପୂରଣ କରିବା ସହିତ, ଏକ ଅଧିକ ସ୍ଥାୟୀ ଭବିଷ୍ୟତକୁ ପ୍ରୋତ୍ସାହିତ କରୁଛି ।

# ଭାରତ ବିକାଶ ପରିଷଦ, ଭୁବନେଶ୍ୱର ସେଣ୍ଟ୍ରାଲ୍ ଶାଖାର ଶପଥ ଗ୍ରହଣ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ଭାରତ ବିକାଶ ପରିଷଦ, ଭୁବନେଶ୍ୱର ସେଣ୍ଟ୍ରାଲ୍ ଶାଖାର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ଅଧ୍ୟକ୍ଷ ଡ଼ଃ ମହେଶ ପ୍ରସାଦ ରାଉତ ନବନିର୍ବାଚିତ ଅଧ୍ୟକ୍ଷଙ୍କୁ ଔପଚାରିକ ଭାବରେ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ନବନିର୍ବାଚିତ ଅଧ୍ୟକ୍ଷ ପ୍ରଫେସର ଡ଼ଃ ଜ୍ୟୋତ୍ସ୍ନା ମହାପାତ୍ର ତାଙ୍କର ଅଭିଭାଷଣରେ ଆଗାମୀ ବର୍ଷ ପାଇଁ ପରିଷଦର କାର୍ଯ୍ୟପଥ (ରୋଡମ୍ୟାପ୍) ବିଷୟରେ ଉଲ୍ଲେଖ କରିଥିଲେ। ସେ ସମ୍ପର୍କ ବୃଦ୍ଧି, ସାମାଜିକ ସେବା କାର୍ଯ୍ୟକ୍ରମର ବିସ୍ତାର, ସଂସ୍କୃତିକ ମୂଲ୍ୟବୋଧର ପ୍ରଚାର ଏବଂ ସମସ୍ତ ସଦସ୍ୟଙ୍କ ସକ୍ରିୟ ସହଭାଗିତା ମାଧ୍ୟମରେ ସଂଗଠନକୁ ଆହୁରି ସୁଦୃଢ଼ କରିବାର ଯୋଜନା ପ୍ରସ୍ତୁତ କରିଥିଲେ। ଏହି ଶପଥ ମାଧ୍ୟମରେ ସମସ୍ତ ନିର୍ବାଚିତ




ସଦସ୍ୟମାନେ ସମାଜ ସେବା, ସଂସ୍କୃତିର ସୁରକ୍ଷା ଓ ସଂଗଠନର ଉନ୍ନତି ପାଇଁ ନିଜକୁ ନିବେଶିତ କରିବାର ପ୍ରତିଜ୍ଞା କଲେ। ଏହି ଅବସର ସଭ୍ୟମାନଙ୍କ ମଧ୍ୟରେ ଏକତା, ଉତ୍ସାହ ଓ ସେବାଭାବକୁ ଆହୁରି ସୁଦୃଢ଼ କରିଥିଲା। ନବନିର୍ବାଚିତ ସଦସ୍ୟମାନଙ୍କ ମଧ୍ୟରେ ସଚିବ ଭାବେ ପ୍ରସନ୍ନ କୁମାର ଦିକ୍ଷିତ, ଅର୍ଥ ସଚିବ ନିରଞ୍ଜନ ନନ୍ଦ ଶପଥ ନେଇଥିଲେ।

# ପିସିସି ପକ୍ଷରୁ ଜନନାୟକ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ



ରାଜ୍ୟପାଳ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ଶ୍ରାଦ୍ଧ ଉତ୍ସବ କଂଗ୍ରେସ ଭବନରେ ପାଳିତ ହୋଇଯାଇଛି ।ଏହି ଅବସରରେ ସକାଳେ ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ ବହୁ କଂଗ୍ରେସ ନେତୃବୃନ୍ଦ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପୂର୍ଣ୍ଣାଙ୍ଗ ଅବୟବରେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ । ପରେ କଂଗ୍ରେସ ଭବନ କାର୍ଯ୍ୟାଳୟରେ ଆୟୋଜିତ ରକ୍ତଦାନ ଶିବିରକୁ ପିସିସି ସଭାପତି ଶ୍ରୀ ଦାସ ଉଦ୍‌ଘାଟନ କରିଥିଲେ । କଂଗ୍ରେସ ନେତୃବୃନ୍ଦଙ୍କ ଉପସ୍ଥିତିରେ କଂଗ୍ରେସ କର୍ମୀମାନେ ରକ୍ତଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜେ.ବି ପଟ୍ଟନାୟକ, ଯୋଗିନାଥ ବାହୁବଳେନ୍ଦ୍ର, ମନୋଜ ବିଶ୍ୱାଳ, ମିହିର ଆଚାର୍ଯ୍ୟ, ଲିଙ୍ଗରାଜ ସାହୁ ଓ ବଳଦେବ ରଥ ପ୍ରମୁଖ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଅନନ୍ତ ପ୍ରସାଦ ସେଠୀ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ସମିର କୁମାର ରାଉତରାୟ, ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ଡ. ଦେବାଶିଷ ପଟ୍ଟନାୟକ, ଯଶୋବନ୍ତ ସିଂ ଲାଗୁରି, ରଞ୍ଜିତ ପାତ୍ର,ୟାସିର ନଓ୍ୱାଜ, ଚିନ୍ମୟ ସୁନ୍ଦର ଦାସ, ମନୋରଞ୍ଜନ ଦାଶ, ପ୍ରକାଶ ଜେନା, ଶାନ୍ତାୟନ ମିଶ୍ର, ସସ୍ମିତା ପଣ୍ଡା, ତରୁଣ ମିଶ୍ର, ଅଭୟ ସାହୁ, ମାନସ ଆଚାର୍ଯ୍ୟ, ବିଶ୍ୱଜିତ ଦାଶ, ଶ୍ରିୟାସ୍ମିତା ପଣ୍ଡା, ବିଭୁ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ମା ମଙ୍ଗଳାଙ୍କ ୫୬ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ଜଟଣୀ, (ସବ୍ୟୁ) : ସ୍ଥାନୀୟ ପୌରାଞ୍ଚଳ ଅନ୍ତର୍ଗତ ରାଜା ବଜାର ଠାରେ ଅବସ୍ଥିତ ମା ମଙ୍ଗଳାଙ୍କ ୫୬ତମ ବାର୍ଷିକ ଉତ୍ସବ ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ରୀତିନୀତି ମୁତାବକ ପ୍ରାତଃ ସମୟରୁ ମଙ୍ଗଳାଙ୍କର ଦୈନନ୍ଦିନ ପୂଜାବିଧି କରାଯିବା ସହିତ ଅଙ୍କୁରାରୋପଣ ଓ ଜଳଯାତ୍ରା, ଶାଳାମଣ୍ଡପ, ଦେବତା ଆବାହନ,ଅଗ୍ନି ସ୍ଥାପନ, ସୂର୍ଯ୍ୟପୂଜା, ଗୋପୂଜା, ଶାଳାପୂଜା ଆଦି ଅନୁଷ୍ଠିତ ହୋଇଥିଲା । ସେଠାରେ ହୋମ ଅନୁଷ୍ଠିତ ହେବା ସହିତ ମାଆଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା ।ହରିବୋଲ,ହୁଳହୁଳି ଧ୍ୱନି ଶବ୍ଦରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟି ଓ ଅଂଚଳ ବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା ।

### ସମ୍ବଲପୁରରେ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଉତ୍ସବ

# ମହିଳାଙ୍କ ସ୍ୱାଭିମାନ ଓ ସଶକ୍ତିକରଣ ଡବଲ ଇଞ୍ଜିନ ସରକାରର ପ୍ରାଥମିକତା : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ସମ୍ବଲପୁର ଧନୁପାଲି ସ୍ଥିତ ଆଦିତ୍ୟ କଲ୍ୟାଣ ମଣ୍ଡପ ଠାରେ ଆଜି 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଅନ୍ତର୍ଗତ ଏକ ମାନବିକ ତଥା ପବିତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ଏକ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ନବଦମ୍ପତିଙ୍କୁ ନିଜର ଶୁଭେଚ୍ଛା ଜଣାଇବା ସହ ଏହି ଯୋଜନାକୁ ସରକାରଙ୍କ ସମ୍ବେଦନଶୀଳତାର ପରିଚୟ ବୋଲି ଅଭିହିତ କରିଛନ୍ତି।



ସମ୍ବଲପୁର ଜିଲ୍ଲାର ବିଭିନ୍ନ ବ୍ଲକ ଓ ମ୍ୟୁନିସିପାଲିଟି ଅଞ୍ଚଳର ୨୨ ଜଣ ନବଦମ୍ପତି ବିବାହ ବନ୍ଧନରେ ବାନ୍ଧି ହୋଇ ଏକ ନୂତନ ଜୀବନ ଆରମ୍ଭ କରିଛନ୍ତି । କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ନିଜ ବାର୍ତ୍ତାରେ କହିଛନ୍ତି ଯେ, ଏହା କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଆତ୍ମୀୟତା, ଭାବନା ଓ ଦାୟିତ୍ୱବୋଧର ଏକ ଅନନ୍ୟ ନିଦର୍ଶନ । ଏହା ଏକ ସେବାକାରୀ ଶାସନ ବ୍ୟବସ୍ଥାର ପ୍ରମାଣ । ରାଜ୍ୟରେ 'ସୁଭଦ୍ରା' ଯୋଜନାରୁ ଆରମ୍ଭ କରି 'କନ୍ୟା ବିବାହ ଯୋଜନା' ପର୍ଯ୍ୟନ୍ତ ସମସ୍ତ ପଦକ୍ଷେପ ମହିଳାମାନଙ୍କୁ ସମାଜରେ ସ୍ୱାଭିମାନର ସହ ଆଗକୁ ବଢ଼ିବାରେ ସହାୟକ ହେବ । କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ସମସ୍ତ ପରିବାରବର୍ଗଙ୍କୁ ଅଭିନନ୍ଦନ ଜଣାଇବା ସହ କାର୍ଯ୍ୟକ୍ରମର ସଫଳତା କାମନା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପଞ୍ଚାୟତିରାଜ, ପାନୀୟ ଜଳ ଏବଂ ଗ୍ରାମୀଣ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ଏବଂ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ରହି ନବଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ, ପରିବାର ସଦସ୍ୟ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ନାବାଳିକା ଅସଦାଚରଣ ମାମଲା, ଅଭିଯୁକ୍ତକୁ ୩ ବର୍ଷ ଜେଲ୍

ବ୍ରହ୍ମପୁର, (ସବ୍ୟୁ): ଏକ ନାବାଳିକା ଅସଦାଚରଣ ମାମଲାର ବିଚାରଣ କରି ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ପୋକସୋ ଅଦାଲତର ଜଜ୍ ପ୍ରଣତୀ ପଟ୍ଟନାୟକ ଜଣେ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଯୁବକ ଜଣଙ୍କ ହେଲେ ପୋଲସରା ଥାନା ଅଞ୍ଚଳର ରବିନ୍ଦ୍ର ସ୍ୱାଇଁ ଓରଫ ପପିନା(୩୦)।

ଜେଲ ଦଣ୍ଡ ସହ ତାଙ୍କୁ ୫ ହଜାର ଟଙ୍କା ଜୋରିମାନା ଦେବାକୁ ଜଜ ନିର୍ଦ୍ଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ ଅତିରିକ୍ତ ୫ ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଜଜ ନିଜ ରାୟରେ ଉଲ୍ଲେଖ କରିବା ସହ ପିଡ଼ିତା ନାବାଳିକାଙ୍କୁ ୩ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶଯେ, ୨୦୨୧ ଜୁନ ୪ ତାରିଖରେ ପୋଲସରା ଥାନା ଅଞ୍ଚଳର ଏକ ଗ୍ରାମର ୧୨ ବର୍ଷୀୟ ନାବାଳିକା ପୋଖରୀକୁ ଗାଧୋଇ ଯାଇଥିଲେ। ସେ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ରବିନ୍ଦ୍ର ତାଙ୍କୁ ଅଟକାଇବା ସହ ନିକଟସ୍ଥ ଏକ ନିକାଞ୍ଚ ସ୍ଥାନକୁ ଟେକି ନେଇଯାଇଥିଲେ। ସେଠାରେ ନାବାଳିକା ସହ ଅସଦାଚରଣ କରିବା ସହ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା ଜଣଙ୍କ ଚିତ୍କାର କରିବାରୁ ଗ୍ରାମାବସୀ ଘଟଣାସ୍ଥଳରେ ପହଞ୍ଚିଯାଇଥିଲେ।

ଏହା ଦେଖି ଅଭିଯୁକ୍ତ ରବିନ୍ଦ୍ର ସେଠାରୁ ଦୌଡି ପଳାଇଥିଲେ। ନାବାଳିକାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଘଟଣାକୁ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୩୨୯/୨୧) ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତ ରବିନ୍ଦ୍ରକୁ ଗିରଫ ପରେ ଜେଲ ପଠାଇ ଯାଇଥିଲା। ପରବର୍ତ୍ତୀ ସମୟରେ ସେ ଜାମିନରେ ମୁକୁଳିଥିଲେ। ମାମଲାର ବିଚାରଣ ବେଳେ ୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜଜ୍ ଆଜି ଉପରୋକ୍ତ ରାୟ ପ୍ରକାଶ କରିଥିଲେ। ରାୟ ପ୍ରକାଶ ବେଳେ ଅଭିଯୁକ୍ତ ରବିନ୍ଦ୍ର କୋର୍ଟରେ ହାଜର ହୋଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ଛାତ୍ରୀ ମୃତ୍ୟୁ ଘଟଣା: ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ମୋରଡା ଯୁବ କଂଗ୍ରେସର ବିକ୍ଷୋଭ



ବାରିପଦା, (ସବ୍ୟୁ) : ମୋରଡା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ। ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ କାକବନ୍ଧ ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟ ଖାଇ ଛାତ୍ରୀ ଅସୁସ୍ଥ ଓ ମୃତ୍ୟୁ ଘଟଣାର ବିକ୍ଷୋଭ ପ୍ରଦର୍ଶନ କଲା ମୋରଡା ଯୁବ କଂଗ୍ରେସ। ମୃତ ଛାତ୍ରୀଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା ସମେତ ଅନ୍ୟାନ୍ୟ ଛାତ୍ରୀଙ୍କ କ୍ଷତିପୂରଣର ଦେବା ପାଇଁ ଦାବୀ ରଖିଛନ୍ତି। କେବଳ ସେତିକି ନୁହେଁ ମୋରଡା ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଇସ୍ତଫା ଦାବୀ କରିଛି ମୋରଡା ଯୁବ କଂଗ୍ରେସ। ସଂପୃକ୍ତ ଘଟଣାର ବିଚାର ବିଭାଗୀୟ ତଦନ୍ତ ଓ ମନ୍ତ୍ରୀ ମଣ୍ଡଳରୁ ମନ୍ତ୍ରୀଙ୍କୁ ତୁରନ୍ତ ବହିଷ୍କାର କରା ନଗଲେ ଆଗାମୀ ୨୮ ତାରିଖ ଯୁବ କଂଗ୍ରେସ ପୁଣି ଥରେ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରିବ। ଆଜିର କାର୍ଯ୍ୟକ୍ରମରେ ଯୁବ କଂଗ୍ରେସର ବହୁ କର୍ମୀ ଓ କର୍ମକର୍ତ୍ତା ସାମିଲ ଥିବାବେଳେ ମୋରଡା ଯୁବ କଂଗ୍ରେସର ସଭାପତି ତାପସ ରଞ୍ଜନ ରାଉତ, ପୂର୍ବତନ ଯୁବ କଂଗ୍ରେସ ସଭାପତି ଶଶିଧର ବେହେରା, ମୁନା ଧଳ ଓ ଯୁବ କଂଗ୍ରେସ ନେତା ଶୁଭ କୁମାର ମହାନ୍ତ, ଏମ୍.ଡି ନାଜିର ହୁଲକ, ଲୋସନ ସାହୁ, ଅସିତ୍ ବେହେରା, ସନାତନ ଦେ, ଅକ୍ଷୟ ମହାନ୍ତ, ବଡସାହି ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଦିପ୍ତିଭାନୁ ସେନାପତି ଆଦି ନେତୃତ୍ୱ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୋରଡା ବ୍ଲକର ପୂର୍ବତନ ସଭାପତି ରାଜେଶ ପଢିଆରୀ ବରିଷ୍ଠ ଯୁବନେତା ମୋହନ ଦସ, ବାରିପଦା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରମୋଦ କୁମାର ହେମ୍ବ୍ରମ, ଉଦଳା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ଦୁର୍ଗାଚରଣ ଟୁଡୁ, ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ପୂର୍ବତନ ପ୍ରାର୍ଥୀ ମୁରଲୀ ନାୟକ, ବରିଷ୍ଠ କଂଗ୍ରେସ ନେତା ସଭାକର ମୁଖି, ଶୁଳିଆପଦା ବ୍ଲକ କଂଗ୍ରେସ କମିଟି ସଭାପତି ଦ୍ୱାରିକା ନାଥ ଧିର, ରାସଗୋବିନ୍ଦପୁର ବ୍ଲକ କଂଗ୍ରେସ କମିଟି ସଭାପତି ହରିଶ ଚନ୍ଦ୍ର ସେଠୀ, ପୂର୍ବତନ ସଭାପତି ଜଗେନ୍ଦ୍ର ମହାନ୍ତି, ବଡସାହି ବ୍ଲକ କଂଗ୍ରେସ କମିଟି ସଭାପତି ଶଶାଙ୍କ ଶେଖର କର ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ଅମରଜିତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଗଞ୍ଜେଇ ଜବତ, ବିହାରୀ ଯୁବକ ଗିରଫ



ବ୍ରହ୍ମପୁର, (ସବ୍ୟୁ): ବେଆଇନ ଭାବେ ଗଞ୍ଜେଇ ଚାଲାଣ କରୁଥିବା ଜଣେ ଯୁବକଙ୍କୁ ଗୋଷାଣୀନୂଆଗାଁ ପୋଲିସ ଗିରଫ କରିଛି । ଅଭିଯୁକ୍ତ ଜଣଙ୍କ ବିହାର ଖାଗରିଆ ଜିଲାର କାଶ୍ୟପ କୁମାର(୨୧) । ପୋଲିସ ତାଙ୍କ ନିକଟରୁ ଏକ ଅଖା ବ୍ୟାଗରେ ଥିବା ୧୩ କେଜି ୩୫୦ ଗ୍ରାମ ଗଞ୍ଜେଇ ଜବତ କରିଛି । ସେହିପରି ଗୋଟିଏ ମୋବାଇଲ, ୭୦୯ ଟଙ୍କା ମଧ ଜବତ କରିଛି । ମାମଲା ନଂ ୧୪୩/୨୬ ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ଯୁବକ ଜଣଙ୍କ କନ୍ଧମାଳରୁ ଗଞ୍ଜେଇ ଆଣି ବ୍ରହ୍ମପୁରରୁ ଟ୍ରେନ ଯୋଗେ ବିହାରରୁ ଚାଲାଣ କରିଥାନ୍ତେ ବୋଲି ପୋଲିସ ଜେରା ବେଳେ ଜାଣିବାକୁ ପାଇଛି ।

ପ୍ରକାଶ ଯେ, ଜଣେ ଯୁବକ ଏକ ବ୍ୟାଗରେ ଗଞ୍ଜେଇ ଟ୍ରେନରେ ଚାଲାଣ କରିବାକୁ ଯାଉଥିବା ଖବର ପାଇ ଗୋଶାଣିନୂଆଗାଁ ଏସଆଇ ଗୌରବ ରଞ୍ଜନ ଦାଶଙ୍କ ନେତୃତ୍ୱରେ ଏକ ଟିମ ଷ୍ଟେସନ ନିକଟରେ ପେଟ୍ରୋଲିଂ କରୁଥିଲେ । ଦୁର୍ଗା ହୋଟେଲ ନିକଟରେ ଜଣେ ଯୁବକ ସନ୍ଦେହଜନକ ଅବସ୍ଥାରେ ଠିଆ ହୋଇଥିବା ବେଳେ ଟିମ ସେଠାରେ ପହଞ୍ଚି ତାଙ୍କ ପରିଚୟ ପଚାରିବା ସହ ସେ ଧରିଥିବା ବ୍ୟାଗ ଯାଞ୍ଚ କରିଥିଲେ। ବ୍ୟାଗ ଭିତରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଥିଲା । ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା ବେଳେ ସେ ଉକ୍ତ ଗଞ୍ଜେଇ ବିହାର ନେଇ ଯାଉଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ ।

# ରେଳଧାରଣାରୁ ମୃତଦେହ ଜବତ

ବ୍ରହ୍ମପୁର, (ସବ୍ୟୁ): ସରକାରୀ ରେଳବାଇ ପୋଲିସ ରେଳଧାରଣରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି । ସେ ହେଲେ ବଡଗଡ ଥାନା ଅନ୍ତର୍ଗତ ମାଣିକପୁର ଗ୍ରାମର ସନ୍ତୋଷ କୁମାର ସାହୁ(୪୯) । ପୋଲିସ ମୃତଦେହ ଜବତ କରି ଏସଂକ୍ରାନ୍ତରେ ପୋଲିସ ୨୪/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ସେ ଏକ ବସରେ କଣ୍ଡକଟର ଭାବେ କାମ କରୁଥିବା ଜଣାପଡିଛି । ପ୍ରାଥମିକ ତଦନ୍ତରୁ ସନ୍ତୋଷ କୌଣସି ଘରୋଇ ଅଶାନ୍ତିରୁ ବ୍ରହ୍ମପୁର ରେଳଷ୍ଟେସନ ଆସିଥିବା ବେଳେ ଟ୍ରେନରେ କଟି ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି । ଘଟଣାରୁ ପ୍ରକାଶ ଯେ, ଉକ୍ତ ସନ୍ତୋଷ ସାହୁ ସୋମବାର ସନ୍ଧ୍ୟାରେ ତାଙ୍କର ଜଣେ ବନ୍ଧୁଙ୍କୁ ମାନସିକ ଦୁଶ୍ଚିନ୍ତାରେ ଥିବା କହି ସେଠାରୁ ଚାଲି ଆସିଥିଲେ । ସନ୍ତୋଷଙ୍କ ବନ୍ଧୁଙ୍କ ସନ୍ଦେହ ହୋଇଥିଲା । ଏନେଇ ସେ ସନ୍ତୋଷଙ୍କ ସ୍ତ୍ରୀ'ଙ୍କୁ ଜଣାଇଥିଲେ ।

ଅନ୍ୟପଟେ ରାତ୍ର ସାଢେ ୮ଟା'ବେଳେ ପ୍ଲାଟଫର୍ମ ଦୁଇ ରେଳଧାରଣରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିବା ପୋଲିସ ଜାଣିବାକୁ ପାଇଥିଲା । ଅନ୍ୟପଟେ ମୃତ ସନ୍ତୋଷଙ୍କ ଝିଅ ବ୍ରହ୍ମପୁରରେ ରହି ଏକ ବିଶ୍ୱବିଦ୍ୟାଳୟରେ ପିଜି କରୁଥିବା ବେଳେ ମା'ଙ୍କ ଠାରୁ ଖବର ପାଇ ରେଳଷ୍ଟେସନରେ ପହଞ୍ଚି ପୋଲିସ ଉପସ୍ଥିତିରେ ବାପାଙ୍କ ମୃତଦେହ ଚିହ୍ନଟ କରିଥିଲେ । ରାତ୍ର ହୋଇଯାଇଥିବାରୁ ପୋଲିସ ମୃତଦେହ ଏମକେସିଜି ମେଡିକାଲରେ ସଂରକ୍ଷିତ ରଖିଥିଲା । ମଙ୍ଗଳବାର ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି ।

# ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ଥାନା ଅନ୍ତର୍ଗତ ଉଦୟପୁର ଗ୍ରାମ ନିକଟ ମୁଖ୍ୟ ସଡକରେ ସୋମବାର ରାତିରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି । ଗୁରୁତର ଯୁବକ ଜଣକ ହେଲେ ପଥରବଣି ଗାଁର ସୀତାକାନ୍ତ ଗୌଡ(୨୧) । ପ୍ରକାଶ ଯେ, ସୀତାକାନ୍ତ ଦ୍ରୁତଗତିରେ ବାଇକ୍ ଚଳାଇ ଯାଉଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ । ଦୁର୍ଘଟଣାରେ ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ସ୍ଥାନୀୟ ଲୋକେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ବୁଗୁଡା ମେଡିକାଲକୁ ପଠାଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା ।

# ମହିଳା ବିଲ୍‌କୁ ବିରୋଧ କରି କଂଗ୍ରେସ ମହିଳାଙ୍କ ସହ ପ୍ରତାରଣା କରିଛି

ବ୍ରହ୍ମପୁର, (ସବ୍ୟୁ): ସଂସଦରେ ଗତ ୧୬ ଓ ୧୭ ଏପ୍ରିଲରେ ନାରୀ ଶକ୍ତି ବନ୍ଦନ ସମେତ ଗୁରୁତ୍ୱପୂର୍ଣ୍ଣ ବିଲକୁ ବିରୋଧ କରି କଂଗ୍ରେସ, ସମାଜବାଦୀ ପାର୍ଟି, ଟିଏମସି ଓ ଡିଏମକେ ଦଳ ଦେଶର ଅଧା ଜନସଂଖ୍ୟା ମହିଳା ମାନଙ୍କ ସହ ବିଶ୍ୱାସଘାତକତା କରିଛନ୍ତି ବୋଲି ଭାରତୀୟ ଜନତା ପାର୍ଟି ଅଭିଯୋଗ କରିଛି । ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ, ବ୍ରହ୍ମପୁରର ଏକ ଘରୋଇ ହୋଟେଲ୍‌ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ପଷ୍ଟ କରିଛନ୍ତି, ମହିଳାଙ୍କୁ ନୀତି ନିର୍ଦ୍ଧାରଣରେ ଭାଗିଦାରୀ ଦେବା କୌଣସି ଅନୁଗ୍ରହ ନୁହେଁ, ଏହା ସେମାନଙ୍କର ସ୍ୱାଭାବିକ ଅଧିକାର। ଯେଉଁମାନେ ଏହି ଐତିହାସିକ ସୁଯୋଗକୁ ବାଧା ଦେଉଛନ୍ତି, ଆଗାମୀ ନିର୍ବାଚନରେ ମହିଳା ମାନଙ୍କ ପ୍ରବଳ କ୍ରୋଧର ସମ୍ମୁଖୀନ ହେବେ। ସୀମା ନିର୍ଦ୍ଧାରଣ ବିଲ୍ ବିଷୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସ୍ପଷ୍ଟ କରିଛନ୍ତି ଯେ, କୌଣସି ରାଜ୍ୟର କ୍ଷତି ହେବ ନାହିଁ ଏବଂ ଦକ୍ଷିଣ ଭାରତର ଆନୁପାତିକ ପ୍ରତିନିଧିତ୍ୱ ସୁରକ୍ଷିତ ରହିବା ସହ ବୃଦ୍ଧି ପାଇବ । ତଥାପି ବିରୋଧୀ ଦଳଗୁଡ଼ିକ ମିଥ୍ୟା ପ୍ରଚାର କରୁଛନ୍ତି ଏବଂ କୋଟା ଭିତରେ ଧର୍ମଭିତ୍ତିକ ସଂରକ୍ଷଣର ଅସାମ୍ବିଧାନିକ ଦାବି କରୁଛନ୍ତି । ସାଂସଦ ଅନିତା ଶୁଭଦର୍ଶିନୀ କହିଛନ୍ତି, ଭାରତୀୟ ଜନତା ପାର୍ଟି ମହିଳା ସଶକ୍ତିକରଣ ଏବଂ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧ ।

ଏହି ମହିଳା-ବିରୋଧୀ ଶକ୍ତିମାନଙ୍କ ବିରୁଦ୍ଧରେ ଆମେ ଦୃଢ଼ତାର ସହ ଲଢ଼ିବୁ । ଆଗାମୀ ନିର୍ବାଚନରେ ମହିଳା ମାନେ ଏହାର ଉଚିତ ଜବାବ ଦେବେ । ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଜିଲ୍ଲା ବିଜେପି ସଭାପତି ସରୋଜ ସାବତ ସମେତ ବିଜେପିର ମହିଳା ନେତ୍ରୀ ସମେତ ବହୁ ବିଜେପି ନେତା କର୍ମୀ ଉପସ୍ଥିତ ରହିଥିଲେ ।

# ଦୁର୍ଘଟଣାରେ ବାପା, ମା ଗୁରୁତର ଅଳ୍ପକେ ବର୍ତ୍ତିଲେ ଶିଶୁ କନ୍ୟା

ଛତ୍ରପୁର, (ସବ୍ୟୁ): ସଡକ ଦୁର୍ଘଟଣାରେ ସ୍ୱାମୀ ଓ ସ୍ତ୍ରୀ ଗୁରୁତର ଆହତ ହୋଇଥିବା ବେଳେ ୨ବର୍ଷର ଶିଶୁ କନ୍ୟା ଅଳ୍ପକେ ବର୍ତି ଯାଇଛନ୍ତି । ଏଭଳି ଘଟଣା ଛତ୍ରପୁର ଥାନା ଅଧିନ ଜାତୀୟ ରାଜପଥ ଭାଗ୍ୟଲକ୍ଷ୍ମୀନଗର ନିକଟରେ । ଏକ ବାଇକ ଯୋଗେ ଗଞ୍ଜାମ ପରିବହନ ବିଭାଗରେ କାର୍ଯ୍ୟରତ ବିଶ୍ୱ ରଞ୍ଜନଙ୍କ ପରିବାର ନୟାଗଡରୁ ଛତ୍ରପୁର ଅଭିମୁଖେ ଆସୁଥିବା ବେଳେ ଭାଗ୍ୟଲକ୍ଷ୍ମୀନଗର ଠାରେ ବାଇକ ଭାରସ୍ୟାମ ହରାଇ ଏକ ଡିଭାଇଡର ସହ ଧକ୍କା ହୋଇଥିଲା । ଗୁରୁତର ଅବସ୍ଥାରେ ତିନି ଜଣ ଛିଟିକି ପଡିଥିଲେ । ଚାଳକ ବିଶ୍ୱ ରଞ୍ଜନ ଓ ସ୍ତ୍ରୀ ସୁଷମା ପଣ୍ଡା ଗୁରୁତର ଆହତ ହୋଇଥିବା ବେଳେ ୨ବର୍ଷର ଶିଶୁ କନ୍ୟା ସାମାନ୍ୟ ଆଘାତ ଲାଗିଥିଲା । ତୁରନ୍ତ ଦେବଦୂତ ସାଜିଥିଲେ ଛତ୍ରପୁର ଅଗ୍ନିଶ୍ରମ ଅଧିକାରୀ ଧନୁଞ୍ଜୟ ମଲ୍ଲିକ ସେ ତୁରନ୍ତ ଦୁଇ ଆହତଙ୍କୁ ଉଦ୍ଧାର କରି ଛତ୍ରପୁର ମେଡିକାଲ ସ୍ଥାନାନ୍ତର କରିଥିଲେ । ଗୁରୁତର ଥିବାରୁ ଉଭୟଙ୍କୁ ବ୍ରହ୍ମପୁର ମେଡିକାଲ ପଠାଯାଇଛି । ଶିଶୁ କନ୍ୟାକୁ ଅଗ୍ନିଶ୍ରମ ଅଧିକାରୀ ନିଜେ ଘରକୁ ସୁରକ୍ଷିତ ଭାବେ ରଖିଥିଲେ ପରେ ପରିବହନ ବିଭାଗକୁ ହସ୍ତାନ୍ତର କରିଥିଲେ । ବର୍ତ୍ତମାନ ଏବେ ବିଶ୍ୱ ରଞ୍ଜନଙ୍କ ସ୍ତ୍ରୀ ବ୍ରହ୍ମପୁର ମେଡିକାଲରେ ଆଇସିୟୁରେ ଚିକିତ୍ସା ଜାରି ରହିଛି । ମୁଣ୍ଡକୁ ଆଘାତ ଲାଗିଥିବାରୁ ତାଙ୍କ ଅବସ୍ଥା ଗୁରୁତର ରହିଛି । ବିଶ୍ୱ ଗଞ୍ଜାମ ଅଗସ୍ତି ନୁଆଗାଁ ସ୍ଥିତ ପରିବହନ କାର୍ଯ୍ୟାଳୟରେ ଡାଟା ଏଣ୍ଟ୍ରି କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ ।

# ଗବେଷକ ଭାଗବତ ପଣ୍ଡା ପାଇଲେ ଉତ୍କଳ ସଂସ୍କୃତି ରତ୍ନ ସମ୍ମାନ




ବାରିପଦା, (ସବ୍ୟୁ) : ଆମ ସଂସ୍କୃତି-ସେବା ଓ ସଂସ୍କୃତି ସୁରକ୍ଷାର ଅନନ୍ୟ ଅନୁଷ୍ଠାନ, କଟକ ତରଫରୁ ଅନୁଷ୍ଠିତ ବୈଶାଖୀ ଉତ୍ସବ ଅବସରରେ ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସଂସ୍କୃତି ଗବେଷକ ଭାଗବତ ପଣ୍ଡା ଉତ୍କଳ ସଂସ୍କୃତି ରତ୍ନ ସମ୍ମାନ - ୨୦୨୬ ଲାଭ କରିଛନ୍ତି । ଏହି ଉପଲକ୍ଷେ କଟକ ଶତାବ୍ଦୀ ଭବନ ସଭାଗୃହରେ ଆୟୋଜିତ ଉତ୍ସବରେ ଅନୁଷ୍ଠାନର ପ୍ରତିଷ୍ଠାତା ଅଧକ୍ଷ ସୁକାନ୍ତ କୁମାର ସାହୁ ପୌରହିତ୍ୟ କରିଥିବା ବେଳେ ମୁଖ୍ୟଅତିଥି ଭାବେ ନ୍ୟାୟାଧୀଶ ଜଷ୍ଟିସ ଅନନ୍ତ ସୂର୍ଯ୍ୟନାରାୟଣ ନାଇଡୁ, ମୁଖ୍ୟବକ୍ତା ଭାବେ ଉତ୍କଳ ସାହିତ୍ୟ ସମାଜର ସଭାପତି ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଓ ସମ୍ବର୍ଦ୍ଧିତ ଅତିଥି ଭାବେ ବିଶିଷ୍ଟ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ଉତ୍କଳ ଗ୍ରାମ ସ୍ୱରାଜ୍ୟର ପ୍ରତିଷ୍ଠାତା ସଭାପତି ତଥା ଉତ୍କଳ ସାହିତ୍ୟ ସମାଜର ପାଠାଗାର ସମ୍ପାଦକ କଳିଙ୍ଗ ରତ୍ନ ବ୍ରହ୍ମାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରୀଯୁକ୍ତ ପଣ୍ଡାଙ୍କୁ ଉତ୍ତରୀୟ, ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ଉତ୍କଳ ସଂସ୍କୃତି ରତ୍ନ ସମ୍ମାନ - ୨୦୨୬ରେ ସମ୍ବର୍ଦ୍ଧିତ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ସଚ୍ଚିକାନ୍ତ ନାଥ, ମୁଖ୍ୟ ସଂଯୋଜକ ଗୁରୁଦତ୍ତ କର, ଯୁଗ୍ମ ସମ୍ପାଦକ ଅଶୋକ କୁମାର ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମ୍ବର୍ଦ୍ଧନାର ଉତ୍ତର ଦେଇ ଶ୍ରୀଯୁକ୍ତ ପଣ୍ଡା ଶ୍ରୀ ଜଗନ୍ନାଥ ସଂସ୍କୃତି ହିଁ ଓଡ଼ିଆ ଜାତିର ସଂସ୍କୃତି ଓ ତାର ପରିଚୟ ବୋଲି ଉଲ୍ଲେଖ କରିବା ସହିତ ମାନବ ସେବା ହିଁ ମାଧବ ସେବା ଯାହା ଏ ଅନୁଷ୍ଠାନ ଦୀର୍ଘ ବର୍ଷ ଧରି ଜାରି ରଖିଛି ତାର ଭୂୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ କଳାବିକାଶ କେନ୍ଦ୍ରର ଚେୟାରମ୍ୟାନ ତଥା ଶିକ୍ଷାବିତ ରବୀନ୍ଦ୍ର ମହାନ୍ତି ଉଦ୍‌ବୋଧନ ଦେଇ ଆମ ସଂସ୍କୃତି ଅନୁଷ୍ଠାନ ସମ୍ପର୍କରେ ଏକ ଆକର୍ଷଣୀୟ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ପରିଶେଷରେ ଯୁଗ୍ମ ସମ୍ପାଦକ ଅଶୋକ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲାଜୀ କଲଚର ସୋସାଇଟି ପକ୍ଷରୁ କଲ୍ୟାଣ ଉତ୍ସବ

ଛତ୍ରପୁର, (ସବ୍ୟୁ): ପବିତ୍ର ଅକ୍ଷୟତୃତୀୟା ଅବସରରେ ଛତ୍ରପୁର ବାଲାଜୀ କଲଚର ସୋସାଇଟିର ୨୦ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସର ରେ ତାଡ଼େପଲ୍ଲୀ ସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଥିବା ଶ୍ରୀ ଭେଙ୍କଟଶ୍ୱର ଭଗବାନଙ୍କ ବିବାହ ଉତ୍ସବ ପାରମ୍ପରିକ ରୀତିନୀତି ଅନୁସାରେ ପାଳିତ ହୋଇଯାଇଛି । ତିନିଜଣ ଦମ୍ପତି ଯଥା : ଶ୍ରୀନିବାସ ତାଙ୍କର ପନିୀ ଉମା ଶ୍ରୀନିବାସ, ପି. ଲିଙ୍ଗରାଜ ତାଙ୍କର ପନିୀ ପି. କ୍ରିଷ୍ଣାବେଣୀ ଏବଂ କେ. ରାମାରାଓ ତାଙ୍କର ପନିୀ କେ. ପଦ୍ମଜା କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ । ପୂର୍ବାହ୍ନରେ ସୁପ୍ରଭାତ ସେବା, ଅଭିଷେକ ଓ ପୂଜାର୍ଚ୍ଚନା ସରିବା ପରେ ପ୍ରଭୁଙ୍କୁ ସୁସଜ୍ଜିତ ରଥରେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ନଗର ପରିକ୍ରମା କରି ମା ରାମାୟଣାମ୍ମା ଠାକୁରାଣୀ ମନ୍ଦିର ନିକଟରେ ଥିବା ସୌଭାଗ୍ୟକଲ୍ୟାଣ ମଣ୍ଡପରେ ପ୍ରଭୁଙ୍କ କଲ୍ୟାଣ ଉତ୍ସବ ପୂଜକ ରଙ୍ଗଭାଟଲ ଧନଞ୍ଜୟ ଆଚାରୁଲୁଙ୍କ ଅଧକ୍ଷତାରେ ବିଭିନ୍ନ ପୂଜାର୍ଚ୍ଚନା କରିଥିଲେ । ଏହା ସହିତ ଡ଼ଃ ଆଇ ମନମାଧ ରାଓ ଏବଂ ତାଙ୍କ ଟିମ ସନାଇ ସହିତ ବିଭିନ୍ନ ମ୍ୟୁଜିକ ବଜାଇ ଥିଲେ । ଅପରାହ୍ନରେ ପ୍ରଭୁଙ୍କୁ ପୁଣି ସୁସଜ୍ଜିତ ରଥରେ ନଗର ପରିକ୍ରମା କରି ଜଗନ୍ନାଥ ମନ୍ଦିରକୁ ନିଆଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଆଇନଜୀବୀ ଶ୍ରୀନିବାସ ପରିଚାଳନା କରିଥିଲେ । ଏଥିରେ ସୋସାଇଟିର ବହୁ ସଭ୍ୟ ଏବଂ ସଭ୍ୟାମାନେ ଉପସ୍ଥିତ ଥିଲେ ।

# ଗୀତା ଭବନର ପ୍ରତିଷ୍ଠା ଦିବସ ପାଳିତ

ଭଞ୍ଜନଗର, (ସବ୍ୟୁ): ସହରର ଭେଜିପୁଟୁ ଠାରେ ଅବସ୍ଥିତ ଗୀତା ଭବନର ୪୩ ତମ ପ୍ରତିଷ୍ଠା ଦିବସ ଖୁବ୍ ଆନନ୍ଦ ଓ ଉଲ୍ଲାସର ସହିତ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ପାଳିତ ହୋଇଯାଇଛି ।

ଅନୁଷ୍ଠାନର ଉପଦେଷ୍ଟା ପର୍ଶୁରାମ ସ୍ୱାଇଁଙ୍କ ସଭାପତିତ୍ୱରେ ଏଥିପାଇଁ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଭଞ୍ଜନଗର ପୌର ପରିଷଦ ଅନ୍ତର୍ଭୂକ୍ତ ପାଞ୍ଚଟି ବିଦ୍ୟାଳୟର ପଞ୍ଚମ, ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ପିଲାଙ୍କ ମଧ୍ୟରେ ହୋଇଥିବା ସଂଗୀତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୧୫ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହିତ ବରିଷ୍ଠ ନାଗରିକ ପଣ୍ଡିତ ବିପ୍ରଚରଣ ସାହୁ, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କଳାକାର ସଂସ୍କୃତି ରନି ନାରାୟଣ ମହାରଣା ଏବଂ ଗୀତା ଭବନର ଅନ୍ୟତମ ସମାଜସେବୀ ଅଲେଖ ଭୂୟାଁଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାୟ ୭୦୦ରୁ ଉର୍ଦ୍ଧ ହରିଭକ୍ତ ପ୍ରସାଦ ସେବନରେ ଭାଗ ନେଇ ଉତ୍ସବଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଅନୁଷ୍ଠାନର ହିସାବ ସମୀକ୍ଷକ ବିଭୁତି ଭୂଷଣ ଜେନା, ସଭାପତି ବଳରାମ ସ୍ୱାଇଁ, ସମ୍ପାଦକ ରାମାନୁଜ ପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବ୍ରାହ୍ମଣ ମହାସଭା ପକ୍ଷରୁ ଜୟଦେବ ଓ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ

ବାରିପଦା, (ସବ୍ୟୁ) : ଓଡିଶା ରାଜ୍ୟ ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖା ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଗୀତ ଗୋବିନ୍ଦ ରଚୟିତା ଭକ୍ତକବି ଜୟଦେବ ଜୟନ୍ତୀ ଓ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ମହାସଭାର ସ୍ଥାୟୀ ସଭାପତି ଡାକ୍ତର ମହାଦେବ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀ ଜୟଦେବଙ୍କ ଉପରେ ଗବେଷଣା ଜାରି ରଖିଥିବା ସଂସ୍କୃତି ଗବେଷକ ଭାଗବତ ପଣ୍ଡା ଭକ୍ତ କବିଙ୍କର ସମର୍ପିତ ଜୀବନ ଚରିତ ତଥା ତାଙ୍କର ରଚିତ ଗୀତ ଗୋବିନ୍ଦ ବିଶ୍ୱ ସାହିତ୍ୟରେ କିପରି ଅମୁଲ୍ୟ ରନି ସେ ସମ୍ପର୍କରେ ଚମକାର ବାର୍ତ୍ତା ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟ ନୃସିଂହ ଚରଣ ପଣ୍ଡା, ପଣ୍ଡିତ ରନିକର ତ୍ରିପାଠୀ ପ୍ରମୁଖ ସ୍ୱକୀୟ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସୁରେଶ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା: ବିବାହ ବନ୍ଧନରେ ଆବଦ୍ଧ ହେଲେ ୫୭ ଯୋଡ଼ି

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଗଣ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧୀନରେ ୫୭ଯୋଡ଼ି ବର ଓ ବଧୂ ପାରମ୍ପରିକ ରୀତିନୀତିରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ନବ ଦମ୍ପତିଙ୍କୁ ଆଶୀର୍ବାଦ ଦେଇ ସମସ୍ତଙ୍କ ସୁଖମୟ ଜୀବନ କାମନା କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଡଃ ମହାପାତ୍ର କହିଛନ୍ତି ଯେ, ଏହା ଏକ ସାଧାରଣ କାର୍ଯ୍ୟକ୍ରମ ନୁହେଁ ବରଂ ଏହା ଏକ ଉତ୍ସବ । ଏପରି ଅନନ୍ୟ କାର୍ଯ୍ୟକ୍ରମ ରାଜ୍ୟ ସରକାର ସାମାଜିକ ଦାୟିତ୍ୱବୋଧତାର ଏକ ଉଜ୍ଜ୍ୱଳ ଉଦାହରଣ । ଏହା ମାଧ୍ୟମରେ ସମସ୍ତ ବର୍ଗର ଲୋକଙ୍କ ବିବାହ ସ୍ୱପ୍ନ ସାକାର ହେଉଛି ଓ ସମାଜରେ ଆର୍ଥିକ ଅସମାନତା କମେଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ସରକାର ସର୍ବଦା ଗରିବ ଅଧିବାସୀ ଓ ଆର୍ଥିକ ଅନଗ୍ରସର ବର୍ଗଙ୍କ ପାଇଁ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ କରୁଛନ୍ତି । ସମ୍ମାନିତ ଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସୁଶ୍ରୀ ସଞ୍ଜଲୀ ମୁର୍ମୁ ଓ ବାରିପଦା ବିଧାୟକ ପ୍ରକାଶ ସୋରେନ ଯୋଗଦେଇଥିଲେ। ଜିଲ୍ଲାପାଳ ହେମକାନ୍ତ ସୟ୍ କାର୍ଯ୍ୟକ୍ରମରେ ସ୍ୱାଗତ ଅଭିଭାଷଣ ଦେଇ କହିଛନ୍ତି ଯେ, ଜିଲ୍ଲାପ୍ରଶାସନ ସର୍ବଦା ଲୋକଙ୍କ ହିତରେ କାର୍ଯ୍ୟ କରୁଛି । ବିଶେଷକରି ଏହି ଯୋଜନାରେ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାର ବିଶେଷ ଭାବରେ ଲାଭାନ୍ୱିତ ହେଉଛନ୍ତି । ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବରେ ଏହା ସହାୟକ ହୋଇପାରିବ ବୋଲି ମଧ ଜିଲ୍ଲାପାଳ ଶ୍ରୀ ସୟ୍ ସେ ଆଶାବ୍ୟକ୍ତ କରିଛନ୍ତି । ଆଜିର ଏହି ବିବାହ ବନ୍ଧନରେ ଆବଦ୍ଧ ହୋଇଥିବା ଦମ୍ପତିଙ୍କୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅନୁସାରେ ପ୍ରତ୍ୟେକ କନ୍ୟାଙ୍କୁ ସରକାର ପକ୍ଷରୁ ୬୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଏଥିରୁ ୪୫,୦୦୦ ଟଙ୍କା ଡିବିଟି ମାଧ୍ୟମରେ ସିଧାସଳଖ ଭାବରେ କନ୍ୟାଙ୍କ ବ୍ୟାଙ୍କ ଖାତାରେ ଜମା ହେଉଛି ଓ ଅବଶିଷ୍ଟ ୧୫,୦୦୦ ଟଙ୍କା ବିବାହ ସମ୍ପର୍କିତ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ଆରଡିଏସିକୁ ପ୍ରଦାନ କରାଯାଉଛି । ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଆବଶ୍ୟକ ବ୍ୟବସ୍ଥା ଯଥା ଆସନ ବ୍ୟବସ୍ଥା, ପୂଜା ପାଠ, ଭୋଜନ ବ୍ୟବସ୍ଥା, ପାନୀୟ ଜଳ, ଚିକିତ୍ସା ସୁବିଧା ଓ ସୁରକ୍ଷା ବ୍ୟବସ୍ଥା ବନ୍ଦବୋସ୍ତ କରାଯାଇଥିଲା । ନବଦମ୍ପତିମାନଙ୍କ ପରିବାରସଦସ୍ୟ ଓ ଆତ୍ମୀୟ ସ୍ୱଜନ ମାନଙ୍କ ସହଭାଗୀତାରେ ସମଗ୍ର କାର୍ଯ୍ୟକ୍ରମ ଆନନ୍ଦମୟ ପରିବେଶରେ ସଫଳତାର ସହିତ ସମ୍ପନ୍ନ ହୋଇଛି । ଶେଷରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଧନ୍ୟବାଦ ଅର୍ପଣ କରିଥିବାବେଳେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ଜିଲ୍ଲା ସୁରକ୍ଷା ଅଧିକାରିଣୀ ସସ୍ମିତା ମହାନ୍ତି, ସମାଜ ମଙ୍ଗଳ ଅଧିକାରିଣୀ ଅନ୍ନପୂର୍ଣ୍ଣା ବୁରୁଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ । ଏହାସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ମାନେ ଏଠାରେ ଉପସ୍ଥିତ ରହି ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

# ବାଲିଚନ୍ଦ୍ରପୁର ଥାନା ତ୍ରିନାଥ ଦେବଙ୍କ ଚତୁର୍ଦ୍ଦଶତମ ବାର୍ଷିକ ସମାରୋହ



ବାଲିଚନ୍ଦ୍ରପୁର, (ସବ୍ୟୁ) : ପବିତ୍ର ଅକ୍ଷୟ ତୃତୀୟା ତିଥିରେ ବାଲିଚନ୍ଦ୍ରପୁର ଥାନା ପରିସରସ୍ଥିତ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ତ୍ରିନାଥଦେବଙ୍କ ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା ।

ସନ୍ଧ୍ୟାରେ କଟକ ପ୍ରେସ ଛକର ଭଜନ ସନ୍ଧ୍ୟା ଗ୍ରୁପ ପକ୍ଷରୁ ଆଧ୍ୟାତ୍ମିକ ଭଜନ ପରିବେଷଣ କରାଯାଇଥିଲା । ଯାଜପୁରର ଅତିରିକ୍ତ ପୋଲିସ ଅଧୀକ୍ଷକ ଶିତିକଣ୍ଠ କାନୁନ୍‌ଗୋ, ଏସଡ଼ିପିଓ ଶରତ କୁମାର ପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ଗଣମାଧ୍ୟମ ବ୍ୟକ୍ତିତ୍ୱ, ଜନସେବୀ ଏବଂ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ । ବାଲିଚନ୍ଦ୍ରପୁର ଓ ଆଖପାଖ ଅଂଚଳର ପ୍ରାୟ ୪ ହଜାରରୁ ଅଧିକ ଶ୍ରଦ୍ଧାଳୁ ତ୍ରିନାଥ ଦେବଙ୍କ ଦର୍ଶନ ସହିତ ପ୍ରସାଦ ସେବନ କରିଥିଲେ । ଥାନାର ଆଇଆଇସି ଦିଲ୍ଲୀପ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ପ୍ରଦୀପ କୁମାର ସେଠୀ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ହରିଶଚନ୍ଦ୍ର ସିଂହ, ସନ୍ଦୀପ ବେହେରାଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଅତିଥି ଅଭ୍ୟାଗତମାନଙ୍କୁ ସ୍ୱାଗତ ପରିଚର୍ଚ୍ଚା କରିଥିଲେ । ଭଜନ ସନ୍ଧ୍ୟା ଗ୍ରୁପର କଳାକାର କୁମାର ସୋନୁ, କୁମାର ମଣ୍ଟୁ, କୁମାର ମିହିର, ପୁଷ୍ପାଞ୍ଜଳି ଓ ରାନୁଙ୍କୁ ଅତିଥିମାନେ ମଂଚରେ ସମ୍ବର୍ଦ୍ଧିତ କରିଥିଲେ । ପୂଜକ ଅରକ୍ଷିତ ମିଶ୍ର ତ୍ରିନାଥଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ ।

# ଡାହାଣହତା ଗ୍ରାମରେ ହନୁମାନଙ୍କ ବାର୍ଷିକ ଉତ୍ସବ

ମଙ୍ଗଳପୁର, (ସବ୍ୟୁ) : ଦଶରଥପୁର ବ୍ଲକ ଡାହାଣହତା ପଞ୍ଚାୟତ ଡାହାଣହତା ଗ୍ରାମସ୍ତ ସଙ୍କଟମୋଚନ ପ୍ରଭୁ ହନୁମାନଙ୍କ ୯ ବାର୍ଷିକ ଉତ୍ସବ ଗତ ସୋମବାରରୁ ଆରମ୍ଭ ହୋଇଥିବାବେଳେ ତିନିଦିନ ଧରି ବୁଧବାର ଦିନ ଶେଷ ହେବ । ମହୋତ୍ସବର ଦ୍ୱିତୀୟ ଦିବସରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗ ଦେଇ ଗ୍ରାମବାସୀ ତଥା କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ ।ସୌମ୍ୟ ରଞ୍ଜନ ସୁତାର ଓ ତାଙ୍କ ସହଧର୍ମିଣୀ ସୌମ୍ୟା ରାଣୀ ସୁତାର ସଂକଳ୍ପ କରିଥିବାବେଳେ ପୂଜକ ମାନସ କୁମାର ପାଢ଼ୀ, ପ୍ରଣବ କେଶରୀ ଷଡ଼ଙ୍ଗୀ ପୁରୋହିତଙ୍କ ମନ୍ତ୍ରଧ୍ୱନି ଶ୍ରୋତା ମାନଙ୍କୁ ବେଶ ଆକୃଷ୍ଟ କରୁଥିଲା । ମହୋତ୍ସବ ଖୁବ ଧୂମଧାମରେ ପାଳିତ ହେଉଥିବା ବେଳେ ପ୍ରଣବ ପ୍ରକାଶ ଦାସଙ୍କ ସହିତ ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର,ଜିଲ୍ଲାପରିଷ ସଭ୍ୟା ମାମିନା ମଲ୍ଲିକ, ଡାହାଣହତା ପଞ୍ଚାୟତ ସରପଞ୍ଚ ପଦ୍ମାବତୀ ବିଶ୍ୱାଳ,ଦଶରଥପୁର ପଞ୍ଚାୟତ ସମିତି ସଭ୍ୟ ପ୍ରଶାନ୍ତ ମଲ୍ଲିକ,ଜୟନ୍ତରା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଅଜିତ ସାମଲ, ଅସନପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି କାଶୀନାଥ ମଲ୍ଲିକ,ଦଶରଥପୁର ବ୍ଲକ ବିଜେଡି ସଭାପତି ଅଜୟ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିବାବେଳେ କାର୍ଯ୍ୟକ୍ରମ ପରିଚାଳନା କରିବାରେ ଶରତ କାଣ୍ଡି,ଦୀପକ ରାୟ,ଗଣେଶ ପହି,ବିଶ୍ୱଜିତ ଜେନା,ପାପୁ ଦାସ, କାହ୍ନୁ ଦାସ,ମାନସ ସାମଲ,କାଶୀନାଥ ଓଝା ସମେତ ଡାହାଣହତା ଗ୍ରାମର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।

## ମୁଗ ବିଲରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

# ପ୍ରେମ ଜନିତ କାରଣକୁ ନେଇ ଧାରୁଆ ଅସ୍ତ୍ରରେ ହାଣି ହତ୍ୟାସନ୍ଦେହ

ଜଗତସିଂହପୁର, (ସବ୍ୟୁ) : ଜଗତସିଂହପୁର ଜିଲା ସଦର ଥାନା କାଠିଆ ପଡ଼ା ନିକଟରେ ମୁଗ ବିଲରୁ ଯୁବତୀଙ୍କ ମୃତ ଦେହ ଉଦ୍ଧାର କରାଯାଇଛି । ମୃତ ଯୁବତୀ କାଠିଆପଡା ଗାଁର ପ୍ରମୋଦ ଦାସ ଓ ଲକ୍ଷ୍ମୀ ପ୍ରିୟା ଦାସଙ୍କ ଝିଅ ଡଲି ଓରଫ ସସ୍ମିତା ଦାସ (୨୪)ଙ୍କର ବୋଲି ଜଣାଯାଇଛି । ଯୁବତୀଙ୍କୁ ହତ୍ୟା କରାଯାଇଥିବାର ପରିବାର ଲୋକେ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି । ମୃତ ସସ୍ମିତାଙ୍କର ଗତ ତିନିଦିନ ତଳେ ନିର୍ବନ୍ଧ ହୋଇଥିଲା ।ନିର୍ବନ୍ଧ ପରେ



ଝିଅ ଘରକୁ ଫେରି ଗତକାଲି ରାତି ୮ ଟାରେ ପଡ଼ିଶା ଘରୁ ଆସୁଛି କହି ଘରକୁ ଫେରିନଥିଲା ।ଘରଲୋକେ ଖୋଜାଖୋଜି କରି ଝିଅର ଫୋନକୁ କଲ କରିବାରୁ ଝିଅର ମୋବାଇଲ ବନ୍ଦରହିଥିଲା ।ଝିଅ ଘରକୁ ନଫେରିବାରୁ ପରିବାର ଲୋକେ ବନ୍ଧୁବାନ୍ଧବଙ୍କ ଘରକୁ ଯାଇ ଝିଅକୁ ନପାଇବା ପରେ ନିରାଶ ହୋଇପଡ଼ିଥିଲେ ।ଆଜି ସନ୍ଧ୍ୟାରେ ବିଲକୁ ମୁଗ ଉପ ।ଡ଼ିବା ପାଇଁ ଯାଇଥିବା କିଛି ଲୋକେ ଗୋଟେ ଯୁବତୀଙ୍କର ମୃତଦେହ ବିଲରେ ପଡ଼ିଥିବା ଦେଖି ଖବର ଦେଇଥିଲେ । ପରିବାର ଲୋକେ ପହଞ୍ଚି ଝିଅକୁ ଚିହ୍ନଟ କରିଥିଲେ ।ଘଟଣା ସମ୍ପର୍କରେ ଜଗତସିଂହପୁର ଥାନା ପୋଲିସ ଖବର ପାଇ ତଦନ୍ତ ଆରମ୍ଭ କରିଥିଲେ ।ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ ସନ୍ଧାନୀ କୁକୁର ସହ ସଦର ପୋଲିସ ପହଞ୍ଚି ମୃତଦେହ କୁ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି । ପ୍ରେମ ଜନିତ ଘଟଣାକୁ ନେଇ ଯୁବତୀଙ୍କୁ ନିର୍ମମ ଭାବରେ ହାଣି ହତ୍ୟା କରାଯାଇଥିବାର ପ୍ରାଥମିକ ତଦନ୍ତରୁ ଜଣାଯାଇଛି । ଖୁବ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଡ଼ିଏସପି ରଶ୍ମି ରଞ୍ଜନ ଦାଶ ସୁଚନା ଦେଇଛନ୍ତି ।

# ସି.ଏମ୍ ଟ୍ରଫି ଫୁଟବଲ ଉଦ୍‌ଘାଟିତ

ବ୍ୟାସନଗର ,(ଜିପ୍ର): ଯାଜପୁର ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଓଡ଼ିଶା ସରକାର ଏବଂ ଫାଓ ସହଯୋଗରେ ଅନ୍ତଃ କ୍ଲବ୍ ସ୍ତରୀୟ ୧୪ ବର୍ଷରୁ କମ୍ ସି.ଏମ୍ ଟ୍ରଫି ଫୁଟବଲ୍‌ର ଦ୍ୱିତୀୟ ସଂସ୍କରଣ ବ୍ୟାସନଗର ଷ୍ଟାଡ଼ିୟମ ଠାରେ



ଉଦ୍‌ଘାଟିତ ହୋଇଛି ।ଉଦ୍‌ଘାଟନୀ ଉତ୍ସବରେ ବ୍ୟାସନଗର ପୌରାଧ୍ୟକ୍ଷ ସୁବାସ ବଳ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକିର ମୋହନ ଟୁଡ୍ଡୁ ଉପସ୍ଥିତ ରହି କ୍ଲବ୍ ମାନଙ୍କୁ କିଟ୍ ପ୍ରଦାନ କରିବା ସହିତ ଖେଳକୁ ଶୁଭାରମ୍ଭ କରିଥିଲେ । ପ୍ରଥମ ମ୍ୟାଚ୍‌ରେ ବାଘୁଆପାଳ ଫୁଟବଲ୍ କ୍ଲବ୍ ୪-୦ଗୋଲ୍‌ରେ ସୁକିନ୍ଦା ଫୁଟବଲ୍ କ୍ଲବ୍‌କୁ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ ପଶି ଏଫସି.୨-୧ ଗୋଲ୍‌ରେ ତ୍ରିଜଙ୍ଗା ଏଫ.ସିକୁ ପରାସ୍ତ କରିଥିଲେ । ରେଫରୀ ଭାବରେ ଫାଓ ରେଫରୀ ଶିବ ଡ଼ାଙ୍ଗିଲ୍, ମୁନ୍ ମୁନ୍ ସାମାଡ଼୍, ଲିଟୁ ହେମ୍ବ୍ରମ୍, ଉପେନ୍ଦ୍ର ଡ଼ାଙ୍ଗିଲ, ରାମ ବାଲାଇ ବେଶ୍ରା ମ୍ୟାଚ୍ ପରିଚାଳନା କରିଥିବା ବେଳେ ବୁଦ୍ଧିରାମ କେରାଇ ମ୍ୟାଚ୍ କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ । କ୍ରୀଡ଼ା ସଂସଦର ସଦସ୍ୟଗଣଙ୍କ ସହିତ ସ୍ୱେଚ୍ଛାସେବୀ ଭାବରେ ବନ୍ଧୁ ସାମାଡ଼୍, ଶଙ୍କର ହେମ୍ବ୍ରମ୍ , ବୁଟଲୁ ବଦରା, ରାମ, ଗୁରୁ ହେମ୍ବ୍ରମ୍ ସହଯୋଗ କରିଥବାର ସାଧାରଣ ସମ୍ପାଦକ ସମ୍ବିତ୍ ମହାନ୍ତି ସୂଚନା ପ୍ରଦାନ କରଛନ୍ତି ।

# ମଳପଡାରୁ ଚୋରି ପିକ୍‌ଅପ୍ ନୁରୁଂଗାରୁ ଉଦ୍ଧାର

ପାଣିକୋଇଲି,(ସବ୍ୟୁ) : ଯାଜପୁର ସଦର ଥାନା ଅନ୍ତର୍ଗତ ମଳପଡା ଗ୍ରାମରୁ ରାତିରେ ଚୋରି ହୋଇଥିବା ପିକଅପ ପାଣିକୋଇଲି ଥାନା ଅନ୍ତର୍ଗତ ନୁରୁଂଗା ଗ୍ରାମରୁ ଉଦ୍ଧାର କରାଯାଇଛି। ହେଲେ ବ୍ୟାଟେରୀ, ଜଗ ଓ ଷ୍ଟେପନି ନାହିଁ ଯାହାକୁ ନେଇ ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି। ପ୍ରକାଶଯେ ଯାଜପୁର ବ୍ଲକ ଭୁଇଁପୁର ପଂଚାୟତର ମଳପଡା ଗ୍ରାମର ହରିହର ଜେନାଙ୍କ ଅଭିଯୋଗ ମୁତାବକ ତାଙ୍କ ସାନଭାଇ ମହେନ୍ଦ୍ରଙ୍କ ନାମରେ ଥିବାଏକ ପିକଅପ (ଓଡି୩୪ସି ୯୫୫୨)କୁ ୨୦ ତାରିଖ ଅର୍ଥାତ ସୋମବାର ରାତ୍ରୀରେ କେଉଁ ଦୃର୍ବୃତ ଘର ନିକଟସ୍ଥ ବନ୍ଧରୁ ଚୋରି କରିନେଇଥିଲା। ସକାଳୁ ବହୁ ଖୋଜାଖୋଜି ପରେ ଖବର ମିଳିଲା ମାଳଆନନ୍ଦପୁର ପଂଚାୟତ ନୁରୁଂଗା ଗ୍ରାମର ଅମରି ବୁଦା ଭିତରେ ପିକଅପଟି ଲୁଚି ରହିଛି। ସେ ସେଠାରେ ପହଂଚି ଦେଖିବା ବେଳକୁ ପିକଅର ବ୍ୟାଟେରୀ, ଜଗ ଓ ଷ୍ଟେପନି ନାହିଁ ସେ ଗାଡିକୁ ସେଠାରୁ ଆଣିବା ସହ ଏନେଇ ଥାନାରେ ଅଭିଯୋଗ କରିଛନ୍ତି।

# ଶ୍ରୀ ଜୀଉଙ୍କ ରଥକାଠ ଅନୁକୂଳ ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ବରୀ, (ସବ୍ୟୁ ): ବାଲିବିଲ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଶ୍ରୀଜଗନ୍ନାଥ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସଂଗଠନ ବାଲିବିଲ ଶାଖା ପକ୍ଷରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ଗୃହ ପ୍ରବେଶ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଯାହା ସ୍ଥାନୀୟ ଅଞ୍ଚଳରେ ଏକ ଭକ୍ତିମୟ ଜାଗରଣ ସୃଷ୍ଟି କରିଛି । ଉକ୍ତ ଉତ୍ସବରେ ବରୀ ବିଧାୟକ ବିଶ ରଞ୍ଜନ ମଲ୍ଲିକ ଯୋଗ ଦେଇ ମହାପ୍ରଭୁଙ୍କ ଆଶୀର୍ବାଦ ନେବା ସହିତ ବରୀ ବାସୀଙ୍କ ଶୁଭ ମନାସିଛନ୍ତି । ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଶ୍ରୀ ଜଗନ୍ନାଥ, ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କର ରଥକାଠ ଅନୁକୂଳ ସହ ଶ୍ରୀବିଗ୍ରହମାନଙ୍କୁ ନୂତନ ଭାବେ ନିର୍ମିତ ଭବ୍ୟ ଗୃହକୁ ବିଜେ କରାଯାଇଛି । ଏହି ପବିତ୍ର ଉତ୍ସବରେ ସମସ୍ତ ଜଗନ୍ନାଥ ପ୍ରେମୀ ଙ୍କ ସମେତ ସହ ସହ ଶ୍ରଦ୍ଧାଳୁ ମାନେ ଉପସ୍ଥିତ ରହିଥିବା ପ୍ରତିଷ୍ଠା ଉତ୍ସବର ବିଧିବିଧାନ ଅନୁଯାୟୀ ବିଭିନ୍ନ ପୂଜାର୍ଚ୍ଚନା, ହୋମଯଜ୍ଞ



ସହିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କ କୃପା ଲାଭ କରିବାର ଏକ ବିରଳ ମୁହୂର୍ତ୍ତ ପାଇପାରିଛନ୍ତି । ଏହି ମନ୍ଦିର କେବଳ ଏକ ଉପାସନା ସ୍ଥଳ ନୁହେଁ, ବରଂ ଏହା ବାଲିବିଲ ଅଞ୍ଚଳର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଚେତନାର ଏକ କେନ୍ଦ୍ରବିନ୍ଦୁ ପାଲଟିବ । ପରିଷଦର ସମସ୍ତ ସଦସ୍ୟ ଏବଂ ବାଲିବିଲ ଶାଖାର କର୍ମକର୍ତ୍ତାମାନେ ଉପସ୍ଥିତି ରହି ସହଯୋଗ କରିଛନ୍ତି, ଯାହାଦ୍ୱାରା ଏହି ଧାର୍ମିକ ମହୋତ୍ସବ ଅତ୍ୟନ୍ତ ସ୍ମରଣୀୟ ଓ ଶୃଙ୍ଖଳିତ ଭାବେ ସମାପନ ହୋଇପାରିଛି । ବାଲିବିଲର ଏହି ପବିତ୍ର ଭୂମିରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଓ ଭକ୍ତଙ୍କ ମଧ୍ୟରେ ଏକତା ସ୍ଥାପନ କରିବା ଏହି ଆୟୋଜନର ମୁଖ୍ୟ ଲକ୍ଷ୍ୟ ବୋଲି ସଂଗଠନ ପକ୍ଷରୁ ସୂଚନା ମିଳିଛି ।

# ମଦ ଜବତ ଆସାମୀ ଗିରଫ

କୁଆଖିଆ ,(ସବ୍ୟୁ) :କୁଆଖିଆ ଥାନା ଅନ୍ତର୍ଗତ କୁଆଖିଆ ମେଳଣ ପଡିଆରୁ ଯାଜପୁର ଅବକାରୀ ରେଞ୍ଜ ପକ୍ଷରୁ ଚଢ଼ାଉ କରାଯାଇ ୧୩ ପେଟି ଯଥା ୬୫ ଲିଟର ଦେଶୀ ମଦ ଜବତ କରଥିଲେ । ବେଆଇନ ମଦ କାରବାର କରୁଥିବା ଅଭିଯୋଗ ରେ ଜଣକୁ ଗିରଫ କରାଯାଇଛି । ଗିରଫ ଜଣକ ହେଲେ ଦେବ ବ୍ରତ ନାୟକ (୩୬) ବୋଲି ଜଣାପଡିଛି । ଉକ୍ତ ସ୍ଥାନରେ ବେଆଇନ ମଦ କରବାର ହେଉଥିବା ଅଭିଯୋଗ ପାଇଁ ଯାଜପୁର ଅବକାରୀ ରେଞ୍ଜ ପକ୍ଷରୁ ଚଢ଼ାଉ କରାଯାଇଥିଲା । ଏହି ଚଡାଉ ରେ ଦେବବ୍ରତ ବେଆଇନ ଭାବେ ଦେଶୀ ମଦ ରଖି ବିକ୍ରି କରୁଥିବା ଦୃଷ୍ଟି ପଡିଥିଲା । ଚଢ଼ାଉ କରିବାରେ ୧୩ ପେଟି ଯଥା ୬୫ ଲିଟର ଦେଶୀ ମଦ ଜବତ କରାଯାଇଥିଲା ।ବେଆଇନ ମଦ କରବାର କରୁଥିବା ଅଭିଯୋଗରେ ଦେବବ୍ରତ କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଡାଉ ରେ ଅବକାରୀ ରେଞ୍ଜ ଥାନା ଅଧିକାରୀ ସସ୍ମିତା ହୋତା, ଏସ ଆଇ ସଂଗ୍ରାମ କେଶରୀ କୁଅଁର, ଚନ୍ଦ୍ରଭାନୁ ଦାସ, କନେଷ୍ଟବଳ ଗଣେଶ ଦଣ୍ଡପାଟ, ଧବଳେଶ୍ୱର ମହାନ୍ତି, ପୁର୍ଣ୍ଣମା ଘୋଷ ପ୍ରମୁଖ ସାମିଲ ହୋଇଥିଲେ ।

# ସରକାରୀ ଉଚ୍ଚ ବିଦ୍ୟାଳୟରେ ସଡକ ସୁରକ୍ଷା ସଚେତନତା

ଧର୍ମଶାଳା,(ସବ୍ୟୁ) :ଧର୍ମଶାଳା ବ୍ଲକ ଅନ୍ତର୍ଗତ ଉତରପ୍ରତାପ ପଂଚାୟତ ନହଙ୍ଗାପାଟଣା ସ୍ଥିତଯୁ ଜି.ପି.ଏଲ.ଏନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ସଡକ ସୁରକ୍ଷା ସଚେତନତା କାର୍ଯଯକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସଡକ ସଚେତନ ସମ୍ପର୍କୀୟ ବିଭିନ୍ନ ଝୋଟି ଚିତ୍ର ରାସ୍ତା ଉପରେ ତିଆରି କରାଯାଇଥିଲା । ବିଦ୍ୟାଳୟରେ ସଡକ ସୁରକ୍ଷା ସମ୍ବନ୍ଧୀୟ ସାଧାରଣ ଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଭଞ୍ଜନା ସାହୁଙ୍କ ଅଧଯକ୍ଷତାରେ ଆୟୋଜିତ କାର୍ଯଯକ୍ରମକୁ ଧର୍ମଶାଳା ଥାନା ଅଧିକାରିଣୀ ଚିନ୍ମୟୀ ସାହୁ ମୁଖଯ ଅତିଥୀ ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏଥିସହ ସେ ଉପସ୍ଥିତ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କୁ ସଡକ ସୁରକ୍ଷା ସଚେତନ ସମ୍ପର୍କରେ ବକ୍ତବଯ ରଖିଥିଲେ । ଆମେ ଯିବା ଆସିବା କରିବା ସମୟରେ ବିଭିନ୍ନ ସଙ୍କେତ ମାନିବା ଓ ଅଧିକ ବେଗରେ ଗାଡି ଚଳାଇଲେ ଆମର ଧନ ଜୀବନ କିପରି କ୍ଷତି ହୁଏ ଏହା ଉପରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ । ଅନୁଷ୍ଠିତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖଯ ଅତିଥି ଶ୍ରୀମତୀ ସାହୁ ପୁରସ୍କାର ଓ ପ୍ରମାଣ ପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ । ଛୋଟ ପିଲାମାନଙ୍କ ନୃତଯ ପରିବେଷଣ କରାଯାଇଥିଲା । ବିଦ୍ୟାଳୟର ସହକାରୀ ଶିକ୍ଷକ ନଳିନୀ କାନ୍ତ ମାହାଣା ସ୍ୱାଗତ ଓ ଅତିଥୀ ମାନଙ୍କର ପରିଚୟ ପ୍ରଦାନ କରିଥିଲେ । କାର୍ଯଯକ୍ରମରେ ପୂର୍ବତନ ପ୍ରଧାନ ଶିକ୍ଷକ ପବିତ୍ର କୁମାର କର ଓ ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର ଯୋଗଦେଇଥିଲେ . ଅନଯ ମାନଙ୍କ ମଧଯରେ ଶିକ୍ଷକ ନରେନ୍ଦ୍ର କୁମାର ବଳ ,ଗିରିଧାରୀ ଦଳେଇ,ପାର୍ଥ ସାରଥୀ ଦେହୁରୀ ,ନିର୍ମଳ ଚନ୍ଦ୍ର ନାୟକ,ସତଯପ୍ରକାଶ ପଣ୍ଡା, ରମେଶ ଚନ୍ଦ୍ର ସ୍ୱାଇଁ,ଶିକ୍ଷୟିତ୍ରୀ ସୁପ୍ରିୟା ମହାପାତ୍ର,ସ୍ନେହଲତା ନାୟକ,ଲିଲି ବେହେରା,ସୁବାସିନୀ ରଣା,ସ୍ମୃତି ସ୍ନିଗ୍ଧା ସାହୁ,ସସ୍ମିତା ରାଉତ,ପୁଷ୍ପାଞ୍ଜଳୀ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ । ଶିକ୍ଷକ ଗିରିଧାରୀ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ଲକ କଂଗ୍ରେସ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ରଘୁନାଥପୁର,(ସବ୍ୟୁ) :ଆଜି ରଘୁନାଥପୁର ବ୍ଲକ କଂଗ୍ରେସ ର ନୂତନ କାର୍ଯ୍ୟାଳୟ ରଘୁନାଥପୁର ବଜାର ଠାରେ ଉଦଘାଟନ ହୋଇଯାଇଛି । ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡାଙ୍କ ତତ୍ତ୍ୱାବଧନାରେ ହୋଇଥିବା ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏଥିରେ ଜିଲ୍ଲା କଂଗ୍ରେସ କମିଟି ଉପ ସଭାପତି ପ୍ରଶାନ୍ତ ଦାସ , ମୁଖପାତ୍ର ସର୍ବେଶ୍ୱର ପଣ୍ଡା , ସମ୍ପାଦକ ଜିତୁ ନାରାୟଣ ସାହୁ , ବିରିଟି ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରିୟବ୍ରତ ମିଶ୍ର , ନାରାୟଣ ନାୟକ , ବସନ୍ତ ଦାଶ , ପ୍ରଦୀପ୍ତ ଦାସ , ବିଭୁ ରଞ୍ଜନ ସ୍ୱାଇଁ , ପ୍ରଦୀପ୍ତ ସ୍ୱାଇଁ , ବରାଗୋଳ ସମିତିସଭ୍ୟ ଜିତେନ୍ଦ୍ର ମଲ୍ଲିକ , ସାରଦା ଜେନା , ପ୍ରତାପ ସ୍ୱାଇଁ , ବ୍ରଜ କିଶୋର ମଲ୍ଲିକ, ତରଣୀସେନ ମହାପାତ୍ର , ପ୍ରଦୀପ ନାୟକ , ଶିବ ପ୍ରସାଦ ସାହୁ , ସୁବାଷ ରାଟସିଂହ , ତ୍ରିଲୋଚନ ମହାରଣା , ବସନ୍ତ ସ୍ୱାଇଁ , ବୈଷ୍ଣବ ଚରଣ ସ୍ୱାଇଁ , ପ୍ରତ୍ୟୁଷ ନାୟକ , ସାଇ ପ୍ରଭଞ୍ଜନ ମହାପାତ୍ର , ସନ୍ତୋଷ ପ୍ରଧାନ , ପ୍ରଭାତ ରାଉତ ପ୍ରମୁଖ ଯୋଗଦେଇଥିଲେ ।

# ନିଗମ ଫାଉଣ୍ଡେସନ ପକ୍ଷରୁ ଜଳସେବା ଶିବିର

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ କଟରପଡା ପଞ୍ଚାୟତ ପିଠାପଡା ଠାରେ ନିଗମ ଫାଉଣ୍ଡେସନ ପକ୍ଷରୁ ଜଳସେବା ଶିବିର ଅନୁଷ୍ଠିତ ହୋଇଯାଇଛି ।ପବିତ୍ର ଅକ୍ଷୟ ତୃତୀୟା ଅବସରରେ ପିଠାପଡା ଗୋରୁପଡ଼ିଆ ମହାପୁରୁଷଙ୍କ ଜନ୍ମଦିନରେ ଚତୁର୍ଥ ପ୍ରହର ବ୍ୟାପି ହରିନାମ ସଂକୀର୍ତ୍ତନ ହୋଇଥିବା ସହ ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ନର୍ଥର ସହଭାଗିତାରେ ଏକ ଜଳସେବା ଶିବିର ଅନୁଷ୍ଠିତ ହୋଇଥିଲା ।ଏଥିରେ ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ନର୍ଥ ପ୍ରୋଜେକଟ 'ପ୍ରକୃତି' ଚେୟାରମ୍ୟାନ ରୋଟାରୀଆନ ତନ୍ମୟ କାନ୍ତ ଜେନା, ନିଗମ ଫାଉଣ୍ଡେସନର କର୍ମକର୍ତ୍ତା ଅକ୍ଷୟ ସାମନ୍ତରାୟ, ଜୟନ୍ତ ରାଉତ, ତୃପ୍ତିରଂଜନ ସ୍ୱାଇଁ, ପତିତପାବନ ମଣ୍ଡଳ, ଜୟପ୍ରକାଶ ନାୟକ,ରଞ୍ଜିତ ଓଝା, ଜ୍ୟୋତି ରଞ୍ଜନ ପରିଡା ଓ ନିଗମ ସାଥୀର ସ୍ୱେଚ୍ଛାସେବୀ ପ୍ରମୁଖ ଯୋଗଦେଇ ବାଟରେ ଯାଉଥିବା ପଥଚାରୀ, ସ୍କୁଲର ଛାତ୍ରଛାତ୍ରୀଙ୍କୁ ଦହି ଲେମ୍ବୁ ମିଶ୍ରିତ ସର୍ବତ ବଣ୍ଟନ କରିଥିଲେ । ଏପରି ମହତ କାର୍ଯ୍ୟ ପାଇଁ ଅନୁଷ୍ଠାନ ସାଧାରଣରେ ପ୍ରଶଂସିତ ହୋଇଥିଲା ।

# ବିଧାୟକଙ୍କ ଦାବିକୁ ଗ୍ରହଣ କଲେ ମୁଖ୍ୟମନ୍ତ୍ରୀ: ଏନସି ହାଇସ୍କୁଲ ପଡ଼ିଆରେ ହେବ କ୍ରିକେଟ ଷ୍ଟାଡ଼ିୟମ

ବ୍ୟାସନଗର,(ଜିପ୍ର): ପି.ଏମ୍. ଶ୍ରୀ ନୃସିଂହ ଚୌଧୁରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ବ୍ୟାସନଗର ତଥା ଯାଜପୁର ଜିଲ୍ଲାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ପରିଚିତ । ଉକ୍ତ ଶିକ୍ଷାନୁଷ୍ଠାନ ଖେଳପଡ଼ିଆରେ ୧୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯିବ କ୍ରିକେଟ ଷ୍ଟାଡ଼ିୟମ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପିଏମଶ୍ରୀ ଏନସିହାଇସ୍କୁଲର ପ୍ଲାଟିନମ ଜୁବୁଲି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା ବେଳେ କୋରେଇ ବିଧାୟକ ତଥା ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଆକାଶ ଦାସନାୟକ ସହରର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ଏନସିହାଇସ୍କୁଲ ଖୋଳପଡ଼ିଆରେ ଏକ କ୍ରିକେଟ ଷ୍ଟାଡ଼ିୟମ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣରେ ଏନେଇ ସମ୍ମତି ପ୍ରକାଶ ସହ ତୁରନ୍ତ ଏଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହିକ୍ରମରେ ତା.୧୬.୦୪.୨୦୨୬ରେ ଖେଳପଡିଆରେ ଏକ କ୍ରିକେଟ୍ ଷ୍ଟାଡିୟମ୍ ନିର୍ମାଣ ହେବାପାଇଁ ୯ କୋଟି ୯୧ ଲକ୍ଷ ୯ ହଜାର ଟଙ୍କାର ଆଡ୍‌ମିନ୍‌ଷ୍ଟ୍ରେଟିଭ୍ ଆପ୍ରୁଭାଲ୍ ହୋଇଯାଇଛି । କୋରେଇ ବିଧାୟକ ତଥା ଯାଜପୁର ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଆକାଶ ଦାସନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ପରିପ୍ରେକ୍ଷୀରେ ଶ୍ରୀ ଦାସନାୟକ କହିଛନ୍ତି ଯେ -ଯେଉଁ ପଡିଆରେ ମୁଁ ମୋର ପିଲାଦିନ କଟାଇଛି ତାକୁ ଆଜି ଏକ ନୂତନ ଷ୍ଟାଡିୟମରେ ଦେଖିବାକୁ ମିଳିବ । ସେଥିପାଇଁ ମୁଁ ବହୁତ ଖୁସି ଅନୁଭବ କରୁଛି । ବହୁତ ଦିନ ଅବହେଳିତ ପଡିଆଟି ଜୀବନ୍ତ ରୂପ ପାଇବାକୁ ଯାଉଛି । ଯେଉଁ ପ୍ରତିଶୃତି ମୁଖ୍ୟମନ୍ତ୍ରୀ ଦେଇଥିଲେ ଅଳ୍ପଦିନ ଭିତରେ ତାକୁ ସେ ପୂରଣ କରିଛନ୍ତି, ତେଣୁ ତାଙ୍କୁ ଅନେକ ଅନେକ ଧନ୍ୟବାଦ । ଏହି ପଡିଆରେ ଷ୍ଟାଡିୟମ୍ ନିର୍ମାଣ ହେବା କଥା ଶୁଣି ମୁଖ୍ୟମନ୍ତ୍ରୀ ଏବଂ ବିଧାୟକଙ୍କୁ ବିଭିନ୍ନ ମହଲରୁ କୃତଜ୍ଞତା ଜ୍ଞାପନ କରାଯାଉଛି । ବ୍ୟାସନଗରର କ୍ରୀଡାର ଉନ୍ନତି ନିମନ୍ତେ ବ୍ୟାସନଗର ଷ୍ଟାଡିୟମ୍‌ର ଉନ୍ନତିକରଣ ଏବଂ ଏନ୍.ସି. ହାଇସ୍କୁଲ ପଡିଆରେ ମିନି ଷ୍ଟାଡିୟମ୍ ନିର୍ମାଣ ବ୍ୟାସନଗର କ୍ରୀଡାପ୍ରେମୀଙ୍କୁ ବଡ ଉପହାର ମିଳିଥିବା ଜନସାଧାରଣରେ ଆଲୋଚ୍ୟର ବିଷୟ ପାଲଟିଯାଇଛି । ଏହି ଦୁଇଟି ଷ୍ଟାଡିୟମ ସଂପୂର୍ଣ୍ଣ ହେଲେ ବ୍ୟାସନଗର ସହର ଏବଂ ଆଖପାଖ ଅଂଚଳର ସାଧାରଣ ପିଲାମାନେ କ୍ରୀଡା ଅଭ୍ୟାସ କରି ଭଲ କ୍ରୀଡାବିତ୍ ହୋଇ ରାଜ୍ୟସ୍ତରୀୟ ଏବଂ ଆର୍ନ୍ତଜାତୀୟ ସ୍ତରରେ ସୁନାମ ଅର୍ଜନ କରି କୋରେଇର ନାମ କ୍ରୀଡା କ୍ଷେତ୍ରରେ ଯୋଡିପାରିବେ।

# ବିଜୁ ପଟ୍ଟନାୟକ ମାର୍ଗରେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ମରାମତି କାର୍ଯ୍ୟ ଆରମ୍ଭ କଲା ଭିସା ଷ୍ଟିଲ୍

ଦାନଗଦି,(ସବ୍ୟୁ) : କଳିଙ୍ଗ ନଗର ଶିଳ୍ପ ସୁରକ୍ଷା ଏବଂ ସ୍ଥାନୀୟ ପରିବହନ ବ୍ୟବସ୍ଥାରେ ସୁଧାର ଆଣିବା ଦିଗରେ ଏକ ପ୍ରଶଂସନୀୟ ପଦକ୍ଷେପ ସ୍ୱରୂପ, ଭିସା ଷ୍ଟିଲପକ୍ଷରୁ ବିଜୁ ପଟ୍ଟନାୟକ ମାର୍ଗ, ବିଶେଷ କରି ଜେଡି ୧୮ ରେଲେଓ୍ୱ କ୍ରସିଂ ନିକଟସ୍ଥ ଗୁରୁତ୍ୱପୂର୍ଣ୍ଣ ରାସ୍ତାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି । ଜେଡି ୧୮ରେଲୱେ କ୍ରସିଂଠାରେ ସଙ୍କଟାପନ୍ନ ଅବସ୍ଥାଗତ କିଛି ମାସ ହେବ ବିଜୁ ପଟ୍ଟନାୟକ ମାର୍ଗରେ ଥିବା ଏହି ରେଲେଓ୍ୱ କ୍ରସିଂ ଅତି ଶୋଚନୀୟ ଅବସ୍ଥାରେ ରହିଥିଲା । କଳିଙ୍ଗ ନଗର ଶିଳ୍ପାଞ୍ଚଳର ଏକ ପ୍ରମୁଖ ଧମନୀ ଭାବେ ପରିଚିତ ଏହି ରାସ୍ତା ଦେଇ ଦିନରାତି ଶତାଧିକ ଶିଳ୍ପ ଭିତ୍ତିକ ଭାରୀଯାନ କଞ୍ଚାମାଲ ଏବଂ ପ୍ରସ୍ତୁତ ସାମଗ୍ରୀ ନେଇ ଯାତାୟାତ କରିଥାଏ । ପୂର୍ତ୍ତ ବିଭାଗ ପକ୍ଷରୁ ମରାମତି କାର୍ଯ୍ୟରେ ବିଳମ୍ବ ଏବଂ ଅତ୍ୟଧିକ ଭାରୀଯାନ ଚଳାଚଳ ଯୋଗୁଁ ଏହି ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା



।ମୁଖ୍ୟ ସମସ୍ୟାଗୁଡ଼ିକ:ସୁରକ୍ଷା ବିପଦ: ଭାରୀଯାନ ଏବଂ ସାଧାରଣ ପଥଚାରୀଙ୍କ ପାଇଁ ନିୟମିତ ଦୁର୍ଘଟଣାର କାରଣ ସାଜିଥିଲା ।ଟ୍ରାଫିକ ଜାମ: ପ୍ରବଳ ଯାନବାହନ ଭିଡ଼ ଯୋଗୁଁ ଶିଳ୍ପ ଉତ୍ପାଦନ ଏବଂ ଜରୁରୀକାଳୀନ ସେବା ବାଧାପ୍ରାପ୍ତ ହେଉଥିଲା ।ଭିତ୍ତିଭୂମିର ଅବକ୍ଷୟ: ରାସ୍ତାର ଅବସ୍ଥା ଖରାପ ଥିବାରୁ ଯାନବାହନ ଗୁଡ଼ିକ ମଧ୍ୟ ବାରମ୍ବାର ନଷ୍ଟ ହେଉଥିଲା ।ଜନସାଧାରଣଙ୍କ ସୁରକ୍ଷା ପାଇଁ କର୍ପୋରେଟ ହସ୍ତକ୍ଷେପବଢୁଥିବା ଦୁର୍ଘଟଣା ଏବଂ ସରକାରୀ ମରାମତି କାର୍ଯ୍ୟରେ ମନ୍ଥରତାକୁ ଦୃଷ୍ଟିରେ ରଖି, ଭିସା ଷ୍ଟିଲ ପକ୍ଷରୁ କଳିଙ୍ଗ ନଗର ଅତିରିକ୍ତ ଜିଲ୍ଲାପାଳ ଙ୍କ ସହିତ ଯୋଗାଯୋଗ କରାଯାଇ ରାସ୍ତା ମରାମତି ପାଇଁ ଅନୁମତି ଲୋଡ଼ାଯାଇଥିଲା ।

ଆବଶ୍ୟକୀୟ ଅନୁମତି ପାଇବା ପରେ, ଭିସା ଷ୍ଟିଲ ପକ୍ଷରୁ --୧୮ ରେଲେଓ୍ୱ କ୍ରସିଂଠାରୁ ବିଭିନ୍ନ ଶିଳ୍ପାନୁଷ୍ଠାନକୁ ସଂଯୋଗ କରୁଥିବା ଟର୍ନିଂ ପଏଣ୍ଟ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ କରାଯାଇଛି ।ଶ୍ରମିକ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ଜରୁରୀ ଥିଲା । ଭିସା ଷ୍ଟିଲ ପ୍ରତିନିଧିଜନସାଧାରଣଙ୍କ ମଧ୍ୟରେ ସନ୍ତୋଷଏହି ସ୍ଥାୟୀ କଂକ୍ରିଟ ରାସ୍ତା ନିର୍ମାଣ ହେବା ଫଳରେ ବାରମ୍ବାର ହେଉଥିବା ରାସ୍ତା ମରାମତି ସମସ୍ୟାର ସମାଧାନ ହେବ ବୋଲି ଆଶା କରାଯାଉଛି । ଏହି ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ କଳିଙ୍ଗ ନଗରର ଏହି ବ୍ୟସ୍ତବହୁଳ ଅଞ୍ଚଳରେ ଯାନବାହନ ଚଳାଚଳ ସ୍ୱାଭାବିକ ହେବ।

# ୨୩ ତମ ଜାତୀୟ ନାଟ୍ୟ ମହୋତ୍ସବ କାନଫେଷ୍ଟ ୨୦୨୬ ଉଦ୍‌ଘାଟିତ

ପାରାଦୀପ ,( ଜିପ୍ର ) :ପାରାଦୀପର ଅଗ୍ରଣୀ ଅନୁଷ୍ଠାନ କାନମାସ ତରଫରୁ ଆୟୋଜିତ ୨୩ତମ ଜାତୀୟ ନାଟ୍ୟ ମହୋତ୍ସବ କାନଫେଷ୍ଟ ୨୦୨୬ ସ୍ଥାନୀୟ ଜୟଦେବ ସଦନ ଠାରେ ୨୧ ତାରିଖ ଦିନ ଉ"ାଟିତ ହୋଇଯାଇଛି । କାନମାସର ସଭାପତି କ୍ୟାପଟେନ ଅତୁଲ୍ୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉ"ାଟନୀ ସନ୍ଧ୍ୟାରେ କାର୍ଯ୍ୟକ୍ରମକୁ ବନ୍ଦର ଅଧ୍ୟକ୍ଷ ପି ଏଲ ହରନାଧ ଉ"ାଟନ କରି କହିଥିଲେ କି କାନମାସ ପ୍ରତିବର୍ଷ ନାଟ୍ୟ ମହୋତ୍ସବ ଆୟୋଜନ କରି କେବଳ ଆମକୁ ନାଟକ ଦେଖିବାର ସୁଯୋଗ ଦେଇନାହିଁ, ନାଟକକୁ ଉଜ୍ଜୀବିତ କରି ରଖିବାରେ କାନମାସର ପ୍ରଚେଷ୍ଟା ସ୍ୱାଗତଯୋଗ୍ୟ । ଏହି ଅବସରରେ ପାରାଦୀପ ମ୍ୟୁନିସିପାଲିଟିର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ସିନେ ପ୍ରତିଭା ସମରେଶ ରାଉତରାୟ, ନାଟ୍ୟ ନିର୍ଦ୍ଦେଶକ ମନୋଜ ନାୟର, ବନ୍ଦର ସିଏମଇ ସୁଶୀଲ ନାହାକ ଅନ୍ୟତମ ଅତିଥି ଭାବେ ଯୋଗଦାନ କରିଥିଲେ । ଏହି ଅବସରରେ ଯୁବ ନାଟ୍ୟ ନିର୍ଦ୍ଦେଶକ ନଳିନୀ ନିହାର ନାୟକଙ୍କୁ ମନୋଜ



ପ୍ରଧାନ ସ୍ମୃତି ସମ୍ମାନ ଓ ସମରେଶ ରାଉତରାୟଙ୍କୁ ରଙ୍ଗ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା । ଶେଷରେ କାନମାସର ଉପାଧ୍ୟକ୍ଷ ସନ୍ତୋଷ ସାମଲ ଧନ୍ୟବାଦ ଦେଇଥିଲେ । ଉ"ାଟନୀ ସନ୍ଧ୍ୟାରେ ଭୋପାଳର ସ୍ୟାଡୋ ଥିଏଟର ମନୋଜ ନାୟରଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ନାଟକ ପ୍ରକାଶ ହାର୍ଜି ହୋ ମଞ୍ଚସ୍ଥ କରିଥିଲେ । ପ୍ରକାଶହାଜିର ହୋ ବିଜୟଦାନଦେଥାଙ୍କ କାହାଣୀ ଦ୍ୱାରା ଅନୁପ୍ରାଣିତ, ଯିଏ ରହସ୍ୟମୟତାକୁ ବାସ୍ତବ ସହିତ ମିଶ୍ରଣ କରୁଥିବା ଶକ୍ତିଶାଳୀ କାହାଣୀ ବୁଣିବା ପାଇଁ ଜଣାଶୁଣା, ପ୍ରାୟତଃ ଗଭୀର ସାମାଜିକ ଏବଂ ମନସ୍ତା%ିକ ଧାରା ପ୍ରତିଫଳିତ କରେ । ନାଟକଟି ଦୁଇଟି ସମାନ୍ତରାଳ କାହାଣୀ ମାଧ୍ୟମରେ ପ୍ରଦର୍ଶିତ ହୁଏ । ପ୍ରଥମଟି ଚକଭା ଏବଂ ଚକଭି ପକ୍ଷୀମାନଙ୍କ ଦ୍ୱାରା ବର୍ଣ୍ଣିତ ଏକ ଲୋକକଥା, ଜଣେ ନିଷ୍କପଟ ରାଜାଙ୍କ ବିଷୟରେ ଯାହାଙ୍କ ତାଙ୍କ ଗୁରୁଙ୍କ ପ୍ରତି ଅପାର ଭକ୍ତି ତାଙ୍କୁ ଅସମ୍ଭବ ଚେଷ୍ଟା କରିବାକୁ ପ୍ରେରଣା ଦିଏ - ଆଲୋକକୁ କବଜା କରିବା, ଏପରିକି ରହସ୍ୟମୟ ଅଭ୍ୟାସଗୁଡ଼ିକୁ ମଧ୍ୟ ଆଶ୍ରୟ ନେବା । ଏହି କାହାଣୀ ଅନ୍ଧ ବିଶ୍ୱାସ, ସତ୍ୟର ଅନୁସନ୍ଧାନ ଏବଂ ନିୟନ୍ତ୍ରଣର ଭ୍ରମକୁ ଅନୁସନ୍ଧାନ କରେ । ଏକ ସ୍ଥାନୀୟ ପାର୍କରେ ଅଭ୍ୟାସ କରୁଥିବା ଏକ ସମସାମୟିକ ନାଟ୍ୟଦଳର କାହାଣୀ ସହିତ ଦୌଡୁଛି । ପ୍ରକାଶ ନାମକ ସେମାନଙ୍କର ମୁଖ୍ୟ ଅଭିନେତା ଯେତେବେଳେ ପହଞ୍ଚିବାରେ ବିଫଳ ହୁଅନ୍ତି ସେତେବେଳେ ଉତ୍ତେଜନା ସୃଷ୍ଟି ହୁଏ । ତାଙ୍କର ଅନୁପସ୍ଥିତି ଅଭ୍ୟାସକୁ ବାଧା ସୃଷ୍ଟି କରେ, ଗୋଷ୍ଠୀ ମଧ୍ୟରେ ଅନିଶ୍ଚିତତା ଏବଂ ଅସ୍ୱସ୍ତି ସୃଷ୍ଟି କରେ । ଏହି ଦୁଇଟି କାହାଣୀ ପରସ୍ପରକୁ ପ୍ରତିଫଳିତ କରେ - ଯେତେବେଳେ ରାଜା ଆଲୋକ ଖୋଜନ୍ତି, ନାଟ୍ୟଦଳ ପ୍ରକାଶ ପାଇଁ ଅପେକ୍ଷା କରେ । ଏହି ସମାନ୍ତରାଳ ଗଠନ ନାଟକର କେନ୍ଦ୍ରୀୟ ରୂପକ ହୋଇଯାଏ, ଯେଉଁଠାରେ ପ୍ରକାଶ କେବଳ ଜଣେ ବ୍ୟକ୍ତିଙ୍କୁ ନୁହେଁ, ବରଂ ଜ୍ଞାନ, ସତ୍ୟ ଏବଂ ଜ୍ଞାନକୁ ପ୍ରତିନିଧିତ୍ୱ କରେ । ଏହି ସ୍ତରୀଭୂତ କାହାଣୀ ମାଧ୍ୟମରେ, ନାଟକଟି ଜୀବନରେ ଗୁରୁ, ଜ୍ଞାନ ଏବଂ ସତ୍ୟର ଗୁରୁତ୍ୱକୁ ଆଲୋକିତ କରେ, ଶେଷରେ ସୂଚାଇ ଦିଏ ଯେ ଆଲୋକର ସନ୍ଧାନ ଏକ ବାହ୍ୟ ଯାତ୍ରା ଏବଂ ଏକ ଆଭ୍ୟନ୍ତରୀଣ ଅନୁଭବ । କଳାକାର ମାନଙ୍କ ନିଖୁଣ ଅଭିନୟ ଦର୍ଶକ ମାନଙ୍କୁ ଅନେକ ସମୟ ଧରି ବାନ୍ଧି ରଖିଥିଲା । ଉ"ାଟନୀ କାର୍ଯ୍ୟକ୍ରମ କାନମାସର ସମ୍ପାଦକ ଶ୍ରୀମନ ମିଶ୍ର ପରିଚାଳନା କରିଥିଲେ ।ଆସନ୍ତାକାଲି ୨ୟ ସନ୍ଧ୍ୟାରେ ରାଉରକେଲାର ନିଉ କେ୍ୱଷ୍ଟ ରିପୋର୍ଟରୀ ଓଡ଼ିଆ ଭାଷାରେ ନାଟକ କାରାଗାର ର କାହାଣୀ ମଞ୍ଚସ୍ଥ କରିବେ

# ଅପରାଧ ମୁକ୍ତ ପାଇଁ କୁଜଙ୍ଗ ଥାନାରେ ଆମ ପୋଲିସ ସମିତି ଗଠନ ହେବ

କୁଜଙ୍ଗ,(ସବ୍ୟୁ) :କୁଜଙ୍ଗ ଥାନା ଅଞ୍ଚଳ କୁ ଅପରାଧ ମୁକ୍ତ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବା ସହ ଏଠାରେ ଏକ ଆମ ପୋଲିସ ସମିତି ଗଠନ ହେବ ବୋଲି ଜଣାଯାଇଛି । କୁଜଙ୍ଗ ଥାନା ଅଞ୍ଚଳ ରେ ଶାନ୍ତି ଶୃଙ୍ଖଳା ଓ ଅପରାଧ ନିୟନ୍ତ୍ରଣ ପାଇଁ ଏହି ଅଞ୍ଚଳ ରେ କୁଜଙ୍ଗ ପୋଲିସ ଓ ଜନ ସାଧାରଣ ଙ୍କ ସହଯୋଗ ଲୋଡ଼ାଯାଇଛି । ଉଚ୍ଚ ପୋଲିସ ଅଧିକାରୀ ମାନେ ଓ କୁଜଙ୍ଗ ପୋଲିସ ଏ ଦିଗ ରେ ଉଦ୍ୟମ ଆରମ୍ଭ କରିଛନ୍ତି । ଆଜି କୁଜଙ୍ଗ ଥାନା ନିକଟବର୍ତ୍ତୀ ଗ୍ରାମ ର କେତେକ ମୁରବି, ବଜାର ବ୍ୟବସାୟୀ, ବଣିକ ସଂଘ କର୍ମକର୍ତ୍ତା ଓ ସ୍ୱର୍ଣ୍ଣକାର ବ୍ୟବସାୟୀ ମାନଙ୍କୁ ନେଇ କୁଜଙ୍ଗ ଥାନା ରେ ଏକ ବୈଠକ ଆୟୋଜନ କରାଯାଇଥିଲା । ତିର୍ତ୍ତୋଲ ଏସ ଡି ପି ଓ ଅଜୟ କୁମାର ଦାସ, କୁଜଙ୍ଗ ଥାନା ଆଇ ଆଇ ସି ଶିବାଶିଷ ଦାସ ଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ମାନେ ଏକ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ । ଏସ ଡି ପିଓ ଶ୍ରୀ ଦାସ କହିଲେ କିଛି ଅପରାଧ ହେଲେ ବ୍ୟବସାୟୀ ଓ ସ୍ଥାନୀୟ ଲୋକେ ତୁରନ୍ତ ପୋଲିସ କୁ ଖବର ଦେବା ଉଚିତ । ଅପରାଧ ଯେପରି ସଂଗଠିତ ହୋଇ ନପାରିବ, ଏଥିପାଇଁ ସ୍ଥାନୀୟ ଅଧିବାସୀ ଓ ବ୍ୟବସାୟୀ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପୋଲିସ କୁ ସହଯୋଗ ର ହାତ ବଢାଇଲେ ଅପରାଧ ତୁରନ୍ତ ନିୟନ୍ତ୍ରଣ ହୋଇପାରିବ । ଏଥିପାଇଁ ସେ ଜନସାଧାରଣ, ବ୍ୟବସାୟୀ ମାନଙ୍କ ସହଯୋଗ କାମନା କରିଥିଲେ । ପୋଲିସ ଓ ସ୍ଥାନୀୟ ମୁରବି ଓ ବ୍ୟବସାୟୀ ମାନଙ୍କୁ ନେଇ ଏକ ପୋଲିସ ସମିତି ଖୁବ ଶୀଘ୍ର ଗଠନ କରାଯିବ । ଏହାଫଳ ରେ ସମସ୍ତଙ୍କର ଗୁରୁଦାୟିତ୍ୱ ରହିବ ବୋଲି ଏସ ଡି ପିଓ ଶ୍ରୀ ଦାସ କହିଥିଲେ । ସ୍ୱର୍ଣ୍ଣକାର ବ୍ୟବସାୟୀ ମାନେ ଏସ ଡି ପିଓ ଓ ଆଇ ଆଇ ସି ଙ୍କ ସହ ଏକ ସ୍ୱତନ୍ତ୍ର ଆଲୋଚନା କରିଥିଲେ ।

# କୋରୁଅ ଗ୍ରାମରେ ସନ୍ଥ ସମ୍ମିଳନୀ

ନାଉଗାଁ, (ସବ୍ଯୁ) : ନାଉଗାଁ ବ୍ଲକ ଅନ୍ତର୍ଗତ କୋରୁଅ ଗ୍ରାମରେ ବାର୍ଷିକ ଅଷ୍ଟମ ପ୍ରହରୀ ଉପଲକ୍ଷେ ସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଡାକ୍ତର ବିଚିତ୍ରା ନନ୍ଦ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସନ୍ଥ ସମ୍ମିଳନୀରେ ଭୁବନେଶ୍ୱର ଜ୍ଞାନ ପ୍ରଭା ମିଶନର ସାଧ୍ୱୀ କନ୍ୟାର୍ତିମାୟାନନ୍ଦ ଗିରି,କଟକ ତପୋବନ ଆଶ୍ରମର ବାବା ଶ୍ରୀ ବିଶ୍ୱମାନନ୍ଦ ଗିରି,ନାଉଗାଁ ସଂକୀର୍ତ୍ତନ ମହାମଣ୍ଡଳର ସଭାପତି ବାବା ଦିବ୍ୟକୃଷ୍ଣ ଦାସ, ହରିହରାନନ୍ଦ ଧ୍ୟାନ ମନ୍ଦିର ନାଉଗାଁ ର ସାଧ୍ୱୀ ନିର୍ଲିପ୍ତ ନନ୍ଦ ଗିରି,ଆଦି ଯୋଗ ଦେଇ ବର୍ତ୍ତମାନ ସମାଜ ଆଧ୍ୟାତ୍ମିକତା ଠାରୁ ଦୁରେଇ ଯାଉଛି । ଯୁବ ପିଢୀ ମାନେ ନିଶା, ହିଂସା,କ୍ରୋଧ,କାମନା ବାସନା ପରିତ୍ୟାଗ କରି ଏକ ସୁସ୍ଥ ସମାଜ ଗଠନ କରିବା ଦିଗରେ ଆଗଭର ହେବା ଉଚିତ ।ଭଗବାନଙ୍କ ନାମ କିର୍ତନ,ଭଜନ ଓ ଗୁଣନ କଲେ ଏକ ପ୍ରେମମୟ ସମାଜ ଗଠନ ହୋଇ ପାରିବ ବୋଲି ଉତ୍ସବରେ ଯୋଗ ଦେଇଥିବା ସାଧୁ ମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀ ଙ୍କ ସମେତ ନିରଞ୍ଜନ ମହାନ୍ତି, ସୁକାନ୍ତ କୁମାର ଲେଙ୍କା ଆଦି ପରିଚାଳନା କରିଥିଲେ ।

# ହାତ ଗୋଡ ବାନ୍ଧି ପେଟ୍ରୋଲ ଢାଳି ନିଆଁ ଲଗାଇଦେଲେ ଦୁର୍ବୃତ୍ତ

ନିମାପଡା ,(ସବ୍ୟୁ) : ଗତ ୧୭ ତାରିଖ ବିଳମ୍ବିତ ରାତ୍ରରେ ନିମାପଡା ଥାନା ସଲଙ୍ଗ ପଂଚାୟତ ଅନ୍ତର୍ଗତ ଛବାଟିଆ ଗ୍ରାମରେ ୬ ଜଣ ଦୁର୍ବୃତ୍ତ ଆସି ଗୋଟିଏ ପରିବାରର ୩ ଜଣ ସଦସ୍ୟଙ୍କ ହାତ,ଗୋଡ ଓ ମୁହଁ ବାନ୍ଧି ଘରର କବାଟ ଦେଇ ଘରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ସୌଭାଗ୍ୟ ବଶତଃ ଅଳ୍ପକେ ବର୍ତ୍ତିଯାଇଛନ୍ତି ପରିବାରର ୩ ଜଣ ସଦସ୍ୟ। ଏଭଳି ଜଘନ୍ୟ ଘଟଣା ନିମାପଡା ଅଂଚଳରେ ଚାଂଚଲ୍ୟ ଖେଳାଇ ଦେଇଛି।

ଅଭିଯୋଗରୁ ପ୍ରକାଶ ଯେ, ଉକ୍ତ ଗ୍ରାମର ଆଲୋକ କୁମାର ସ୍ୱାଇଁ ତାଙ୍କ ପିତା ଗୁଣନିଧି ସ୍ୱାଇଁ ଓ ମା ଜାଇ ଫୁଲ ଗତ ୧୭ ତାରିଖ ରାତ୍ରରେ ଘରେ ଶୋଇଥିବା ବେଳେ ୬ଜଣ ଦୁର୍ବୃତ୍ତ ହାତରେ ବିଭିନ୍ନ ମାରଣାସ୍ତ୍ର ଧରି ମୁହଁରେ ମୁଖା ବାନ୍ଧି ଆସି ଘରର କବାଟ ବାଡାଇଥିଲେ।

ଆଲୋକ କାବାଟ ଖୋଲିବା ମାତ୍ରେ ଦୁର୍ବୃତ୍ତ ମାନେ ଘର ଭିତରେ ପଶି ଆଲୋକ ଓ ତାଙ୍କ ପିତା,ମାତାଙ୍କ ହାତ,ଗୋଡ ଓ ମୁହଁ ବାନ୍ଧ ମାଡ ମାରି ଘରର ବାହାର ପଟ କବାଟ ଦେଇ ଘରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇ ପଳାଇଥିଲେ। ରାତ୍ରରେ ପଡିଶା ଘରର ଜଣେ ଲୋକ ବାହାରକୁ ପରିସ୍ରା କରିବାକୁ ଆସି ଦେଖନ୍ତି ଆଲୋକଙ୍କ ଘର ଜଳୁଛି। ସେ ଗ୍ରାମବାସୀଙ୍କୁ ଡାକ ପକାଇବାରୁ ଗ୍ରାମବାସୀମାନେ ଦମକଳ ବାହିନୀକୁ ଖବର ଦେବା ସହିତ ଘର ଭିତରୁ ହାତ ଗୋଡ ବନ୍ଧା ଅବସ୍ଥାରେ ବାପା,ମା ଓ ପୁଅକୁ ଉଦ୍ଧାର କରିଥିଲେ। ଆଲୋକ ଓ ମା ଆହତ ହୋଇ ଭୁବନେଶ୍ୱରରେ ଚିକିସିତ ହେଉଛନ୍ତି। ଏ ସଂପର୍କରେ ଆଲୋକ ନିମାପଡା ଥାନାରେ ଲିଖିତ ଅଭିଯୋଗ କରିବାରୁ ପୁଲିସ ୩ ଜଣ ଅଭିଯୁକ୍ତଙ୍କ ନାମରେ କେଶ ନଂ ୧୦୮/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଉଲ୍ଲେଖ ଯୋଗଯକି ଚାକିରୀ କରାଇଦେବା ନାଁ ରେ ଲକ୍ଷ ଲକ୍ଷ ଟଙ୍କା ଠକେଇ ଘଟଣା ଏହି ବିବାଦ ପଛର କାରଣ ବୋଲି କୁହାଯାଉଛି।

# ଖଳିସାହି ବଜାରରେ ପ୍ରଶାସନର ଜବରଦଖଲ ଉଚ୍ଛେଦ ଅଭିଯାନ

ଖଣ୍ଡପଡ଼ା ,(ସବ୍ୟୁ) : ଦିର୍ଘ ବର୍ଷ ଧରି ଖଣ୍ଡପଡ଼ା ସହରରୁ ଖଳିସାହି ବଜାର ଦେଇ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱ ଜବରଦଖଲକାରୀଙ୍କ କବଜାରେ କବଳିତ ହୋଇ ରହିଥିଲା । ଫଳରେ ଭାରି ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଥିଲା ।



ତେବେ ଉକ୍ତ ରାସ୍ତାର ସଂପ୍ରସାରଣ କାର୍ଯ୍ୟପୂର୍ତ୍ତବିଭାଗ ପକ୍ଷରୁ ଆରମ୍ଭ ହେବା ପରେ ଜବରଦଖଲକାରୀଙ୍କ ଯୋଗୁଁ ରାସ୍ତା ପ୍ରଶସ୍ତିକରଣରେ ସମସ୍ୟା ସୃଷ୍ଟି ହୋଇଥିଲା ।ଫଳରେ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱସ୍ଥ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ନେଇ ଖଣ୍ଡପଡ଼ା ତହସିଲ ପ୍ରଶାସନ ପକ୍ଷରୁ ଗତ ୨ ମାସ ତଳେ ଖଳିସାହି ବାସିନ୍ଦାଙ୍କୁ ସୂଚନା ପ୍ରଦାନ କରାଯାଇଥିଲା । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଖଳିସାହି ହନୁମାନଙ୍କ ରାସ୍ତା ପାର୍ଶ୍ୱ ତୋରଣ ନିକଟରୁ ଖଳିସାହି ମୁଖ୍ୟ ବଜାରର ଅଧା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱସ୍ଥ ସରକାରୀ ଜାଗାରୁ ଜେସିବି ମେସିନ ଯୋଗେ ମଙ୍ଗଳବାର ସକାଳେ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଥିବା ଜଣାଯାଇଛି ।

ଖଣ୍ଡପଡ଼ା ତହସିଲଦାର ବିଶ୍ୱବିଶୃତ ତ୍ରିପାଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୂର୍ତ୍ତବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ରାଧେଶ୍ୟାମ କାଲୋ,ବରିଷ୍ଠ ଯନ୍ତ୍ରୀ ପ୍ରାଣକୃଷ୍ଣ ମହାପାତ୍ର ଓ ପୁଲିସ ପ୍ରଶାସନ ଉପସ୍ଥିତିରେ ରାସ୍ତା ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରାଯାଇଥିବା ବେଳେ ଆସନ୍ତାକାଲି ବୁଧବାର ସକାଳେ ମଧ୍ୟ ଜବରଦଖଲ ଉଚ୍ଛେଦ ଅଭିଯାନ ଜାରି ରହିବ ବୋଲି ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି ।

## ଭଡା ଘରେ ଯୁବକଙ୍କ ଆମ୍ହତ୍ୟା

ନିମାପଡା ,(ସବ୍ୟୁ) : ଆଜି ମଧ୍ୟାହ୍ନ ସମୟରେ ନିମାପଡା କଳାକାହ୍ନୁ କଲ୍ୟାଣ ମଣ୍ଡପ ନିକରେ ଥିବା ଏକ କଲୋନୀର ଭଡା ଘର ଭିତରେ ଜଣେ ଯୁବକ ଆମ୍ହତଯା କରିଥିବା ଜଣାପଡିଛି। ମୃତ ଯୁବକ ଜଣକ ହେଲେ କେନ୍ଦ୍ରାପଡା ଜିଲ୍ଲା ବାଘଡିହ ଗ୍ରାମର ଅଶିଷ ସାହୁ(୨୩)। ଆଶିଷ ନିମାପଡାରେ ଥିବା ପାଟେଲୀ ପୁତ୍ର ଫାଇଭେଟ ଲିଃ.(ଆମାଜନ) ଶାଖାରେ ସୁପରଭାଜର ଭାବେ କାମ କରୁଥିଲେ। ଆଜି ମଧ୍ୟାହ୍ନରେ କମ୍ପାନୀର କାମ ସାରି କଲଯାଣ ମଣ୍ଡପ ନିକଟ କଲୋନୀରେ ଥିବା ଭଡା ଘରକୁ ସେ ଆସିଥିଲେ। ଆଶିଷଙ୍କ ଘରୁ ତାଙ୍କ ପାଖକୁ ବାରମ୍ବାର ଫୋନ କରିବା ସତ୍ତ୍ୱେ ସେ ନ ଉଠାଇବାରୁ ପରିବାର ଲୋକେ କମ୍ପାନୀର ଅନଯ କର୍ମଚାରୀଙ୍କୁ ଫୋନ କରି କାହିଁକୁ ଫୋନ ଉଠାଉନି ଯାଇ ଦେଖିବାକୁ କହିଥିଲେ। କମ୍ପାନୀର କିଛି ଯୁବକ ସେଠାରେ ପହଂଚି ଘର ଭିତର ପଟୁ କବାଟ ଦିଆଯାଇଥିବା ଦେଖି ବହୁ ଡାକିବା ସତ୍ତେ ସେ କବାଟ ନଖୋଲିବାରୁ ଖବାଟ ଭାଙ୍ଗି ଦେଖନ୍ତି ବେକରେ ଏକ କପଡା ବାନ୍ଧି ଆଶିଷ ସିଲିଂ ଫ୍ୟାନରେ ଝୁଲୁଛି। ତାକୁ ତଳକୁ ଖୋଲି ଦେଖନ୍ତି ଆଶିଷର ମୃତୁଯ ହୋଇଯାଇଛି। ଏସଂପର୍କରେ ପୁଲିସକୁ ସୂଚନା ଦେବାରୁ ପୁଲିସ ସେଠାରେ ପହଂଚି ଆଶିଷର ଶବକୁ ଜବତ କରିବା ସହିତ ପୁରୀରୁ ସାଇନଟିଫିକ ଟିମ ସହାୟତାରେ ଦତନ୍ତ ଚଳାଇଛି। ଅଶିଷ ବହୁତ ଭଲ ପିଲା ଓ ମେଳାପି ଥିଲା ବୋଲି କର୍ମଚାରୀ ମାନେ କହିଛନ୍ତି। ସେହି ଘର ଭିତରେ ଏକ ସୁଇସାଇଟ ନୋଟ ପୁଲିସକୁ ମିଳିଛି। ସେଥିରେ ମୋ ମୃତୁଯ ପାଇଁ କେହି ଦାୟୀ ନୁହନ୍ତି ବୋଲି ହାତ ଲେଖା ରହିଛି। ରିପୋର୍ଟ ଲେଖା ହେବା ପର୍ଯଯନ୍ତ ତାଙ୍କର ପରିବାର ଲୋକେ ପହଂଚି ନାହାନ୍ତି।

# ସୁନ୍ଦରଗ୍ରାମ ହାଇସ୍କୁଲ ପ୍ଲାଟିନମ ଜୁବିଲି ଉଦ୍‌ଯାପିତ

କଣ୍ଟାପଡା, (ସବୁ) : ସୁନ୍ଦରଗ୍ରାମ ସରକାରୀ ହାଇସ୍କୁଲ ପ୍ଲାଟିନମ ଜୁବିଲି ଉତ୍ସବ ଉଦଯାପିତ ହୋଇଛି । ଏହି ଉପଲକ୍ଷେ ପୁରାତନ ଛାତ୍ର ଡ.କୈଳାସଚନ୍ଦ୍ର ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ପ୍ରାକ୍ତନ ନିର୍ବାଚନ ଆୟୁକ୍ତ ଡ.ସଞ୍ଜୀବଚନ୍ଦ୍ର ହୋତା ମୁଖ ଅତିଥିଭାବେ ଯୋଗଦେଇ ପରିବେଶ ପ୍ରଦୂଷଣ ଜନିତ ପ୍ରଳୟକୁ ରୋକିବାକୁ ହେଲେ ଆମକୁ ସଚେତନ ହେବାକୁ ପଡ଼ିବ ଓ ଛାତ୍ରଛାତ୍ରୀମାନେ କାର୍ମିକ କ୍ଷେତ୍ରରେ ଏଥିପ୍ରତି ସଜାଗ ରହି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।




ପୂର୍ବତନ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଂ଼ାନନ କାନୁନଗୋ ମୁଖ ବକ୍ତାଭାବେ ମଞ୍ଚାସୀନ ହୋଇ ଉଭୟ ପ୍ରାଥମିକ ଶିକ୍ଷା ଓ ପ୍ରାଥମିକ ସ୍ୱାସ୍ଥ୍ୟ ସମ୍ପର୍କିତ ଭିତିଭୂମି ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । କମିଟି ସଭାପତି ସୁଶାନ୍ତକୁମାର ଦାଶ ସ୍ୱାଗତ ଭାଷଣ ଓ ସମ୍ପାଦକ ଇଂ.ଫଣିଭୂଷଣ ମହାନ୍ତି ବିବରଣୀ ପାଠ କରିଥିଲେ । ଏହି ଅବସରରେ ପ୍ରାକ୍ତନ ଶିକ୍ଷକ, ଛାତ୍ରଛାତ୍ରୀ ଓ ସାମ୍ବାଦିକ ବିଷ୍ଣୁଚରଣ ନାୟକଙ୍କ ସମେତ ଗଣମାଧମ ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଥିଲା ।

ଡଃ.ମୃତ୍ୟୁଞ୍ଜୟ ରଥ, କୈଳାସପ୍ରସାଦ ଦାଶ, ସୁବ୍ରତ ଦାଶ, କବୀନ୍ଦ୍ର ସେଠୀ, ଅଶୋକ ପାତ୍ର, ବରଦାପ୍ରସାଦ ମହାନ୍ତି, ଭାଗୀରଥି ସ୍ୱାଇଁ, ସୀତାକାନ୍ତ ଦାଶ, ଭାବଗ୍ରାହୀ ସାହୁ, ଅଶୋକ ରଥ ଓ ରଶ୍ମିରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ପ୍ଲାଟିନମ ଜୁବିଲି କମିଟି ସଦସମାନେ ସହଯୋଗ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## କୋରକରା ବଜାର ଉଚ୍ଛେଦ ଅଭିଯାନ: ଚାପା ଉତ୍ତେଜନା

ଫୁଲନଖରା ,(ସବ୍ୟୁ) : କଟକ ସଦର ଥାନା ଅନ୍ତର୍ଗତ କୋରକରା ପଞ୍ଚାୟତର କୋରକରା ବଜାରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବ୍ୟାପକ ଉଚ୍ଛେଦ ଅଭିଯାନ ଚାଲିଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । କାକଟପୁର ବ୍ରାଞ୍ଚ କେନାଲର ଦକ୍ଷିଣ ପାଶ୍ୱର୍ରେ ଦୀର୍ଘଦିନ ଧରି ଗଢ଼ିଉଠିଥିବା ଏହି ବଜାରରେ ସରକାରୀ ଜମି ଉପରେ ଅବୈଧ ଭାବେ ନିର୍ମିତ ୩୦ରୁ ଅଧିକ ଦୋକାନକୁ ଜେସିବି ମେସିନ ସହାୟତାରେ ହଟାଯାଇଛି । ସୂଚନାନୁସାରେ, ପ୍ରାୟ ସାତ ଦଶନ୍ଧି ଧରି ଏହି ବଜାରଟି ଅଞ୍ଚଳର ଏକ ପ୍ରମୁଖ ବ୍ୟବସାୟ କେନ୍ଦ୍ର ଭାବେ ପରିଚିତ ଥିଲା । କେନାଲ ରାସ୍ତାର ଦୁଇ ପାଶ୍ୱର୍ରେ ଦୋକାନ ସ୍ଥାପନ କରି ଅନେକ ପରିବାର ଦିନଚର୍ଯ୍ୟା ଚାଲାଉଥିଲେ । କିନ୍ତୁ ସରକାରଙ୍କ ରାସ୍ତା ପ୍ରଶସ୍ତିକରଣ ଯୋଜନା ଅନୁଯାୟୀ, ଏହି ଅଞ୍ଚଳରୁ ଅବୈଧ ଦଖଳ ହଟାଇବା ପାଇଁ ପୂର୍ବରୁ ଦୋକାନୀମାନଙ୍କୁ ନୋଟିସ ଜାରି କରାଯାଇଥିଲା । ତଥାପି ଅନେକେ ସେଥିପାଇଁ ପ୍ରତିସାଦ ଦେଇନଥିବାରୁ, ପ୍ରଶାସନ କଠୋର ପଦକ୍ଷେପ ନେବାକୁ ବାଧ ହୋଇଥିଲା । ଆଜି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବାରଙ୍ଗ ଅତିରିକ୍ତ ତହସିଲଦାରଙ୍କ ନେତୃତ୍ୱରେ, ଖଲରଦା ରାଜସ୍ୱ ନିରୀକ୍ଷକ ଓ କଟକ ସଦର ଥାନା ଆଇଆଇସିଙ୍କ ଉପସ୍ଥିତିରେ ପୋଲିସ ଫୋର୍ସ ସହ ଉଚ୍ଛେଦ ଅଭିଯାନ କରାଯାଇଥିଲା । ଜେସିବି ମେସିନ ଦ୍ୱାରା ଦୋକାନ ଭଙ୍ଗାଯାଇଥିବାବେଳେ, ଅନେକ ଦୋକାନୀ ତାଙ୍କର ସାମଗ୍ରୀ ସୁରକ୍ଷା ପାଇଁ ହତାଶ ଚେଷ୍ଟା କରୁଥିବା ଦୃଶ୍ୟ ଦେଖାଯାଇଥିଲା । ଉଚ୍ଛେଦ କାର୍ଯ୍ୟ ଆରମ୍ଭ ସମୟରେ ଅଞ୍ଚଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲେ ମଧ୍ୟ, ପୋଲିସ ପ୍ରଶାସନର ସଚେତନତା ଓ ସୁଦୃଢ଼ ବ୍ୟବସ୍ଥାପନାରେ ପରିସ୍ଥିତିକୁ ସଫଳତାର ସହ ନିୟନ୍ତ୍ରଣ କରାଯାଇଥିଲା । କୌଣସି ବଡ଼ ପ୍ରକାରର ଅଘଟଣ ଘଟିନଥିବା ସୂଚନା ମିଳିଛି । ଏହି ଉଚ୍ଛେଦ ଅଭିଯାନରେ ୩୦ରୁ ଅଧିକ ଦୋକାନୀ କ୍ଷତିଗ୍ରସ୍ତ ହୋଇଥିବାବେଳେ, ତାଙ୍କର ଜୀବିକା ଉପରେ ପ୍ରଭାବ ପଡ଼ିବା ନେଇ ସ୍ଥାନୀୟମାନଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି । ଏପରିକି କିଛି ଦୋକାନୀ ପ୍ରଶାସନଙ୍କ ନିଷ୍ପତ୍ତି ପ୍ରତି ଅସନ୍ତୋଷ ଜଣାଇଥିବା ବେଳେ, ଅନ୍ୟପଟେ ରାସ୍ତା ପ୍ରଶସ୍ତିକରଣ ହେଲେ ଯାତାୟାତ ସୁବିଧା ବୃଦ୍ଧି ପାଇବ ବୋଲି ଅଞ୍ଚଳବାସୀ ଆଶା ବ୍ୟକ୍ତ କରିଛନ୍ତି । ଏହି ଅଭିଯାନ ଅଞ୍ଚଳରେ ବିକାଶ ଓ ଜୀବିକା ମଧ୍ୟରେ ସମନ୍ୱୟ ନେଇ ଏକ ଚର୍ଚ୍ଚାର ପ୍ରସଙ୍ଗ ସୃଷ୍ଟି କରିଛି ।

# ବନମାଳିପୁର ଡିଗ୍ରୀ କଲେଜରେ ଅଗ୍ନି ନିରାପତ୍ତା ସଚେତନତା



ବାଲିପାଟଣା ,(ସବ୍ୟୁ) :ବନମାଳୀପୁର ଡିଗ୍ରୀ କଲେଜ ରେ ବାଲିପାଟଣା ଅଗ୍ନିଶମ ବାହିନୀ ଦାରା ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ବନମାଳୀପୁର ଡିଗ୍ରୀ କଲେଜ ର ଶକ୍ତି ଶ୍ରୀ ଏମ୍ପାୱରମେଣ୍ଟ ଆନୁକୂଲ୍ୟରେ ବାଲିପାଟଣା ଅଗ୍ନିଶମ ବାହିନୀ ଅଧିକାରୀ ଜ୍ୟୋତି ପ୍ରକାଶ ରଥ ଛାତ୍ର ଛାତ୍ରୀ ମାନଙ୍କୁ ଦୁଇଘଣ୍ଟାର ଏକ କାର୍ଯ୍ୟକ୍ରମ ମାଧ୍ୟମରେନିଆଁ କୁ କିପରି ଆୟତ୍ତ କରାଯାଇପାରିବ ।

କିପରି ପାଣିରୁ ଉଦ୍ଧାର କରିପାରିବ , ଇଲେକଟ୍ରିଫାୟାର କିପରି ଆୟତ୍ତ କରିପାରିବ ପ୍ରଶିକ୍ଷଣ ଦେଇଥିଲେ ।ଡେମୋ ଦେଖାଇବା କ୍ରମରେ ପେଟ୍ରୋଲ ଡିଜେଲ ଦାରା ନିଆଁ ଲଗାଇ ଲିଭାଇଥିଲେ । ଗ୍ୟାସ ରୁ ନିଆଁ ଲଗାଇ ଲିଭାଇଥିଲେ ।ଆୟୋଜନ କରାଯାଇଥିବା ସଭାରେ ଅଧକ୍ଷ ଡଃ ମୂରଲୀଧର ସାହୁ ସଭାପତିବ କରିଥିଲେ । ଶକ୍ତଶ୍ରୀ ଏମପାୱାର ସେଲ ଅଧିକାରୀ ମୋହମାୟା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧାପକ ଉମେଶ ଚନ୍ଦ୍ର ନାୟକ,ମନୋଜ କୁମାର ସାହୁ, ସନ୍ତୋଷ କୁମାର ଦାସ ଅଧାପିକା ଲକ୍ଷ୍ମୀ ପ୍ରିୟା ଜେନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ବଘେଇପୁଟରେ ଭବ୍ୟ କଳସ ଯାତ୍ରା
## ଶ୍ରୀ ଅନନ୍ତେଶ୍ୱର ଦେବଙ୍କ ପୀଠରେ ମହାଯଜ୍ଞ ଆରମ୍ଭ

ନିରାକାରପୁର ,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ବଘେଇପୁଟ ଗ୍ରାମରେ ଆଧ୍ୟାତ୍ମିକତା ପରିବେଶ ସୃଷ୍ଟି ହୋଇଛି । ଗ୍ରାମର ଆରାଧ୍ୟ ଦେବ ଶ୍ରୀ ଶ୍ରୀ ଅନନ୍ତେଶ୍ୱର ଦେବଙ୍କ ପୀଠରେ ଆୟୋଜିତ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଅବସରରେ ଆଜି ସକାଳୁ ଏକ ବିଶାଳ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ଆଜି ସକାଳୁ ସମୟରେ ଗ୍ରାମର ଶତାଧିକ ସଂକଳ୍ପଧାରୀ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ନୂତନ ବସ୍ତ୍ର ପରିଧାନ କରି ଶୋଭାଯାତ୍ରାରେ ବାହାରିଥିଲେ । ନିକଟସ୍ଥ ପବିତ୍ର ମଲାଗୁଣୀ ନଦୀରୁ ଜଳୋଦ୍ଧାର କରିବା ପରେ ମୁଣ୍ଡରେ କଳସ ଧାରଣ କରି ଶ୍ରଦ୍ଧାଳୁମାନେ ଗ୍ରାମ ପରିକ୍ରମା କରିଥିଲେ । ହରିବୋଲ, ହୁଳହୁଳି ଓ ଶଙ୍ଖ ଧ୍ୱନିରେ ସମଗ୍ର ବଘେଇପୁଟ ଗ୍ରାମ ଉତ୍ସବମୁଖର ହୋଇଉଠିଛି । ନଦୀ କୂଳରୁ ପୀଠ ପର୍ଯ୍ୟନ୍ତ ଏହି କଳସ ଯାତ୍ରା ଯଜ୍ଞର ମୁଖ୍ୟ ଆକର୍ଷଣ ସାଜିଥିଲା । ପରେ ଯଜ୍ଞ ମଣ୍ଡପରେ ବିଧି ଅନୁଯାୟୀ ଘଟ ସ୍ଥାପନ କରାଯାଇ ପୂଜାର୍ଚ୍ଚନା ଆରମ୍ଭ ହୋଇଛି ।



ଗତକାଲି (୨୦ ତାରିଖ) ସନ୍ଧ୍ୟାରେ ଅଙ୍କୁରାରୋପଣ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ଆଜି ପ୍ରାତଃରୁ କଳସ ଯାତ୍ରା ସହ ସୂର୍ଯ୍ୟପୂଜା, ଧେନୁପୂଜା ଓ ଶାଳା ମଣ୍ଡନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସନ୍ଧ୍ୟାରେ ଆଧ୍ୟାତ୍ମିକ ପ୍ରବଚନର ବ୍ୟବସ୍ଥା କରାଯାଇଛି । ଆସନ୍ତାକାଲି ଚଣ୍ଡୀ ଆହୁତି ଏବଂ ୨୩ ତାରିଖ ଗୁରୁବାର ଦିନ ପୂର୍ଣ୍ଣାହୁତି ପ୍ରଦାନ କରାଯିବ ।ଯଜ୍ଞର ଶେଷ ଦିବସରେ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ସହ ରାତି ୯ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନ୍ତର୍ଗତ 'ରାମନାଟକ' ପରିବେଷଣ ହେବ । ଗ୍ରାମବାସୀ ଓ ଯଜ୍ଞ କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥାକୁ ଶୃଙ୍ଖଳିତ କରାଯାଇଥିବା ବେଳେ ଏହି ପବିତ୍ର ରୁଦ୍ର ମହାଯଜ୍ଞରେ ଯୋଗଦେବାକୁ ଅଞ୍ଚଳବାସୀଙ୍କୁ ନିମନ୍ତ୍ରଣ କରାଯାଇଛି ।

## ବେଦ ପାଠଶାଳାରେ ଶଙ୍କରାଚାର୍ଯ୍ୟ ଜୟନ୍ତୀ

ନିରାକାରପୁର ,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ନିକଟସ୍ଥ ଶ୍ରୀ ଦେବୈ୍ୟ ଶୁକ୍ଳୟଜୁର୍ବେଦ କାଣ୍ୱ ବେଦପାଠଶାଳାରେ ଶଙ୍କରାଚାର୍ଯ୍ୟ ଜୟନ୍ତୀ ମହାସମାରୋହରେ ପାଳନ କରାଯାଇଛି । ଡଃ କୃପାସିନ୍ଧୁ ପଣ୍ଡା, ପଣ୍ଡିତ ତପନ କୁମାର ମହାପାତ୍ର, ପଣ୍ଡିତ ନଳିନୀ କାନ୍ତ ନନ୍ଦ, କେ କିରଣ କୁମାର, ପଣ୍ଡିତ ବସନ୍ତ କୁମାର ପଣ୍ଡା ଓ ବେଦବିଦ୍ୟାର୍ଥୀ ମାନଙ୍କ ଦାରା ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ଜୀବନୀ ଏବଂ ତାଙ୍କର ସମାଜକୁ ଧାର୍ମିକ ଦିଗଦର୍ଶନ ବିଷୟରେ ଏକ ଆଲୋଚନା ଚକ୍ର କରାଯାଇଥିଲା ।

# ଘରୁ କଳାକାନା ବୁଲାଇଲେ ଦୁର୍ବୃତ୍ତ
## ସୁନା ଗହଣା ସହ ନଗଦ ଟଙ୍କା ଲୁଟ

ନିରାକାରପୁର ,(ସବ୍ୟୁ) : ନିରାକାରପୁର ଥାନା ଅନ୍ତର୍ଗତ ଡିଆ ଗ୍ରାମରେ ଏକ ବଡ଼ଧରଣର ଚୋରି ହୋଇଥିବା ଅଭିଯୋଗ ହୋଇଛି । ଦୁର୍ବୃତ୍ତମାନେ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ନଗଦ ଟଙ୍କା ଲୁଟି ନେଇଥିବା ନେଇ ଗ୍ରାମର ଜ୍ୟୋତି ରଞ୍ଜନ ମହାପାତ୍ର ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି ।ଅଭିଯୋଗ ଅନୁଯାୟୀ, ଗତ ଏପ୍ରିଲ ୨୦ ତାରିଖ ରାତିରେ ଜ୍ୟୋତି ରଞ୍ଜନ ଓ ତାଙ୍କ ପରିବାର ସଦସ୍ୟ ଖାଇସାରି ଶୋଇବାକୁ ଯାଇଥିଲେ । ରାତି ପ୍ରାୟ ୧ଟାରୁ ୩ଟା ମଧ୍ୟରେ କେହି ଦୁର୍ବୃତ୍ତ ଘର ଭିତରକୁ ପଶି ଗୋଟିଏ ରୁମକୁ ବାହାର ପଟୁ ବନ୍ଦ କରିଦେଇଥିଲେ । ପରେ ଅନ୍ୟ ଏକ ରୁମରେ ଥିବା ଆଲମିରା ଓ ସିନ୍ଦୂକର ଲକ ଭାଙ୍ଗି ସମସ୍ତ ସୁନା ଅଳଙ୍କାର ଓ ଟଙ୍କା ଲୁଟି ନେଇଥିଲେ । ଲୁଟ ହୋଇଥିବା ସାମଗ୍ରୀ ମଧ୍ୟରେ ପ୍ରାୟ ୭୦ ଗ୍ରାମ ଓଜନର ସୁନା ଗହଣା (ହାର, କାନଫୁଲ, ମୁଦି ଓ ଚେନ),ନଗଦ ୫୦,୦୦୦ ଟଙ୍କା ଓ ଅନ୍ୟାନ୍ୟ କାଗଜପତ୍ର ଓ ରୁପା ଅଳଙ୍କାର ରହିଛି । ଭୋର ସମୟରେ ପରିବାର ଲୋକେ କବାଟ ଖୋଲିବାକୁ ଚେଷ୍ଟା କରିବା ବେଳେ ବାହାରୁ ବନ୍ଦ ଥିବା ଜାଣିବାକୁ ପାଇଥିଲେ । ପରେ ପଡ଼ୋଶୀଙ୍କ ସହାୟତାରେ କବାଟ ଖୋଲିବା ପରେ ଚୋରି ସମ୍ପର୍କରେ ଜଣାପଡ଼ିଥିଲା । ଏ ନେଇ ଆଜି (୨୧ ତାରିଖ) ନିରାକାରପୁର ଥାନା ଅଧିକାରୀଙ୍କୁ ଭେଟି ଘଟଣାର ତୁରନ୍ତ ତଦନ୍ତ କରିବାକୁ ଏବଂ ଚୋରଙ୍କୁ ଗିରଫ କରିବାକୁ ଜ୍ୟୋତି ରଞ୍ଜନ ଅନୁରୋଧ କରିଛନ୍ତି । ପୋଲିସ ଏହି ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କରି ତଦନ୍ତ ଆରମ୍ଭ କରିଛି । ସେହିପରି ଏମାନେ ଡିଆ ପଂଚାୟତ ର ଅନ୍ୟ ଗ୍ରାମରେ ମଧ୍ୟ ଚୋରି କରିବାକୁ ଉଦ୍ୟମ କରିଥିବା ସୂଚନା ମିଳିଛି ।

# ଜୟଦେବ ସଂକୀର୍ତ୍ତନ ପଦଯାତ୍ରୀ ଦଳ କାକଟପୁରରେ

କାକଟପୁର ,(ସବ୍ୟୁ) : ଆଜି ଗୀତଗୋବିନ୍ଦ ର ରଚୟିତା କବି ଜୟଦେବଙ୍କ ସ୍ମୃତି କୁ ମନେପକାଇବା ଉଦ୍ଦେଶ୍ୟରେ ଅକ୍ଷୀ ତୃତୀୟା ଠାରୁ କେନ୍ଦୁଲି ରୁ ବାହାରିଥିବା ସଂକୀର୍ତନ ପଦଯାତ୍ରୀ ଦଳ ମା ମଙ୍ଗଳାଙ୍କ ପୀଠ କାକଟପୁର ରେ ପହଞ୍ଚି ମା ଙ୍କୁ ଦର୍ଶନ କରି ଦେଉଳିମଠରେ ବିଶ୍ରାମ କରିଛନ୍ତି। ଆସନ୍ତାକାଲି ବୁଧବାର ପଦଯାତ୍ରୀ ଦଳ କୋଣାର୍କ ଅଭିମୁଖେ ଯାତ୍ରା କରିବେ ବୋଲି ସେମାନଙ୍କ ଠାରୁ ଜଣାପଡିଛି। କବି ଜୟଦେବ ଜଗନ୍ନାଥ ସଂସ୍କୃତି ର ପ୍ରାଣକେନ୍ଦ୍ର ଭାବେ ବିବେଚନା କରାଯାଇଥିଲେ ମଧ୍ଯ ଗତ ଦୁଇ ବର୍ଷ ହେବ ଜୟଦେବ ଜୟନ୍ତୀ ରେ ସରକାର ଙ୍କ ବୈମାତୃକ ମନୋଭାବ କାର୍ଯ୍ୟକ୍ରମ ରେ ବେଶ ବାରିହୋଇପଡୁଛି। ଅକ୍ଷୀ ତୃତୀୟା ଠାରୁ କବି ଜୟଦେବ ଙ୍କ ଜୟନ୍ତୀ କୁ ସାରା ଓଡିଶା ରେ ପରିଚିତ କରିବା ପାଇଁ ପୂର୍ ସରକାର ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରିଥିବା ବେଳେ ସରକାରୀ ସ୍ତରରେ ଏହାକୁ ଧୂମଧାମ ରେ ପାଳନ କରାଯାଉଥିଲା। ମାତ୍ର ପରବର୍ତ୍ତୀ ସରକାର ଙ୍କ ସମୟରେ ସଂକୀର୍ତନ ଯାତ୍ରୀ ଦଳ କୁ କୌଣସି ସରକାରୀ କ୍ଷେତ୍ରରେ ପ୍ରୋତ୍ସାହନ ଅଭାବରୁ ସେମାନଙ୍କୁ ଆଦର ଅଭ୍ୟର୍ଥନା ଦିଆଯାଉ ନାହିଁ କେବଳ କେନ୍ଦୁଲି ରୁ ଏକ ସଂକୀର୍ତନ ପଦଯାତ୍ରୀ ଦଳ ବାହାରି ପୁରୀ ଯାଇ ଫେରିଯାଉଥିବା ଦେଖିବାକୁ ମିଳୁଛି। ରାଜନୈତିକ ଇଚ୍ଛା ଶକ୍ତି ଅଭାବରୁ ଓଡ଼ିଆ ଅସ୍ମିତା ର ପ୍ରତୀକ ଜୟଦେବ ଜୟନ୍ତୀ ର ଏଭଳି ଅବ୍ୟବସ୍ଥା ଦେଖି ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଥିବା ଦେଖିବାକୁ ମିଳୁଛି। ଜୟଦେବ ଜୟନ୍ତୀ କୁ ଲୋକାଭିମୁଖୀ କରିବା ପାଇଁ ପୃଷ୍ଠପୋଷାକ ଦାୟିତ୍ୱ ନେଇଥିବା ଜଗନ୍ନାଥ ସଂସ୍କୃତି ପ୍ରଚାରକ ପଣ୍ଡିତ ତ୍ରିଲୋଚନ ମିଶ୍ର ଏହି ଅବ୍ୟବସ୍ଥାକୁ ଦେଖି ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ଗୀତଗୋବିନ୍ଦର ରଚୟିତା କବି ଜୟଦେବଙ୍କ ଯୋଗୁ ପ୍ରାଚୀ ସଂସ୍କୃତି ଜାଜ୍ଜ୍ୱଲ୍ୟମାନ ହୋଇଥିବା ବେଳେ ଆଜିର ଏହି ସଂକୀର୍ତନ ଦଳକୁ ଉପେକ୍ଷା କରାଯିବା ଓ ଅବହେଳିତ ଭାବେ ଛାଡ଼ିଦେବା ଏହା କଣ ଓଡ଼ିଆ ଅସ୍ମିତା କୁ କୁଠାରଘାତ କରୁନାହିଁ କି? ବୋଲି କ୍ଷୋଭ ଭରା କଣ୍ଠରେ ପଣ୍ଡିତ ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି।

## ଟ୍ରକ ଧକ୍କାରେ ବାଇକ ଆରୋହୀ ଗୁରୁତର: ଏମ୍ସରେ ଭର୍ତ୍ତି

ନିରାକାରପୁର ,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ହଜ ରୋଡରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି । ଏକ ଦ୍ରୁତଗାମୀ ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ହୋଇଥିବା ଜଣାପଡ଼ିଛି । ଗୁରୁତର ବ୍ୟକ୍ତିଜଣକ ହେଉଛନ୍ତି ଜଙ୍କିଆ ଥାନା ସରପାରୀ କଂସାରୀ ସାହିର ଉମ୍ବରଧର ସାହୁଙ୍କ ପୁଅ ପ୍ରଶାନ୍ତ କୁମାର ସାହୁ । ମିଳିଥିବା ସୂଚନା ଅନୁଯାୟୀ, ପ୍ରଶାନ୍ତ ପେସାରେ ଜଣେ ଚୁଡ଼ି ଓ କାଚ ବ୍ୟବସାୟୀ । ଆଜି ଅପରାହ୍ନରେ ସେ ନିଜ ଗ୍ରାମରୁ ଏକ ବାଇକ ଯୋଗେ ହଜ ରାସ୍ତା ଦେଇ ରଣପୁର ଅଞ୍ଚଳକୁ ଯାଉଥିଲେ । ତେବେ ଟାଙ୍ଗୋଳ-ହଜ ରାସ୍ତା ମଝିରେ ଏକ ଟ୍ରକ ତାଙ୍କୁ ଧକ୍କା ଦେବା ସହ ତାଙ୍କ ଉପରେ ଚଢ଼ି ଯାଇଥିଲା । ଫଳରେ ତାଙ୍କର ଏକ ଗୋଡ଼ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇଛି । ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପ୍ରଶାନ୍ତଙ୍କୁ ଉଦ୍ଧାର କରିଥିଲେ । ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ତୁରନ୍ତ ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ବର୍ତ୍ତମାନ ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

# ପଞ୍ଚବଟୀରେ ଆରମ୍ଭ ହେଲା ସଂପୂର୍ଣ୍ଣା ଇଣ୍ଟରନ୍ୟାସନାଲ ସ୍କୁଲ

ଫୁଲନଖରା,(ସବ୍ୟୁ) : ପବିତ୍ର ଅକ୍ଷୟତୃତୀୟାର ଶୁଭ ଅବସରରେ ଫୁଲନଖରା-ନିଆଳି ୬୦ ନମ୍ବର ରାଜ୍ୟ ରାଜପଥର ପଞ୍ଚବଟୀ ବଜାର ଠାରେ ସଂପୂର୍ଣ୍ଣା ଇଣ୍ଟରନେଶନାଲ ସ୍କୁଲର ଶୁଭ ଉଦଘାଟନ ହୋଇଯାଇଛି । ସାମାଜିକ ସଂଗଠନ ସଂଯୁକ୍ତା ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏହି ଶିକ୍ଷାନୁଷ୍ଠାନ ସ୍ଥାପିତ ହୋଇଥିବାରୁ ଅଞ୍ଚଳରେ ଶିକ୍ଷା ମାନଚିତ୍ରରେ ଏକ ନୂତନ ଅଧ୍ୟାୟ ଯୋଗ ହୋଇଛି । ଉଦଘାଟନ ଅବସରରେ କୁନି ପ୍ରତିଭା ସଂପୂର୍ଣ୍ଣା ରାଉତ ଫିତା କାଟି ସ୍କୁଲକୁ ଉଦଘାଟନ କରିଥିଲେ । ଏହି ସମୟରେ ଟ୍ରଷ୍ଟର ପ୍ରତିଷ୍ଠାତା ବରିଷ୍ଠ ସମାଜସେବୀ ବଲ୍ଲଭ ଚନ୍ଦ୍ର ରାଉତ, ସ୍କୁଲର ନିର୍ଦ୍ଦେଶକ ସନ୍ତୋଷ କୁମାର ରାଉତ ଓ ନିର୍ଦ୍ଦେଶିକା ପଦ୍ମିନୀ ରାଉତ ସହ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ସ୍କୁଲର ନିର୍ଦ୍ଦେଶକ ସନ୍ତୋଷ କୁମାର ରାଉତ କହିଥିଲେ ଯେ, ଏହି ଶିକ୍ଷାନୁଷ୍ଠାନରେ ପ୍ଲେ ଶ୍ରେଣୀରୁ ଆରମ୍ଭ କରି ପିଲାମାନଙ୍କୁ ଆଧୁନିକ ଓ ଗୁଣବତ୍ତାମୂଳକ ଶିକ୍ଷା ଦିଆଯିବ । କେବଳ ପାଠ୍ୟପୁସ୍ତକ ଶିକ୍ଷା ନୁହେଁ, ବରଂ



ପିଲାମାନଙ୍କ ସମଗ୍ର ବିକାଶକୁ ଲକ୍ଷ୍ୟ କରି ଘୋଡ଼ା ଦୌଡ଼, ସୱିମିଂ, ଟେନିସ, ଭଲିବଲ, କ୍ରିକେଟ, ଚେସ ପରି ବିଭିନ୍ନ ଖେଳ ଓ ପ୍ରତିଯୋଗିତା ମାଧ୍ୟମରେ ତାଙ୍କର ଶାରୀରିକ ଓ ବୌଦ୍ଧିକ କ୍ଷମତାର ଉନ୍ନତି କରାଯିବ । ଏହା ସହିତ ନବୀନ ଶିକ୍ଷା ପ୍ରଣାଳୀ ଓ ଆନ୍ତର୍ଜାତୀୟ ମାନଙ୍କୁ ଧ୍ୟାନରେ ରଖି ପାଠ୍ୟକ୍ରମ ପ୍ରସ୍ତୁତ ହେବ ବୋଲି ସେ ମତ ପ୍ରକାଶ କରିଥିଲେ । ଏହି ଉଦଘାଟନୀ ଅବସରରେ ଟ୍ରଷ୍ଟ ସଦସ୍ୟ ସର୍ଣ୍ଣପ୍ରଭା ବିଶ୍ୱାଳ, ସୁରେଶ ବିଶ୍ୱାଳ, ବରିଷ୍ଠ ଶିକ୍ଷାବିତ ଶ୍ରୀକିଶୋର ଚନ୍ଦ୍ର ଦାଶ, ମୁରଲୀଧର ବେହେରା, ଅଶୋକ ମିଶ୍ର, ବରିଷ୍ଠ ସାମ୍ବାଦିକ ସନାତନ ପରିଜା, ବିଦ୍ୟୁତ ରଞ୍ଜନ ମହାନ୍ତି, "କଥାପ୍ରସଙ୍ଗ"ର ମୁଖ୍ୟ ସମ୍ପାଦକ ଡ଼ଃ ଭବାନୀ ଶଙ୍କର ପାତ୍ର, ପ୍ରାକ୍ତନ ସରପଞ୍ଚ ରଶ୍ମିତା ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଅତସୀ ମିଶ୍ର ସହ ଅନେକ ଗଣ୍ୟମାନ୍ୟ ବ୍ୟକ୍ତିବର୍ଗ ଯୋଗ ଦେଇଥିଲେ । ଅନୁଷ୍ଠାନରେ ଉପସ୍ଥିତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଓ ସମାଜସେବୀମାନଙ୍କୁ ଉତ୍ତରୀୟ ପରିଧାନ କରାଇ ସମ୍ମାନିତ କରାଯାଇଥିଲା ।

## ସାଡେଙ୍ଗାରେ ମା' ଚଣ୍ଡୀମାତାଙ୍କ ଦ୍ୱିତୀୟ ବାର୍ଷିକ ମହୋତ୍ସବ

କାକଟପୁର ,(ସବ୍ୟୁ) : ପୁରୀ ଜିଲ୍ଲା କାକଟପୁର ବ୍ଲକ ଅନ୍ତର୍ଗତ ସାଡେଙ୍ଗା ଗ୍ରାମରେ ମା' ଚଣ୍ଡୀମାତାଙ୍କ ଦ୍ୱିତୀୟ ବାର୍ଷିକ ମହୋତ୍ସବ ଅତ୍ୟନ୍ତ ଭକ୍ତିମୟ ପରିବେଶରେ ପାଳିତ ହୋଇଯାଇଛି । ଏହି ଚାରିଦିନିଆ ମହୋତ୍ସବର ପ୍ରଥମ ଦିନରେ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ସହିତ ପୂଜାର ଶୁଭାରମ୍ଭ ହୋଇଥିବା ବେଳେ ପରବର୍ତ୍ତୀ ଦିନଗୁଡିକରେ ଅଧିବାସ ଓ ବିଭିନ୍ନ ପାରମ୍ପରିକ ଧାର୍ମିକ ବିଧିବିଧାନ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ଆୟୋଜିତ ଭବ୍ୟ କଳସ ଯାତ୍ରା ସହରର ମୁଖ୍ୟ ଆକର୍ଷଣ ସାଜିଥିଲା, ଯେଉଁଥିରେ ଶତାଧିକ ଭକ୍ତ ଓ ଗ୍ରାମବାସୀ ସାମିଲ



ହୋଇଥିଲେ ।

ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅବସରରେ ଏକ ଭଜନ ସମାରୋହର ଆୟୋଜନ କରାଯାଇଥିଲା । ଏଥିରେ ଓଡ଼ିଶାର ପ୍ରସିଦ୍ଧ ଭଜନ ଗାୟକମାନେ ଯୋଗଦେଇ ନିଜର ଭକ୍ତିପୂର୍ଣ୍ଣ ସଙ୍ଗୀତ ମାଧ୍ୟମରେ ଶ୍ରୋତାମାନଙ୍କୁ ବିଭୋର କରିଥିଲେ । ମହୋତ୍ସବର ଅନ୍ତିମ ଦିନରେ ବିଶେଷ ପୂଜାର୍ଚ୍ଚନା ସହିତ ବିଶଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା । ପରିଶେଷରେ ଶତାଧିକ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବିତରଣ କରାଯାଇଥିଲା ।ସାଡେଙ୍ଗାର 'ଚଣ୍ଡୀମାତା ଯୁବକ ସଂଘ'ର ସଦସ୍ୟ ଏବଂ ସମସ୍ତ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଛି ।

## ଇଲେକ୍ଟ୍ରୋନିକ୍ସ ଉତ୍ପାଦ ପାଇଁ ଏଆଇ ଷ୍ଟୋର୍

ଭୁବନେଶ୍ୱର, (ସବ୍ୟୁ) : ଗ୍ରାହକମାନଙ୍କ ପାଇଁ ଏଆଇ-ପରିଚାଳିତ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ପ୍ରଡକ୍ଟଗୁଡ଼ିକୁ ସୁବିଧାଜନକ ଭାବେ ଅନ୍ୱେଷଣ ଓ କ୍ରୟ କରିବା ପାଇଁ ସ୍ୱତନ୍ତ୍ର ଏଆଇ ଷ୍ଟୋରର ଶୁଭାରମ୍ଭ କରାଯାଇଛି । ଏହି ଏଆଇ ଷ୍ଟୋର୍ ଆମାଜନ ଡଟ୍ ଇନରେ ଲାପଟପ, ସ୍ମାର୍ଟଫୋନ, ଟେଲିଭିଜନ, ଏୟାର କଣ୍ଡସନର, ରେଫ୍ରିଜରେଟର, ୱାଶିଂମେସିନ, ଟାବ୍ଲେଟ, ସ୍ମାର୍ଟୱାଚ୍ ସ୍ମାର୍ଟ ଗ୍ଲାସେସ ସହିତ ଶ୍ରେଷ୍ଠ ଆନ୍ତର୍ଜାତୀୟ ଓ ଭାରତୀୟ ବ୍ରାଣ୍ଡର ଅନେକ ଉତ୍ପାଦ ଉପଲବ୍ଧ ରହିଛି । ଉକ୍ତ ସାଇଟରେ ଏଆଇ ଡିଭାଇସ ସର୍ଚ୍ଚର ଦୁଇ ତୃତୀୟାଂଶ ଟିୟର ୨ ଓ ୩ ସହରରୁ ଆସୁଛି, ଯାହା ଦେଶବ୍ୟାପୀ ଏଆଇ-ପରିଚାଳିତ ସ୍ମାର୍ଟ ଟେକ୍ନୋଲୋଜି ପାଇଁ ଗ୍ରାହକଙ୍କ ମଧ୍ୟରେ ବଢ଼ୁଥିବା ଚାହିଦାକୁ ଦର୍ଶାଉଛି । ଏଆଇ ଷ୍ଟୋର, ଆମାଜନ ଡଟ୍ ଇନର ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ଏଆଇକୁ ସୁଲଭ ଓ ଅର୍ଥପୂର୍ଣ୍ଣ କରିବା ପାଇଁ ରହିଥିବା ବ୍ୟାପକ ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି ।

ଏସମ୍ପର୍କରେ ଆମାଜନ ଇଣ୍ଡିଆର କଞ୍ଜ୍ୟୁମର ଇଲେକଟ୍ରୋନିକ୍ସ ବିଭାଗର ନିର୍ଦ୍ଦେଶକ ଜେବା ଖାନ୍ କହିଛନ୍ତି, ଆମାଜନ ଡଟ୍ ଇନରେ ଆମର ଭୂମିକା କେବଳ ବୃହତମ କଲେକ୍ସନ ଉପଲବ୍ଧ କରିବାଠାରୁ ଅଧିକ କିଛି ରହିଛି । ଆମାଜନର ଏହି ଏଆଇ ଷ୍ଟୋର ବୁଦ୍ଧିମାନ ଉପକରଣଗୁଡ଼ିକୁ ଏକାଠି କରି, ପ୍ରତ୍ୟେକ ଉପକରଣର ଏଆଇ ଆପଣଙ୍କ ପାଇଁ କ'ଣ କରିପାରିବ ତାହାର ସ୍ପଷ୍ଟ ବ୍ୟାଖ୍ୟା ପ୍ରଦାନ କରିଥାଏ ।

## ସମ୍ପାଦକୀୟ

# କୃଷି ରାଜ୍ୟ ଓଡ଼ିଶା

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ । ଗତ ଅକ୍ଷୟ ତୃତୀୟାରେ ରାଜ୍ୟ ସରକାର ରାଜ୍ୟର ୪୧ ଲକ୍ଷ ୬୮ ହଜାର ଚାଷୀ ବା କୃଷକଙ୍କୁ ୮୩୮ କୋଟି ୪୮ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ଅକ୍ଷୟ ତୃତୀୟା (ତା ୨୦/୦୪/୨୦୨୬) ପରି ପବିତ୍ର ଦିବସରେ । ରାଜ୍ୟ ସରକାର ବର୍ଷକୁ ଦୁଇଥର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି । ଗତ ଥର ନୂଆଖାଇ ସମୟରେ ପ୍ରତ୍ୟେକ କୃଷକ ଦୁଇ ହଜାର ଲେଖାଏଁ ଟଙ୍କା ପାଇଥିଲେ । ଏଥର ଅକ୍ଷୟ ତୃତୀୟାରେ ମଧ୍ୟ କୃଷକମାନେ ପ୍ରତ୍ୟେକ ଦୁଇ ହଜାର ଟଙ୍କା ପାଇ ପାରିଲେ । ସେମାନଙ୍କ ଆକାଉଣ୍ଟକୁ ଅର୍ଥ ରାଶି ପ୍ରତ୍ୟକ୍ଷ ଭାବରେ ଯାଇ ପାରୁଛି ଓ ସେମାନେ ଆନନ୍ଦ ମନରେ ଏହି ଆର୍ଥିକ ସହାୟତାକୁ ଗ୍ରହଣ କରି ପାରୁଛନ୍ତି । ଗତ ଅକ୍ଷୟ ତୃତୀୟାରେ କଟକର କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରରେ ଅକ୍ଷି ମୁଠି ଅନୁକୂଳ କରିଥିଲେ ଆମ ମୁଖ୍ୟମନ୍ତ୍ରୀ ଜଣେ କୃଷକଙ୍କ ପରି । ସେ ମଧ୍ୟ କୃଷି ପ୍ରଦର୍ଶନୀକୁ ବୁଲି ଦେଖିବା ସଙ୍ଗେ ସଙ୍ଗେ 'ଆମ ବିହନ ରଥ' ଓ 'କୃଷି ରଥ'ର ଶୁଭାରମ୍ଭ କରିଥିଲେ । ଉଭୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ କୃଷି ଓ କୃଷକଙ୍କୁ ଗୁରୁତ୍ୱ ଦେଉଥିବା ପ୍ରକୃତରେ ଆନନ୍ଦର କଥା ।

ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ ବଢ଼ି, ମରୁଡ଼ି ଓ ଝଡ଼ି ତ ବର୍ଷରେ କେବେ କେବେ ହୋଇଥାଏ । ଅଦିନିଆ ବର୍ଷା ପ୍ରଭୃତି କୃଷି ଉପରେ ମଧ୍ୟ ଦାଉ ସାଧେ । ତଥାପି ଓଡ଼ିଶାର କୃଷି ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛି । ପ୍ରକୃତି ଓ ଏହାର ପରିବେଶ ମଧ୍ୟ କୃଷିକୁ ସାହାଯ୍ୟ କରି ଆସିଛି । କୃଷକଙ୍କୁ କେହି ଗୁରୁତ୍ୱ ଦେଉ ନଥିଲେ ଓଡ଼ିଶାରେ । କୃଷକର ଉତ୍ପାଦନରେ ଆମେ ଜୀବନଯାପନ କରୁଁ, କିନ୍ତୁ କୃଷକର ଅବଦାନକୁ ଆମେମାନେ ଭୁଲିଯାଉଁ । ସେ ଦୃଷ୍ଟିରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଓ କୃଷକଙ୍କ ଉପରେ ଗୁରୁତ୍ୱାରୋପ କରି ଆସୁଥିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । 'ଆମ ବିହନ ରଥ' କାର୍ଯ୍ୟକ୍ରମ ଜରିଆରେ କୃଷକମାନଙ୍କୁ ଉପଯୁକ୍ତ ମାନର ବିହନ ଯୋଗାଇ ଦେବାକୁ ଏଥର ରାଜ୍ୟ ସରକାର ସ୍ଥିର କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ୩୧ ଗୋଟି ବ୍ଲକ (ଦଶଗୋଟି ଜିଲ୍ଲାର) ଭ୍ରାମ୍ୟମାଣ ବିହନ ବିକ୍ରୟ କେନ୍ଦ୍ରମାନ ସ୍ଥାପନ କରାଯିବ । ଧାନର ନୂତନ କିସମର ବିହନ (ପାଞ୍ଚ କେଜିଆ ପ୍ୟାକେଟ ଜରିଆରେ) ମଧ୍ୟ ପଞ୍ଚାୟତ ସ୍ତରରେ କୃଷକମାନଙ୍କୁ ଯୋଗାଇ ଦିଆଯିବ ।

**ଏବେ ବି ବିଭିନ୍ନ ପନିପରିବା ଓ ଫଳମୂଳ ପାଇଁ ଆମେମାନେ ପଡୋଶୀ ଆନ୍ଧ୍ରପ୍ରଦେଶ ଉପରେ ନିର୍ଭରଶୀଳ । ଏପରିକି ମାଛ ଓ ଅଣ୍ଡା ମଧ୍ୟ ଆନ୍ଧ୍ରରୁ ଆମଦାନୀ ହୋଇଥାଏ । ପଡୋଶୀ ପଶ୍ଚିମବଙ୍ଗରୁ ଆମେ ଫୁଲ ପ୍ରଭୃତି ଆମଦାନୀ କରିଥାଉଁ ଆଉ ମହାରାଷ୍ଟ୍ରର ନାସିକରୁ ଆମେମାନେ ପିଆଜ ପ୍ରଭୃତି ଆମଦାନୀ କରିଥାଉଁ । ଖରାଦିନେ ଆମେ ଖାଉଥିବା ପ୍ରଚୁର ଆମ୍ବ ମଧ୍ୟ ଆନ୍ଧ୍ର ପ୍ରଦେଶରୁ ଆସିଥାଏ । ଏ ସବୁ ବିଷୟକୁ ଗୁରୁତ୍ୱ ନ ଦେଲେ ଆମ ରାଜ୍ୟ କୃଷି କ୍ଷେତ୍ରରେ ପଛରେ ପଡ଼ିଯିବ, ଏଥିରେ ସନ୍ଦେହ ନାହିଁ ।**

ଆମ ରାଜ୍ୟରେ 'ପ୍ରଧାନମନ୍ତ୍ରୀ କିଷାନ ଯୋଜନା' ଓ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା' ପ୍ରଭୃତିକୁ ଅଧିକ ସକ୍ରିୟ କରିବାକୁ ହେବ । କ୍ଷୁଦ୍ର ଓ ନାମମାତ୍ର କୃଷକଙ୍କ ସାମାଜିକ ଓ ଆର୍ଥନୀତିକ ବିକାଶକୁ ମଧ୍ୟ ଦୃଷ୍ଟି ଦେବାକୁ ହେବ । ବିଭିନ୍ନ ଜାତି ପାଇଁ ଯେପରି ସଂରକ୍ଷଣ ବ୍ୟବସ୍ଥା କରାଯାଇଛି, ଆମର ଆର୍ଥିକ ଅସ୍ୱଚ୍ଛଳତା ମଧ୍ୟରେ ଗତି କରୁଥିବା କୃଷକ ଓ ତାଙ୍କର ପରିବାରବର୍ଗଙ୍କ ପାଇଁ ମଧ୍ୟ ଶିକ୍ଷା ଓ ଚାକିରି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବା ଆବଶ୍ୟକ ।

ଏବେ ବି ବିଭିନ୍ନ ପନିପରିବା ଓ ଫଳମୂଳ ପାଇଁ ଆମେମାନେ ପଡୋଶୀ ଆନ୍ଧ୍ରପ୍ରଦେଶ ଉପରେ ନିର୍ଭରଶୀଳ । ଏପରିକି ମାଛ ଓ ଅଣ୍ଡା ମଧ୍ୟ ଆନ୍ଧ୍ରରୁ ଆମଦାନୀ ହୋଇଥାଏ । ପଡୋଶୀ ପଶ୍ଚିମବଙ୍ଗରୁ ଆମେ ଫୁଲ ପ୍ରଭୃତି ଆମଦାନୀ କରିଥାଉଁ ଆଉ ମହାରାଷ୍ଟ୍ରର ନାସିକରୁ ଆମେମାନେ ପିଆଜ ପ୍ରଭୃତି ଆମଦାନୀ କରିଥାଉଁ । ଖରାଦିନେ ଆମେ ଖାଉଥିବା ପ୍ରଚୁର ଆମ୍ବ ମଧ୍ୟ ଆନ୍ଧ୍ର ପ୍ରଦେଶରୁ ଆସିଥାଏ । ଏ ସବୁ ବିଷୟକୁ ଗୁରୁତ୍ୱ ନ ଦେଲେ ଆମ ରାଜ୍ୟ କୃଷି କ୍ଷେତ୍ରରେ ପଛରେ ପଡ଼ିଯିବ, ଏଥିରେ ସନ୍ଦେହ ନାହିଁ ।

---

**ଆପଣମାନେ ଯଦି ସମଗ୍ର ପୃଥିବୀର ସାହିତ୍ୟ ଅଧ୍ୟୟନ କରିବାକୁ ଚାହାଁନ୍ତି ତାହାହେଲେ ତହିଁରେ ଜଗତର କେହି ବାଧା ଦେଇପାରିବେ ନାହିଁ । କିନ୍ତୁ ଇଂରାଜୀ ସାହିତ୍ୟ ଅଧ୍ୟୟନ କରିବାରେ କମ୍ ସମୟ ଖର୍ଚ୍ଚ କରିବାକୁ ଆପଣମାନଙ୍କୁ ମୋର ଅନୁରୋଧ କରିବାର କାରଣ ଏହି ଯେ ଆପଣମାନେ ନିଜ ମାତୃଭାଷା ଅଧ୍ୟୟନ କଲେ ଅଧିକ ସ୍ୱାଭାବିକ ରୀତିରେ ସେହି ଉପକାର ପାଇପାରିବେ ।**

(ମହାତ୍ମା ଗାନ୍ଧି)

---

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

---

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

---

# ଅଶାନ୍ତ ପଶ୍ଚିମ ଏସିଆ: କୂଟନୀତିକ ବିଫଳତା



**ତେଜେଶ୍ୱର ପଟ୍ଟନାୟକ**

ପଶ୍ଚିମ ଏସିଆରେ ଜାରି ରହିଥିବା ସଂଘର୍ଷ ପୁଣି ଥରେ ଅସ୍ଥିରତା ଓ ଅଶାନ୍ତିର ବାତାବରଣ ସୃଷ୍ଟି କରିଛି । ଏହା ମଧ୍ୟ ବିଶ୍ୱ କୂଟନୀତିର ଜଟିଳତାକୁ ପରିପ୍ରକାଶ କରୁଛି । ଇରାନ ବନାମ ଆମେରିକା ଓ ଇସ୍ରାଏଲ ଯୁଦ୍ଧରେ ଶକ୍ତି ସୁରକ୍ଷା ଏବଂ ବିଶ୍ୱ ବାଣିଜ୍ୟ ଏବଂ ଅନ୍ତର୍ଜାତୀୟ ସମ୍ପର୍କ ଏକ ବ୍ୟାପକ ଭୂରାଜନୈତିକ ସଙ୍କଟରେ ପରିଣତ ହୋଇଛି । ଏକ ଅସ୍ଥାୟୀ ଯୁଦ୍ଧବିରତି ପରେ ଇସଲାମାବାଦରେ ସମ୍ପ୍ରତି ଆମେରିକା-ଇରାନ ଶାନ୍ତି ଆଲୋଚନା, ଇରାନ ବନ୍ଦ କରିଥିବା ହରମୁଜ ପ୍ରଣାଳୀର ରଣନୈତିକ ଗୁରୁତ୍ୱ ଯୋଗୁଁ ଆରମ୍ଭ ହୋଇଥିଲା । ଏହି ସମୟରେ, ଭାରତ ବର୍ତ୍ତମାନ ବ୍ରିକ୍ସ (BRICS) ରାଷ୍ଟ୍ର ସମୂହର ଅଧ୍ୟକ୍ଷତା କରୁଛି । କିନ୍ତୁ ପଶ୍ଚିମ ଏସିଆ ସଙ୍କଟ ଉପରେ ଭାରତ ସରକାରଙ୍କ ନୀରବତା ଅବଲମ୍ବନକୁ ଅନେକ ସମାଲୋଚନା କରୁଛନ୍ତି ।

ଏଠାରେ ପ୍ରଶ୍ନ ଉଠେ ଯେ , ଆମେରିକା ଓ ଇରାନ ଆଲୋଚନା କାହିଁକି ବିଫଳ ହେଲା? ପାକିସ୍ତାନ ମଧ୍ୟସ୍ଥତାରେ ଇରାନ ଏବଂ ଆମେରିକା ମଧ୍ୟରେ ୨୧ଘଣ୍ଟା ଧରି ଆଲୋଚନାରେ କୌଣସି ଠୋସ୍ ସଫଳତା ମିଳିଲାନି ଏବଂ କୌଣସି ବିନା ନିଷ୍କର୍ଷରେ ବୈଠକ ଶେଷ ହୋଇଥିଲା । ଇରାନର ତିନୋଟି ମୁଖ୍ୟ ପ୍ରସଙ୍ଗ ଉପରେ ମତଭେଦ ଯୋଗୁଁ ଆଲୋଚନାରେ ଅଚଳାବସ୍ଥା ସୃଷ୍ଟି ହେଲା ।

ପ୍ରଥମତଃ, ତେହେରାନ ଏହାର ପରମାଣୁ କାର୍ଯ୍ୟକ୍ରମକୁ ବନ୍ଦ କରିବା ଏବଂ ୟୁରାନିୟମ ଅକ୍ତିଆର କ୍ଷମତାକୁ ସମର୍ପଣ କରିବା ପାଇଁ ଆମେରିକାର କଡ଼ା ସର୍ତ୍ତକୁ ପ୍ରତ୍ୟାଖ୍ୟାନ କରିଥିଲା । ଇରାନ ସରକାରଙ୍କ କହିବା ଅନୁଯାୟୀ ଏହାର ପରମାଣୁ କାର୍ଯ୍ୟକଳାପ କେବଳ ନାଗରିକ ଉଦ୍ଦେଶ୍ୟ ପାଇଁ ନିୟୋଜିତ ଏବଂ ଏହାର ଶାନ୍ତିପୂର୍ଣ୍ଣ ବ୍ୟବହାର ପାଇଁ ସାର୍ବଭୌମ ଅଧିକାର ଅଛି ।

ଦ୍ୱିତୀୟତଃ, ଇରାନ ହରମୁଜ୍ ପ୍ରଣାଳୀ ଉପରେ ନିଜର ନିୟନ୍ତ୍ରଣ ଦାବି କରିବା ସହ ଗୁରୁତ୍ୱପୂର୍ଣ୍ଣ ଜଳପଥ ଦେଇ ଯାତାୟତ କରୁଥିବା ଜାହାଜଗୁଡ଼ିକ ଉପରେ ପରିବହନ ଶୁଳ୍କ ଆଦାୟ କରିବାର ଅଧିକାର ଦାବି କରିଛି ।

ଏହାକୁ ଯୁକ୍ତରାଷ୍ଟ୍ର ଆମେରିକା ଦୃଢ଼ ଭାବରେ ବିରୋଧ କରିଥିଲା ଏବଂ ଯୁକ୍ତି ବାଢ଼ି ଥିଲା ଯେ ଇରାନର ହର୍ମୁଜ ପ୍ରଣାଳୀରେ ପରିବହନ ଜାହାଜଗୁଡ଼ିକ ଉପରେ ଶୁଳ୍କ ଆଦାୟ ଆର୍ନ୍ତଜାତିକ ନିୟମର ପରିପନ୍ଥୀ ଅଟେ ଏବଂ ଏହା ବିଶ୍ୱ ପରିବହନରେ ବାଧା ସୃଷ୍ଟି କରିବ ।

ତୃତୀୟତଃ, ଇରାନ ସମ୍ପୂର୍ଣ୍ଣ ରୂପେ ଯୁଦ୍ଧବିରତି ଚାହୁଁଥିଲା, ଯେଉଁଥିରେ ଲେବାନନରେ ହେଜବୋଲ୍ଲା ଗୋଷ୍ଠୀ ଉପରେ ଇସ୍ରାଏଲୀ ଆକ୍ରମଣ ବିଷୟ ଅନ୍ତର୍ଭୁକ୍ତ । ଇରାନର ଅନ୍ୟ ଦାବିଗୁଡିକ ଭିତରେ ଯୁଦ୍ଧର କ୍ଷତିପୂରଣ ଏବଂ ବ୍ୟାପକ ସୁରକ୍ଷା ପ୍ରତିଶ୍ରୁତି ଭଳି ଅତିରିକ୍ତ ଦାବି ଗୁଡ଼ିକୁ ଆମେରିକାର ପ୍ରତିନିଧି ମଣ୍ଡଳ ପ୍ରତ୍ୟାଖ୍ୟାନ କରିଥିଲେ ।

ବିଶ୍ଳେଷକମାନେ ଇରାନ ଓ ଯୁକ୍ତରାଷ୍ଟ୍ର ଆମେରିକା ଆଲୋଚନାର ବିଫଳତା ପାଇଁ ଘୋର ବିଶ୍ୱାସର ଅଭାବ, ଉଭୟ ଦେଶର ଘରୋଇ ରାଜନୈତିକ ବାଧ୍ୟବାଧକତା ଏବଂ ଇସ୍ରାଏଲର ରଣନୈତିକ ବିଚାରକୁ ଦାୟୀ କରିଛନ୍ତି ।

ଆମେରିକାର ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଆଲୋଚନାର ଫଳାଫଳକୁ ଏକ ବିଫଳତା ବୋଲି କହିଛନ୍ତି, ଯଦିଓ ଇରାନର ଅଧିକାରୀମାନେ ପ୍ରକାଶ କରିଛନ୍ତି ଯେ ଆଲୋଚନା ପାଇଁ କୂଟନୈତିକ ଚ୍ୟାନେଲ ଖୋଲା ରହିଛି ।

ଏହି ସମୟରେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହରମୁଜ୍ ପ୍ରଣାଳୀକୁ ନୌସେନାଦ୍ୱାରା ଅବରୋଧର ଧମକ ଯୋଗୁଁ ଉତ୍ତେଜନା ଆହୁରି ବୃଦ୍ଧି ପାଇଛି । ତେବେ ପୁଣି ଥରେ ଇରାନ ଓ ଆମେରିକା ଶାନ୍ତି ପାଇଁ ପାକିସ୍ତାନରେ ଆଲୋଚନା କରିବେ ବୋଲି କୁହାଯାଉଛି ।

**ପାକିସ୍ତାନ, ଏହାର ଆଭ୍ୟନ୍ତରୀଣ ସମସ୍ୟା ତଥା ଦୟନୀୟ ଆର୍ଥିକ ପରିସ୍ଥିତି ସତ୍ତ୍ୱେ , ଆମେରିକା-ଇରାନ ଆଲୋଚନାରେ ମଧ୍ୟସ୍ଥି ସାଜି ଆନ୍ତର୍ଜାତିକ ମହଲରେ ସମସ୍ତଙ୍କ ସଦିଚ୍ଛା ହାସଲ ପାଇଁ ଚେଷ୍ଟା କରୁଛି ଏବଂ ଅନ୍ୟ ରାଷ୍ଟ୍ରଗୁଡ଼ିକଠାରୁ ପ୍ରଶଂସା ପାଉଛି । ମଧ୍ୟପ୍ରାଚ୍ୟ ସଂଘର୍ଷ ସମ୍ପର୍କରେ, ପାକିସ୍ତାନ ଚୀନ୍‌କୁ ସୂଚନା ଦେଇ ଆସୁଛି, କାରଣ ଚୀନ ଇରାନର ପ୍ରମୁଖ ମିତ୍ର ରାଷ୍ଟ୍ର ଅଟେ । ଗୋଟିଏ ପକ୍ଷରେ ଆମେରିକାର ମିତ୍ର ରାଷ୍ଟ୍ର ଭାବେ ଓ ଅପରପକ୍ଷରେ ଚୀନ ସହ ଯୋଗାଯୋଗ ରଖି ପାକିସ୍ତାନ ମଧ୍ୟସ୍ଥି ଭାବେ ନିଜ ଭୂମିକା ତୁଲେଇବା ପାଇଁ ଆଗେଇ ଆସିଛି । ଚୀନର ଇରାନ ଉପରେ ଯଥେଷ୍ଟ ପ୍ରଭାବ ଅଛି । ରୁଷ ମଧ୍ୟ ତେହେରାନର ଏକ ଦୀର୍ଘକାଳୀନ ରଣନୈତିକ ସହଯୋଗୀ ଅଟେ । ତେବେ, ବାସ୍ତବିକ ଶାନ୍ତି ପ୍ରୟାସ ଆରମ୍ଭ କରିବା କିମ୍ବା ନେତୃତ୍ୱ ନେବାରେ ଭାରତର ନୀରବତା ପଶ୍ଚିମ ଏସିଆରେ ଏହାର ରଣନୈତିକ ପ୍ରାସଙ୍ଗିକତାକୁ ହ୍ରାସ କରିବାର ଆଶଙ୍କା ସୃଷ୍ଟି ହେଲାଣି ।**

ଏକ ଦୁଇ ସପ୍ତାହର ଦୁର୍ବଳ ଅସ୍ତ୍ରବିରତି ଘୋଷଣା ହେବା ପୂର୍ବରୁ ଇରାନ ଏବଂ ଆମେରିକା-ଇସ୍ରାଏଲ ପକ୍ଷ ମଧ୍ୟରେ ୪୦ ଦିନିଆ ସଂଘର୍ଷରେ ତୀବ୍ର ସାମରିକ ସଂଘର୍ଷ ଘଟିଥିଲା ।

ଇରାନର ଅନ୍ୟ ଦାବି ମଧ୍ୟରେ ଅର୍ଥନୈତିକ କଟକଣା, ଆମେରିକାର ସୈନ୍ୟ ପ୍ରତ୍ୟାହାର, ଜବତ ହୋଇଥିବା ଇରାନର ସମ୍ପତ୍ତିକୁ ମୁକ୍ତ କରିବା ଏବଂ ଲେବାନନରେ ଇସ୍ରାଏଲର ଆକ୍ରମଣକୁ ବନ୍ଦ କରିବା-ପଶ୍ଚିମ ଏସୀୟ ଭୂରାଜନୀତିକୁ ନୂଆ ରୂପରେଖ ଦେବାର ପ୍ରୟାସକୁ ପ୍ରତିଫଳିତ କରେ ।

ପଶ୍ଚିମ ଏସୀୟ ରାଜନୀତିର କେନ୍ଦ୍ରରେ ହର୍ମୁଜ୍ ପ୍ରଣାଳୀ ଗୁରୁତ୍ୱପୂର୍ଣ୍ଣ ଜୀବନରେଖା ଅଟେ । ଏହି ସାମୁଦ୍ରିକ ପଥ ଦେଇ ପ୍ରତିଦିନ ପ୍ରାୟ ୧୭ ନିୟୁତ ବ୍ୟାରେଲ ତେଲ, ଏଲଏନଜି ଏବଂ ସାର ବୋଝେଇ କରି ଜାହାଜଗୁଡିକ ଚଳାଚଳ କରେ ।

ଏହାର ରଣନୈତିକ ଗୁରୁତ୍ୱ ଶକ୍ତି କ୍ଷେତ୍ର ଠାରୁ ବିଶ୍ୱ ବାଣିଜ୍ୟ ପର୍ଯ୍ୟନ୍ତ ବିସ୍ତାରିତ, ପ୍ରତି ମାସରେ ଖାଦ୍ୟ ସାମଗ୍ରୀ, ଔଷଧ ଏବଂ ଶିଳ୍ପ ସାମଗ୍ରୀ ଭଳି ଅତ୍ୟାବଶ୍ୟକୀୟ ଜିନିଷ ପରିବହନ କରୁଥିବା ହଜାର ହଜାର ଜାହାଜ ଏହ ଗତିପଥ ଦେଇ ଚଳାଚଳ କରେ । ଭାରତ ପାଇଁ ଏହି ଯାତାୟତ ପଥ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ ।

ଇରାନର ଏହି ମାର୍ଗକୁ ରୋକିବାର ସାମର୍ଥ୍ୟ ଏହାର ରଣନୈତିକ ଚାଲ୍‌କୁ ଇଙ୍ଗିତ କରୁଛି । ଟ୍ରାନଜିଟ୍ ଟୋଲ୍ ଲାଗୁ କରିବା ସହିତ ହର୍ମୁଜ ପ୍ରଣାଳୀ ବନ୍ଦ ହେବା, ବିଶ୍ୱ ଶକ୍ତି ସୁରକ୍ଷା,ତେଲ ଓ ଗ୍ୟାସ ଦର ବୃଦ୍ଧି ଏବଂ ଯୋଗାଣ ଶୃଙ୍ଖଳ ପାଇଁ ସୁଦୂରପ୍ରସାରୀ ପରିଣାମ ଆଣିଛି ।

ଆର୍ଥିକ ଦୃଷ୍ଟିରେ ଦେଖିଲେ, ଜଣାପଡେ, ଏହି ସଂଘର୍ଷ ଯୁଦ୍ଧ-ଦ୍ୱାରା କବଳିତ ବିଶ୍ୱ ଅର୍ଥନୀତିର ଗତିଶୀଳତାକୁ ସୁଦୃଢ଼ କରିଛି । ଏବେ ସାମ୍ପ୍ରତିକ ଷ୍ଟକ ହୋମ ଆନ୍ତର୍ଜାତିକ ପିସ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ (SIPRI)ର ରିପୋର୍ଟ ସଦ୍ୟ ଉଲ୍ଲେଖ କରିଛି ଯେ ଆମେରିକା ଇରାନ ବିରୁଦ୍ଧରେ ବିମାନ ଆକ୍ରମଣ ପାଇଁ ପ୍ରତି ସେକେଣ୍ଡରେ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରିଛି, ଯେଉଁଥିରେ ବାୟୁସେନା ଅଭିଯାନ, ଯୁଦ୍ଧାସ୍ତ୍ର, ନୌସେନା ନିୟୋଜନ, କ୍ଷେପଣାସ୍ତ୍ର ପ୍ରତିରକ୍ଷା, ଗୁପ୍ତଚର ଏବଂ ଲଜିଷ୍ଟିକ୍ସ ଜଡିତ ଖର୍ଚ୍ଚ ଅନ୍ତର୍ଭୁକ୍ତ । ତତ୍ ସହିତ ଲୋକଙ୍କ ଜୀବନ ହାନି ଘଟିଛି ।

ଆମେରିକା-ଇସ୍ରାଏଲର ମିଳିତ ସାମରିକ କାର୍ଯ୍ୟାନୁଷ୍ଠାନ ବିରୁଦ୍ଧରେ ଇରାନର ଦୃଢ଼ ମୁକାବିଲା ପଶ୍ଚିମ ଏସିଆ ଅଞ୍ଚଳରେ ନିଜକୁ ଏକ କ୍ଷମତାସମ୍ପନ୍ନ ରାଷ୍ଟ୍ର ଭାବରେ ପ୍ରମାଣିତ କରିଛି । ଇସଲାମିକ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଏକ ମାତ୍ର ଦେଶ ଯିଏ ଇସ୍ରାଏଲ ବିରୋଧରେ ଲଢି ନିଜର ପ୍ରମୁଖ ଶକ୍ତି ଓ ସାମର୍ଥ୍ୟ ପ୍ରତିପାଦିତ କରିପାରିଛି । ୪୦ ଦିନ ଯୁଦ୍ଧରେ, ଇରାନ କ୍ଷେପଣାସ୍ତ୍ର ଓ ମାଡ଼ କରି ଆରବ ଦେଶଗୁଡିକର କେତେକ ତୈଳ ବିଶୋଧନାଗାର, ଭିତ୍ତିଭୂମି ଏବଂ ସେଠାରେ ଥିବା ଆମେରିକୀୟ ସାମରିକ ଘାଟିଗୁଡ଼ିକୁ ଯଥେଷ୍ଟ କ୍ଷତି ପହଞ୍ଚାଇଛି । ଏହା ଆମେରିକୀୟ ସୁରକ୍ଷା ପ୍ରତିଶ୍ରୁତିର ଦୁର୍ବଳତାକୁ ମଧ୍ୟ ପ୍ରକାଶ କରିଛି । ବିଶ୍ଳେଷକମାନେ ମତ ଦିଅନ୍ତି ଯେ ଏପରି ଘଟଣା ଭବିଷ୍ୟତରେ ଉପସାଗରୀୟ ରାଷ୍ଟ୍ରଗୁଡ଼ିକୁ ସେମାନଙ୍କର ରଣନୈତିକ ସମନ୍ୱୟକୁ ପୁନଃସଂରଚିତ କରିବାକୁ ପ୍ରେରଣା ଦେଇପାରେ ।

ତଥାପି, ଏହି ସଙ୍କଟର ଅନ୍ୟ ଏକ ଦୃଷ୍ଟିକୋଣ ହେଉଛି ଭାରତର ନୀରବ ପ୍ରତିକ୍ରିୟା । ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ଏବଂ ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ର ଭାବରେ, ପଶ୍ଚିମ ଏସିଆରେ ଶକ୍ତି ସୁରକ୍ଷା ଠାରୁ ଆରମ୍ଭ କରି ପ୍ରବାସୀ ଲୋକଙ୍କ କଲ୍ୟାଣ ପର୍ଯ୍ୟନ୍ତ- ଭାରତ ଏକ ଗଠନମୂଳକ ଏବଂ ସକ୍ରିୟ କୂଟନୈତିକ ଭୂମିକା ଗ୍ରହଣ କରିବ ବୋଲି ସମସ୍ତେ ଆଶା କରିଥିଲେ । ଭାରତ ସରକାରଙ୍କ ନୀରବତା ରଣନୈତିକ ସ୍ୱାୟତ୍ତତା ଏବଂ ସନ୍ତୁଳିତ କୂଟନୀତି ପ୍ରତି ଏହାର ପ୍ରତିବଦ୍ଧତାକୁ ଦୁର୍ବଳ କରୁଛି, ବୋଲି ବିରୋଧୀ ଦଳମାନେ ସଂସଦରେ ସମାଲୋଚନା କରିଛନ୍ତି ।

ତେବେ ପାକିସ୍ତାନ, ଏହାର ଆଭ୍ୟନ୍ତରୀଣ ସମସ୍ୟା ତଥା ଦୟନୀୟ ଆର୍ଥିକ ପରିସ୍ଥିତି ସତ୍ତ୍ୱେ , ଆମେରିକା-ଇରାନ ଆଲୋଚନାରେ ମଧ୍ୟସ୍ଥି ସାଜି ଆନ୍ତର୍ଜାତିକ ମହଲରେ ସମସ୍ତଙ୍କ ସଦିଚ୍ଛା ହାସଲ ପାଇଁ ଚେଷ୍ଟା କରୁଛି ଏବଂ ଅନ୍ୟ ରାଷ୍ଟ୍ରଗୁଡ଼ିକଠାରୁ ପ୍ରଶଂସା ପାଉଛି । ମଧ୍ୟପ୍ରାଚ୍ୟ ସଂଘର୍ଷ ସମ୍ପର୍କରେ, ପାକିସ୍ତାନ ଚୀନ୍‌କୁ ସୂଚନା ଦେଇ ଆସୁଛି, କାରଣ ଚୀନ ଇରାନର ପ୍ରମୁଖ ମିତ୍ର ରାଷ୍ଟ୍ର ଅଟେ । ଗୋଟିଏ ପକ୍ଷରେ ଆମେରିକାର ମିତ୍ର ରାଷ୍ଟ୍ର ଭାବେ ଓ ଅପରପକ୍ଷରେ ଚୀନ ସହ ଯୋଗାଯୋଗ ରଖି ପାକିସ୍ତାନ ମଧ୍ୟସ୍ଥି ଭାବେ ନିଜ ଭୂମିକା ତୁଲେଇବା ପାଇଁ ଆଗେଇ ଆସିଛି । ଚୀନର ଇରାନ ଉପରେ ଯଥେଷ୍ଟ ପ୍ରଭାବ ଅଛି । ରୁଷ ମଧ୍ୟ ତେହେରାନର ଏକ ଦୀର୍ଘକାଳୀନ ରଣନୈତିକ ସହଯୋଗୀ ଅଟେ । ତେବେ, ବାସ୍ତବିକ ଶାନ୍ତି ପ୍ରୟାସ ଆରମ୍ଭ କରିବା କିମ୍ବା ନେତୃତ୍ୱ ନେବାରେ ଭାରତର ନୀରବତା ପଶ୍ଚିମ ଏସିଆରେ ଏହାର ରଣନୈତିକ ପ୍ରାସଙ୍ଗିକତାକୁ ହ୍ରାସ କରିବାର ଆଶଙ୍କା ସୃଷ୍ଟି ହେଲାଣି ।

ଭାରତ ଯିଏ ନିଜକୁ ନିରପେକ୍ଷ ରାଷ୍ଟ୍ର ରୂପେ ଆଲୋଚନା ଏବଂ ଶାନ୍ତିକୁ ସମର୍ଥନ କରିଆସୁଛି, ବର୍ତ୍ତମାନ ସଙ୍କଟରେ ନୀରବତା ଅବଲମ୍ବନ କରିବା ବୈଦେଶିକ ନୀତିର ଅଂଶବିଶେଷ ବୋଲି ମନେହୁଏ । ତେବେ ଏହି ନୀତି ଅନେକଙ୍କ ମନରେ ସଂଶୟ ସୃଷ୍ଟି କରିଛି । କହିବା ବାହୁଲ୍ୟ ଯେ କ୍ରମାଗତ ଭାବେ ପରିବର୍ତ୍ତନ ହେଉଥିବା ଭୂରାଜନୈତିକ ଦୃଶ୍ୟପଟରେ, ଆମ ଦେଶର ଏହି ନୀରବତାକୁ ନିରପେକ୍ଷତା କୁହାଯାଇ ପାରିବ ନାହିଁ ନା ନାହିଁ ।

ବର୍ତ୍ତମାନ ଉପୁଜିଥିବା ପଶ୍ଚିମ ଏସୀୟ ସଙ୍କଟରୁ ଅନୁମେୟ ଯେ ଦେଶ ଦେଶ ଭିତରେ ଥିବା ଦ୍ୱନ୍ଦ୍ୱକୁ ସାମରିକ ଉପାୟରେ ସମାଧାନ କରାଯାଇପାରିବ ନାହିଁ । ଏଥିପାଇଁ ନିରନ୍ତର କୂଟନୈତିକ ସମ୍ପର୍କ ଏବଂ ଏକ ବିଶ୍ୱସନୀୟ ମଧ୍ୟସ୍ଥତାର ଆବଶ୍ୟକତା ଅଛି ।

ଭାରତ 'ବସୁଧୈବ କୁଟୁମ୍ବକମ୍' ନୀତିରେ ବିଶ୍ୱାସ କରେ । ଏ ବିଶ୍ୱ ଗୋଟିଏ ପରିବାର ସଦୃଶ ବୋଲି ମନେ କରେ । ଯଦି ଆମ ଦେଶ ଏକ ପ୍ରମୁଖ ବିଶ୍ୱ ଶକ୍ତି ହେବାକୁ ଆକାଂକ୍ଷା ରଖିଛି, ତେବେ ଦୃଢ଼ ନେତୃତ୍ୱ ଦ୍ୱାରା ବିଶ୍ୱରେ ଆଗାମୀ ଦିନରେ ସଂଘର୍ଷର ସମାଧାନ ପାଇଁ ସକ୍ରିୟ ଭାବରେ ନିଜକୁ ନିୟୋଜିତ କରିବାକୁ ପଡିବ । ନଚେତ୍, ଏହି ବିବର୍ତ୍ତନଶୀଳ ଦୁନିଆରେ ଆମ ଦେଶ ଭୂରାଜନୈତିକ ଦୃଷ୍ଟିରୁ ଅପ୍ରାସଙ୍ଗିକ ହେଇଯିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ ।

**(ଲେଖକ ବ୍ୟାଙ୍କ୍ ଅଫ ଇଣ୍ଡିଆର ପୂର୍ବତନ ଉପ ମହାପ୍ରବନ୍ଧକ ଓ ଜଣେ ସ୍ତମ୍ଭକାର)**
**କେ ୫/କଳିଙ୍ଗ ବିହାର, ଭୁବନେଶ୍ୱର**

---

# ମହିଳା ସଂରକ୍ଷଣ ବିଲ୍ ସଂକ୍ରାନ୍ତରେ



**ବିଜନ କୁମାର ମହାପାତ୍ର**

୨୦୨୩ରେ ସଂସଦରେ ଗୃହୀତ ହୋଇଥିବା 'ନାରୀ ଶକ୍ତି ବନ୍ଦନ' ବିଲ୍ ( ପୂର୍ବର ମହିଳା ସଂରକ୍ଷଣ ବିଲ୍ )ରେ ସଂଶୋଧନ ସହ ଏହା କାର୍ଯ୍ୟକାରୀ ତ୍ୱରାନ୍ୱିତ କରିବା ପାଇଁ ଅଣ୍ଟା ଭିଡିଛନ୍ତି ମୋଦି ସରକାର । ଏଥିପାଇଁ ସଂସଦର ତିନିଦିନିଆ ବିଶେଷ ଅଧିବେଶନ ଚଳିତମାସ ୧୬ ତାରିଖରୁ ଡକାଯାଇଛି । ଲୋକସଭା, ସବୁ ରାଜ୍ୟର ବିଧାନସଭାରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାକୁ ଆଗୁଆ ଅର୍ଥାତ୍ ୨୦୨୯ ସାଧାରଣ ନିର୍ବାଚନରୁ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖିଛନ୍ତି ମୋଦି ସରକାର । ଏଥିପାଇଁ ଲୋକସଭାର ଆସନ ସଂଖ୍ୟା ୫୪୩ରୁ ୮୫୦କୁ ବୃଦ୍ଧି କରାଯିବ । ଆଉ ଏଥିପାଇଁ ସଂସଦର ବିଶେଷ ଅଧିବେଶନରେ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ଆଣିବେ ସରକାର । ୨୦୨୩ ମସିହା ସେପ୍ଟେମ୍ବରରେ ସଂସଦରେ ଗୃହୀତ ହୋଇଥିଲା 'ନାରୀ ଶକ୍ତି ବନ୍ଦନ ବିଲ୍' । ନୂଆ ଜନଗଣନା ଓ ନିର୍ବାଚନ ମଣ୍ଡଳୀଗୁଡିକର ସୀମା ପୁନଃ ନିର୍ଦ୍ଧାରଣ ଉପରେ ନିର୍ଭର କରୁଥିଲା ନାରୀ ଶକ୍ତି ବନ୍ଦନ ଅଧିନିୟମର କାର୍ଯ୍ୟକାରିତା । ମହିଳା ସଂରକ୍ଷଣ ବ୍ୟବସ୍ଥାକୁ ଆଗୁଆ କାର୍ଯ୍ୟକାରୀ କରିବା ପାଇଁ ସବୁ ଦଳର ସହଯୋଗ ଲୋଡ଼ିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । କିନ୍ତୁ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ ମହିଳା ସଂରକ୍ଷଣ ବିଲ୍ ନେଇ ଏନଡିଏ ସରକାରଙ୍କ ତତ୍ପରତାକୁ ପ୍ରଶ୍ନ କରିଛନ୍ତି । ଟାଇମିଂକୁ ନେଇ ବି ପ୍ରଶ୍ନ ଉଠିଛି ।

ଏନଡିଏ ସରକାର ଏବେ ୨୦୧୧ ଜଣଗଣନା ଆଧାରରେ ହିଁ ସୀମା ପୁନଃ ନିର୍ଦ୍ଧାରଣ କରିବା ସମ୍ଭାବନା ରହିଛି । ସଂସଦରେ ବିଶେଷ ଅଧିବେଶନରେ ସଂଶୋଧନ ପ୍ରସ୍ତାବ ଗୃହୀତ ହେଲେ ୨୦୨୯ ମସିହା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା 'ନାରୀ ଶକ୍ତି ବନ୍ଦନ ଅଧିନିୟମ' କାର୍ଯ୍ୟକାରୀ ହୋଇପାରେ । ସମ୍ବିଧାନ ସଂଶୋଧନ ବିଲ୍ ଗୃହୀତ ହେବା ପାଇଁ ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଦରକାର । ଏଥିପାଇଁ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳର ସମର୍ଥନ ଦରକାର ।

ମହିଳା ସଂରକ୍ଷଣ ନେଇ ଅତୀତରେ ବହୁ ହଟଚମଟ ହୋଇଛି । ସବୁ ଦଳ ରାଜନୀତିରେ ମହିଳାଙ୍କ ସକ୍ରିୟ ଭାଗିଦାରୀ କଥା କହୁଥିଲେ ମଧ୍ୟ ଏ କ୍ଷେତ୍ରରେ ଆନ୍ତରିକତା ଦେଖାଇନାହାନ୍ତି । ଆମେ ବିଶ୍ୱର ବୃହତ୍ତମ ଗଣତନ୍ତ୍ର ଭାବେ ଗର୍ବ କରୁଥିଲେ ମହିଳାଙ୍କ ପ୍ରତିନିଧିତ୍ୱ କ୍ଷେତ୍ରରେ ବେଶ୍ ପଛରେ ପଡିଛେ । ଏ କ୍ଷେତ୍ରରେ ଭାରତର ରେକର୍ଡ ଅତି ନିରାଶାଜନକ ।

ସଂସଦ ଓ ରାଜ୍ୟ ବିଧାନସଭାଗୁଡିକରେ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ପ୍ରସଙ୍ଗ ବହୁ ବର୍ଷ ପୁରୁଣା । ଦେଶ ସ୍ୱାଧୀନ ହେଲା ପରେ ଗଠିତ ସମ୍ବିଧାନ ସଭାରେ ମହିଳାଙ୍କ ସ୍ଥାନ ସଂରକ୍ଷଣ ନେଇ ବାଦରେ ବ୍ୟାପକ ଚର୍ଚ୍ଚା ହୋଇଥିଲା । ସମ୍ବିଧାନ ସଭାର ମୋଟ ୩୮୯ ସଦସ୍ୟଙ୍କ ମଧ୍ୟରୁ ମହିଳାଙ୍କ ସଂଖ୍ୟା ଥିଲା ୧୫ । କିଛି ମହିଳା ସଦସ୍ୟ ସଂରକ୍ଷଣ ପ୍ରସ୍ତାବକୁ ବିରୋଧ କରିଥିଲେ । ସମ୍ବିଧାନ ସଭା ସଦସ୍ୟା ସ୍ୱାଧୀନତା ସଂଗ୍ରାମୀ ରେଣୁକା ରୟଙ୍କ ଆଶଙ୍କା ଥିଲା ଯେ, ସଂରକ୍ଷଣ ଦ୍ୱାରା ସାଧାରଣ ବର୍ଗ ଆସନ ପାଇଁ ମହିଳାମାନଙ୍କୁ ବିଚାରକୁ ନିଆଯିବ ନାହିଁ । ଭାରତର ପ୍ରଥମ ସାଧାରଣ ନିର୍ବାଚନରେ ଲୋକସଭାକୁ ନିର୍ବାଚିତ ସଦସ୍ୟଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ଥିଲା ମାତ୍ର ୫ ପ୍ରତିଶତ । ଏବେ ବି ସ୍ଥିତିରେ ବିଶେଷ କିଛି ଉନ୍ନତି ହୋଇ ନାହିଁ । ୨୦୨୪ ସାଧାରଣ ନିର୍ବାଚନରେ ଲୋକସଭାକୁ ନିର୍ବାଚିତ ହୋଇଥିବା ମହିଳାଙ୍କ ସଂଖ୍ୟା ମାତ୍ର ୧୪ ପ୍ରତିଶତ । ବିଧାନସଭାଗୁଡିକରେ ତ ସ୍ଥିତି ଆହୁରି ଖରାପ ।

ଭାରତରେ ଜଣେ ମହିଳା ପ୍ରଧାନମନ୍ତ୍ରୀ ହେବାର ଗୌରବ ହାସଲ କରିଥିବା ବେଳେ ଦୁଇ ମହିଳା ରାଷ୍ଟ୍ରପତି ନିର୍ବାଚିତ ହୋଇ ସାରିଛନ୍ତି । ଅତୀତରେ ଲୋକସଭାର ବାଚସ୍ପତି ଓ ରାଜ୍ୟସଭାର ଉପାଧ୍ୟକ୍ଷ ଆସନ ବି ମହିଳାମାନେ ଅଳଙ୍କୃତ କରିସାରିଛନ୍ତି । ମହିଳାମାନେ ମୁଖ୍ୟମନ୍ତ୍ରୀ ବି ହୋଇଛନ୍ତି । କିଛି ରାଜନୈତିକ ଦଳର ନେତୃତ୍ୱ ବି ମହିଳାଙ୍କ ହାତରେ ରହିଛି । ଏହା ସତ୍ତ୍ୱେ ରାଜନୀତିରେ ଭାରତୀୟ ମହିଳାଙ୍କ ଭାଗିଦାରୀ ନଗଣ୍ୟ । ପ୍ରମୁଖ ରାଜନୈତିକ ଦଳଗୁଡିକ ନିର୍ବାଚନ ଲଢିବା ପାଇଁ ମହିଳାମାନଙ୍କୁ ଟିକେଟ ଦେବାରେ ପାତରଅନ୍ତର କରିଥାଆନ୍ତି ।

ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ ସକାଶେ ପ୍ରଥମେ ୧୯୮୯ରେ ଲୋକସଭାରେ ବିଲ୍ ଆସିଥିଲା । ତତ୍କାଳୀନ ରାଜୀବ ଗାନ୍ଧି ସରକାରଙ୍କ ଦ୍ୱାରା ଆଗତ ଏହି ବିଲ୍ ଲୋକସଭାରେ ଗୃହୀତ ହୋଇଥିଲେ ମଧ୍ୟ ରାଜ୍ୟସଭାରେ କାଟ୍ ଖାଇଯାଇଥିଲା ।

୧୯୯୨ ଓ ୧୯୯୩ରେ ପି.ଭି ନରସିଂହ ରାଓ ସରକାର ୭୨ ଓ ୭୩ତମ ସମ୍ବିଧାନ ସଂଶୋଧନ ବିଲ୍ ସଂସଦରେ ପୁନଃ ଉପସ୍ଥାପନ କରିଥିଲେ । ସଂସଦର ଉଭୟ ଗୃହରେ ପାରିତ ହୋଇଥିଲା ଆଇନରେ ପରିଣତ ହୋଇଥିଲା ବିଲ୍ । ଏହାଦ୍ୱାରା ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରାଗଲା । ଏହି ଆଇନର ଫଳସ୍ୱରୂପ ଦେଶବ୍ୟାପୀ ପଞ୍ଚାୟତ ଓ ନଗରପାଳିକାଗୁଡିକରେ ପାଖାପାଖି ୧୫ ଲକ୍ଷ ନିର୍ବାଚିତ ମହିଳା ପ୍ରତିନିଧି ରହିଛନ୍ତି ।

ସଂସଦ ଓ ବିଧାନସଭାଗୁଡିକରେ ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ଆସନ ସଂରକ୍ଷଣ ପାଇଁ ଉଦ୍ୟମ ସର୍ବପ୍ରଥମେ ଏଚ୍. ଡି ଦେବେଗୌଡାଙ୍କ ସରକାର ଅମଳରେ ହୋଇଥିଲା । ୧୯୯୬ ମସିହାରେ ଦେବେଗୌଡାଙ୍କ ନେତୃତ୍ୱାଧିନ ମିଳିତ ସାମ୍ମୁଖ୍ୟ ସରକାର ୮୧ତମ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିଥିଲେ । ଲୋକସଭାରେ ବିଲ୍ ଗୃହୀତ ନହେବାରୁ ଏହାକୁ ଗୀତା ମୁଖାର୍ଜୀଙ୍କ ଅଧ୍ୟକ୍ଷତାରେ ଗଠିତ ଯୁଗ୍ମ ସଂସଦୀୟ କମିଟିକୁ ପଠାଯାଇଥିଲା । ଡିସେମ୍ବର ୧୯୯୬ରେ ଗୀତା ମୁଖାର୍ଜୀ କମିଟି ରିପୋର୍ଟ ଦେଇଥିଲେ ମଧ୍ୟ ଲୋକସଭା ଭଙ୍ଗ ଯୋଗୁଁ ବିଲ୍ ନିଷ୍କ୍ରିୟ ହୋଇଯାଇଥିଲା । ୧୯୯୮ରେ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଏନଡିଏ ସରକାର ଦ୍ୱାଦଶ ଲୋକସଭାରେ ମହିଳା ସଂରକ୍ଷଣ ବିଲ୍ ଗୃହୀତ ପାଇଁ ପ୍ରୟାସ କରିଥିଲେ । କିନ୍ତୁ ବିଲ୍‌କୁ ସମର୍ଥନ ମିଳି ନଥିଲା । ପରେ ୧୯୯୯, ୨୦୦୨ ଓ ୨୦୦୩ ମସିହାରେ ମଧ୍ୟ ଏନଡିଏ ସରକାର ବିଲ୍ ପୁନଃ ଉପସ୍ଥାପନ କରିଥିଲେ ମଧ୍ୟ ସୁଫଳ ମିଳିନଥିଲା ।

ଡକ୍ଟର ମନମୋହନ ସିଂହଙ୍କ ନେତୃତ୍ୱାଧୀନ ପ୍ରଥମ ୟୁପିଏ ସରକାର ଅମଳରେ ମହିଳା ସଂରକ୍ଷଣ ବିଲ୍ ପାରିତ କରିବାକୁ ପୁଣି ଉଦ୍ୟମ ହୋଇଥିଲା । ୧୯୯୬ରେ ଗୀତା ମୁଖାର୍ଜୀ କମିଟି କରିଥିବା ୭ଟି ସୁପାରିଶ ମଧ୍ୟରୁ ୫ଟିକୁ ଗ୍ରହଣ କରି ନୂଆ ବିଲ୍ ପ୍ରସ୍ତୁତ କରିଥିଲେ ମନମୋହନ ସରକାର । ୨୦୦୮ ମସିହା ମେ ୬ ତାରିଖରେ ରାଜ୍ୟସଭାରେ ସଂଶୋଧିତ ମହିଳା ସଂରକ୍ଷଣ ବିଲ୍ ଆଗତ କରିଥିଲେ ୟୁପିଏ ସରକାର । ବିଲ୍‌ଟି ନିଷ୍କ୍ରିୟ ନ ହେବା ପାଇଁ ରାଜ୍ୟସଭାରେ ହିଁ ବିଲ୍ ଆଗତ କରାଯାଇଥିଲା । ୨୦୦୮ ମେ ୯ ତାରିଖରେ ବିଲ୍‌କୁ ସଂସଦୀୟ ଷ୍ଟାଣ୍ଡିଂ କମିଟିକୁ ପଠାଯାଇଥିଲା । ୨୦୦୯ ଡିସେମ୍ବର ୧୭ ତାରିଖରେ ରିପୋର୍ଟ ପ୍ରଦାନ କରିଥିଲା କମିଟି । ୟୁପିଏ ସରକାରର ଦ୍ୱିତୀୟ କାର୍ଯ୍ୟକାଳରେ ରାଜ୍ୟସଭାରେ ଗୃହୀତ ହୋଇଥିଲା ମହିଳା ସଂରକ୍ଷଣ ବିଲ୍ । ୨୦୧୦ ମାର୍ଚ୍ଚ ୯ ତାରିଖରେ ରାଜ୍ୟସଭାରେ ୧୮୬-୧ ବ୍ୟବଧାନରେ ଗୃହୀତ ହୋଇଥିଲା ବିଲ୍ । କିନ୍ତୁ ଲୋକସଭାରେ ଏହି ବିଲ୍ ସଂପର୍କରେ ଆଲୋଚନା ହୋଇ ପାରିନଥିଲା । ଚତୁର୍ଦ୍ଦଶ ଲୋକସଭା ଭଙ୍ଗ ସହ ବିଲ୍ ନିଷ୍କ୍ରିୟ ହୋଇଯାଇଥିଲା । କିନ୍ତୁ ନିୟମ ଦୃଷ୍ଟିରୁ ରାଜ୍ୟସଭାରେ ପ୍ରଥମେ ଆଗତ ହୋଇଥିବାରୁ ମହିଳା ସଂରକ୍ଷଣ ବିଲ ସଂପୂର୍ଣ୍ଣ ନିଷ୍କ୍ରିୟ ହୋଇନଥିଲା ।

ବହୁ ବାଦବିବାଦ, ବିତର୍କ ଓ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ୨୦୨୩ ମସିହାରେ ନରେନ୍ଦ୍ର ମୋଦି ସରକାର ୨୦୨୩ ସେପ୍ଟେମ୍ବରରେ ମହିଳା ସଂରକ୍ଷଣ ବିଲ୍‌ର ନାମ ବଦଳାଇ 'ନାରୀ ଶକ୍ତି ବନ୍ଦନ ବିଲ୍' ଭାବେ ସଂସଦରେ ପାରିତ କରିବାରେ ସଫଳ ହୋଇଥିଲେ । ବିଲ୍‌କୁ ସମର୍ଥନ କରିଥିଲେ ମଧ୍ୟ ରାଜନୈତିକ ଦଳଗୁଡିକ ମହିଳାଙ୍କ ଉପଯୁକ୍ତ ପ୍ରତିନିଧିତ୍ୱ ନେଇ ଆନ୍ତରିକତା ଦେଖାଇ ନାହାନ୍ତି । ୨୦୨୪ ସାଧାରଣ ନିର୍ବାଚନ ଲଢ଼ିଥିବା ଆଞ୍ଚଳିକ ଦଳଗୁଡିକ ମଧ୍ୟରୁ ମାତ୍ର ୧୪ ଦଶମିକ ୪ ପ୍ରତିଶତ ପ୍ରାର୍ଥୀ ଥିଲେ ମହିଳା । ସେହିପରି ଜାତୀୟ ଦଳଗୁଡିକ ପକ୍ଷରୁ ନିର୍ବାଚନ ଲଢ଼ିଥିବା ପ୍ରାର୍ଥୀମାନଙ୍କ ମଧ୍ୟରେ ମାତ୍ର ୧୧ ଦଶମିକ ୮ ପ୍ରତିଶତ ଥିଲେ ମହିଳା । ଗତ ଲୋକସଭା ନିର୍ବାଚନରେ ୨୭ ଦଶମିତ ୬ ପ୍ରତିଶତ ଲୋକସଭା ଆସନରେ କୌଣସି ମହିଳା ପ୍ରାର୍ଥୀ ନଥିଲେ । ଏଡିଆର ରିପୋର୍ଟ ଅନୁସାରେ ବର୍ତ୍ତମାନ ଦେଶବ୍ୟାପୀ ସାଂସଦ ଓ ବିଧାୟକ ମଧ୍ୟରେ କେବଳ ୪୬୪ ଜଣ ହିଁ ମହିଳା ।

**ଉମା ନଗର ( ଚତୁର୍ଥ ଲେନ୍ )**
**ଲାଞ୍ଜିପଲ୍ଲୀ, ବ୍ରହ୍ମପୁର -୮**
**ମୋ-୮୮୪୭୮୪୨୪୨୪**

# ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ହିରାକୁଦ ପକ୍ଷରୁ ଦ୍ୱିତୀୟ ଦହିପାଣି କେନ୍ଦ୍ରର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ତୀବ୍ର ଗ୍ରୀଷ୍ମ ତାପମାନ କୁ ଦୃଷ୍ଟିରେ ରଖି ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ହିରାକୁଦ ପକ୍ଷରୁ




ଅଲିଣ୍ଡ ଛକରେ ଦ୍ୱିତୀୟ ଦହିପାଣି ଷ୍ଟଲ୍‌ର ଉଦ୍‌ଘାଟନ କରାଯାଇଛି। ଏହି ଷ୍ଟଲ୍ ମାଧ୍ୟମରେ ପ୍ରତିଦିନ ପଥଚାରୀ ଯାତ୍ରୀମାନେ ଓ ସ୍ଥାନୀୟ ଲୋକମାନେ ଦହିପାଣି ପାନ କରି ତାପଘାତରୁ ରକ୍ଷା ପାଇପାରିବେ। ସମଗ୍ର ଗ୍ରୀଷ୍ମକାଳ ଅବଧି ପର୍ଯ୍ୟନ୍ତ ଏହି ସେବା ଚାଲୁ ରହିବ। ଏହି ଷ୍ଟଲ୍‌ଟି ସ୍ଥାନୀୟ ସ୍ୱୟଂସହାୟକ ଗୋଷ୍ଠୀ ମହିଳାମାନଙ୍କ ଦ୍ୱାରା ପରିଚାଳନା ହେଉଥିବାରୁ ଏହା ସ୍ଥାନୀୟ ମହିଳା ସଶକ୍ତିକରଣକୁ ମଧ୍ୟ ଉତ୍ସାହିତ କରୁଛି। ହିଣ୍ଡାଲକୋଙ୍କ ଏହି ମାନବିକ ପଦକ୍ଷେପକୁ ନେଇ ନିକଟବର୍ତ୍ତୀ ଗ୍ରାମବାସୀମାନେ ଓ ପ୍ରତିଦିନିକ ଯାତ୍ରୀମାନେ ଅତ୍ୟନ୍ତ ସନ୍ତୁଷ୍ଟ। ଏହି ଅବସରରେ ଉପସ୍ଥିତ ଥିବା ବରିଷ୍ଠ ନାଗରିକ ଏତୁଆ ଖଡିଆ, ବନମାଳୀ ଭୋଇ, ଦୀପକ କୁମାର ଭୋଇ, ପ୍ରଶାନ୍ତ ବେଗ୍ରାଇ ସହିତ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସୁରକ୍ଷା ଓ ପ୍ରଶାସନ ମୁଖ୍ୟ କର୍ନଲ ମାର୍କ ଆର୍ଲାଣ୍ଡ, ପାୱାର୍ ସେକ୍ୟୁରିଟି ହେଡ୍ ସୁଖଦୀପ ସିଂହ, ଏଚଆର୍ ଅଫିସର୍ ଜ୍ୟୋତି ମିଶ୍ର, ସିଏସଆର୍ ହେଡ୍ ଆନନ୍ଦ ଚକ୍ରବର୍ତ୍ତୀ, ସିଏସଆର୍ ଅଫିସର୍ ଜୟଶ୍ରୀ ରାଓ, ସନ୍ତୋଷ ତ୍ରିପାଠୀ, ମିଲନ କୁମାର ସାହୁ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିମାନେ ମଧ୍ୟ ଉପସ୍ଥିତ ରହିଥିଲେ।

## ଚୌଦ୍ୱାରରେ ପ୍ରଥମଥର ପାଇଁ ଆରମ୍ଭ ହେଲା ବିରାଟ ମହୋତ୍ସବ

ଚୌଦ୍ୱାର,(ସ.ବ୍ୟୁ): ମହାଭାରତ ଯୁଗରେ ବିରାଟରାଜାଙ୍କ ଗଡ଼ ଥିବା ଚୌଦ୍ୱାରର ଐତିହ୍ୟ ପରମ୍ପରା ଓ ସାମ୍ପ୍ରତିକ ପରିସ୍ଥିତିକୁ ନେଇ ପ୍ରଥମଥର ପାଇଁ ଆୟୋଜନ କରାଯାଇଛି ବିରାଟ ମହୋତ୍ସବ । ଚୌଦ୍ୱାର ଅଂଚଳର ବିଭିନ୍ନ ବୁଦ୍ଧିଜୀବୀ, ସମାଜସେବୀ, ଯୁବଗୋଷ୍ଠୀମାନେ ଏକାଠି ହୋଇ ଚଳିତ ବର୍ଷ ଗାନ୍ଧିଛକ ସ୍ଥିତ ଟାଉନ୍‌ହଲରେ ଆରମ୍ଭ କରିଛନ୍ତି ବିରାଟ ମହୋତ୍ସବ । ଦୁଇଦିନ ଧରି ସଂଧାରେ ହେବାକୁ ଥିବା ଏହି ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ଆଜି ଅତିଥି ଭାବେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଚୌଦ୍ୱାରର ପ୍ରସିଦ୍ଧ ପାଲାଗାୟକ ସିଦ୍ଧେଶ୍ୱର ନାୟକ, ଚୌଦ୍ୱାର ଇମ୍ଫାର ବରିଷ୍ଠ ଲୋକସମ୍ପର୍କ ପ୍ରବନ୍ଧକ ମାନସ ରଞ୍ଜନ ବସନ୍ତିଆ, ଓଟିଏମ୍ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ସଭାପତି ଡଃ ଉମ ଚରଣ ସାହୁ, ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ରାଜୀବ ଷଡ଼ଙ୍ଗୀ, ବିଶିଷ୍ଟ ଶିଳ୍ପପତି ଆଶିଷ ଦାସ, ମହୋତ୍ସବ ସମିତିର ସଭାପତି କେଶବ ଚନ୍ଦ୍ର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଦଳବଦଳ ବିରୋଧୀ ଆଇନ ସମ୍ବନ୍ଧୀୟ ଅଧ୍ୟକ୍ଷଙ୍କ କମିଟିର ଦ୍ୱିତୀୟ ବୈଠକ

ପୁରୀ, (ସବ୍ୟୁ): ସ୍ଥାନୀୟ ଚକ୍ରତୀର୍ଥ ରୋଡ ସ୍ଥିତ ହୋଟେଲ ମେ ଫେୟାର ଠାରେ ମଙ୍ଗଳବାର ଦିନ ଭାରତର ସମ୍ବିଧାନର ଦଶମ ସୂଚୀ ଅଧୀନରେ ଥିବା ଦଳ ବଦଳ ବିରୋଧୀ ଆଇନ ସମ୍ବନ୍ଧୀୟ ଅଧ୍ୟକ୍ଷମାନଙ୍କ ଏକ ଚାରି ଜଣିଆ କମିଟିର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ମହାରାଷ୍ଟ୍ର ବିଧାନ ସଭା ବାଚସ୍ପତି ରାହୁଲ ସୁରେଶ ନରୱେକରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇ ଥିବା ବେଳେ ସଦସ୍ୟ ରୂପେ ବାଚସ୍ପତି ସୁରମା ପାଢ଼ୀ, କର୍ଣ୍ଣାଟକ ବିଧାନ ସଭା ବାଚସ୍ପତି ୟୁ.ଟି. ଖାଦେର ଫରିଦ ଓ ନାଗାଲାଣ୍ଡ ବିଧାନ ସଭା ବାଚସ୍ପତି ଶରିନଗେନ ଲଙ୍ଗ କୁମେର, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଯୋଗ ଦେଇ ଥିଲେ। ବୈଠକରେ ଓଡ଼ିଶା ବିଧାନସଭା ବାଚସ୍ପତି ଶ୍ରୀମତୀ ପାଢ଼ୀ ସାମ୍ବାଦିକ ମାନଙ୍କୁ ସୂଚନା ଦେଇ କହିଥିଲେ କେନ୍ଦ୍ର ଲୋକ ସଭା ବାଚସ୍ପତି ଓମ ପ୍ରକାଶ ବିର୍ଲା ଙ୍କ ନିର୍ଦ୍ଦେଶ କ୍ରମେ ମହାରାଷ୍ଟ୍ର ବିଧାନ ସଭା ବାଚସ୍ପତି ରାହୁଲ ସୁରେଶ ନରୱେ କରଙ୍କ ଭାରତର ସମ୍ବିଧାନର ଦଶମ ସୂଚୀ ଅଧୀନରେ ଥିବା ଦଳ ବଦଳ ବିରୋଧୀ ଆଇନ ସମ୍ବନ୍ଧୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଯୋଗ ଦେଇ ଥିବା ବିଭିନ୍ନ ରାଜ୍ୟ ବାଚସ୍ପତି ମାନଙ୍କର ମତାମତ ସଂଗ୍ରହ କରା ଗଲା। ବୈଠକ ଆଲୋଚନା ହୋଇ ଥିବା ତଥ୍ୟକୁ ଲୋକ ସଭା ବାଚସ୍ପତିଙ୍କ ନିକଟକୁ ପଠାଯିବ। ଆଜିର ଏହି ବୈଠକରେ ଦଳ ବଦଳ ସମ୍ପର୍କରେ ଭାରତର ସମ୍ବିଧାନର ଦଶମ ଅନୁସୂଚୀ ଅଧୀନରେ ପ୍ରବର୍ତ୍ତିତ ଦଳବଦଳ ବିରୋଧୀ ଆଇନ ଦେଶର ଲୋକତାନ୍ତ୍ରିକ ବ୍ୟବସ୍ଥାର ସ୍ଥିରତା, ଶାସନ ଶୃଙ୍ଖଳା ଓ ନୈତିକତାକୁ ସୁନିଶ୍ଚିତ କରିବାରେ ଏକ ମୂଲ୍ୟବାନ ବ୍ୟବସ୍ଥା ବୋଲି ମତ ପ୍ରକାଶ ପାଇଥିଲା। ଏହି ଆଇନଟି ୫୨ ତମ ସମ୍ବିଧାନ ସଂଶୋଧନ ଅଧିନିୟମ ୧୯୮୫ ମାଧ୍ୟମରେ




ପ୍ରଚଳିତ ହୋଇଥିଲା, ଯାହାର ଲକ୍ଷ୍ୟ ଅନୈତିକ ଦଳବଦଳକୁ ରୋକିବା ଓ ମତଦାତାଙ୍କର ଆସ୍ଥାକୁ ସୁରକ୍ଷିତ ରଖି। ଏହି ପରିପ୍ରେକ୍ଷିତରେ, ଦଶମ ସୂଚୀ ଅଧୀନରେ ଅଧ୍ୟକ୍ଷମାନଙ୍କ ଭୂମିକାର ସମୀକ୍ଷା ପାଇଁ ଗଠିତ କମିଟିର ଦ୍ୱିତୀୟ ବୈଠକ ଓଡିଶା ବିଧାନସଭା ପକ୍ଷରୁ ପୁରୀ ଠାରେ ଆୟୋଜିତ ହୋଇଛି । କମିଟିକୁ ଦଳବଦଳ ବିରୋଧୀ ଆଇନର କାର୍ଯ୍ୟକାରିତା ଓ ପ୍ରଭାବର ସମୀକ୍ଷା କରିବା ଦାୟିତ୍ୱ ଅପରୋପିତ ହୋଇଛି ଏବଂ ଏହି ଅନୁଯାୟୀ ରିପୋର୍ଟ ୮ ମାସ ମଧ୍ୟରେ ଲୋକସଭାର ମାନ୍ୟବର ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯିବ । ଏହି ବୈଠକରେ ଦେଶର ବିଭିନ୍ନ ରାଜ୍ୟରୁ ମାନ୍ୟବର ଅଧ୍ୟକ୍ଷମାନେ ଓ ସମ୍ବିଧାନ ବିଶେଷଜ୍ଞମାନେ ଯୋଗ ଦେଇ ଥିଲେ । ଆଲୋଚନାରେ ବିଶେଷତଃ ଅଯୋଗ୍ୟତା ମାମଲାମାନଙ୍କର ଶୀଘ୍ର ନିଷ୍ପତ୍ତି, ଅଧ୍ୟକ୍ଷମାନଙ୍କର ନିଷ୍ପକ୍ଷତା ସୁଦୃଢ଼ କରିବା ଓ ବର୍ତ୍ତମାନର [ନଗୁଡିକ ପାଇଁ ସୁଚିନ୍ତିତ ପ୍ରକ୍ରିୟା ବିକାଶ ଉପରେ ଗୁରୁତ୍ୱ ଦିଆଯିବ। ପୁରୀରେ ଆୟୋଜିତ ଏହି ବୈଠକ ଗଠନାତ୍ମକ ଆଲୋଚନା, ଅନୁଭବ ବିନିମୟ ଓ ସମ୍ମିଳିତ ମତଗଠନ ପାଇଁ ଏକ ମୁଲ୍ୟବାନ ମଞ୍ଚ ପ୍ରଦାନ କରିବା ଲୋକତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା, ଦାୟିତ୍ୱବୋଧ ବୃଦ୍ଧି କରିବା ଓ ବିଧାନମଣ୍ଡଳମାନଙ୍କର ପ୍ରତିଷ୍ଠାନଗତ ସାର୍ଥକତାକୁ ଆହୁରି ସୁଦୃଢ଼ କରିବା ପ୍ରତି ଏହା ପ୍ରତିବଦ୍ଧତାର ପ୍ରତିଫଳନ ହେବ ବୋଲି କହିଛନ୍ତି ଅଧ୍ୟକ୍ଷ ଶ୍ରୀଯୁକ୍ତ ନରୱେକର।

# ସ୍ୱାଧୀନତା ସଂଗ୍ରାମୀ ଡଃ ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, (ସବ୍ୟୁ): ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ ସଦାଶିବ ତ୍ରିପାଠୀ ଜଣେ ସତ୍ୟନିଷ୍ଠ, ନିଷ୍କଳଙ୍କ ଓ ଆଦର୍ଶ ରାଜନେତା ଭାବେ ଓଡ଼ିଶାର ରାଜନୈତିକ ଇତିହାସରେ ଅମର ରହିବେ। ସ୍ୱାଧୀନତା ସଂଗ୍ରାମରେ ତାଙ୍କ ଅବଦାନ, ନୀତିନିଷ୍ଠ ନେତୃତ୍ୱ ଓ ସମାଜସେବା ଆଜିର ପିଢ଼ି ପାଇଁ ପ୍ରେରଣାଦାୟକ ବୋଲି ତାଙ୍କ ଜୟନ୍ତୀ ଅବସରରେ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ମଙ୍ଗଳବାର ସକାଳ ୮ ଘଟିକା ସମୟରେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲ ଛକରେ ଡଃ ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



ଜଣାଯାଇଥିଲା। ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢ଼ାଲି, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂହ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଶବରୀ ସାଂସ୍କୃତିକ ସଂସଦର ଉପସଭାପତି ଇଞ୍ଜିନିୟର ଗୋଦାବରିଶ ମିଶ୍ର ଓ ସଂସଦର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ଏହାସହ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧି ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଡଃ ସଦାଶିବ ତ୍ରିପାଠୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ମଦ୍ୟପ ବରଯାତ୍ରୀଙ୍କ ଗୁଳିଚାଳନା

# ୨ ଅଟକ : ବନ୍ଧୁକ ଓ ବାଇକ୍ ଜବତ୍

ଖୋର୍ଦ୍ଧା, (ସବ୍ୟୁ): ମଙ୍ଗଳବାର ଅପରାହ୍ନରେ ପଲ୍ଲା ଇସ୍କନ ମନ୍ଦିର ନିକଟରେ ବରଯାତ୍ରୀରେ ଆସିଥିବା ଯୁବକଙ୍କ ମଧ୍ୟରେ ଫାଙ୍କା ଗୁଳିଚାଳନା ହୋଇଛି। ଏଥିରେ କାହାରି କିଛି କ୍ଷତି ହୋଇନଥିବାବେଳେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଦେଖାଦେଇଛି। ଖବର ପାଇ ଘଟଣାସ୍ଥଳରୁ ସ୍ପେଶାଲସ୍କ୍ୱାର୍ଡ ୨ଜଣ ଯୁବକଙ୍କ ବନ୍ଧୁକ ଓ ଗାଡି ସହ ଧରି ଆଦର୍ଶଥାନା ଜିମା ଦେଇଛନ୍ତି । ଖୋର୍ଦ୍ଧା ଅଞ୍ଚଳକୁ ମେଣ୍ଢାଶାଳର କିଛି ଯୁବକ ଏକ ବାହାଘର ବରଯାତ୍ରୀ ଆସିଥିଲେ। ଉକ୍ତ ଯୁବକମାନେ ମଦ୍ୟପାନ କରି ଅନ୍ୟକିଛି ଯୁବକଙ୍କ ସହିତ ଗଣ୍ଡଗୋଳ କରିଥିଲେ। ପରେ ଏହା ଉଗ୍ରରୂପ ଧାରଣ କରିଥିଲା। ଏହି ସମୟରେ ଜଣେ ଯୁବକ ଅଣ୍ଟାରେ ରଖିଥିବା ଏକ ବନ୍ଧୁକ କାଢି ଅନ୍ୟଜଣେ ଯୁବକଙ୍କୁ ଗୁଳିମାଡ କରିଥିଲା। ମାତ୍ର ଗୁଳିଟି କାହାରି ଦେହରେ ନବାଜି ତଳେ ବାଜିଥିଲା। ଏହି ସମୟରେ ଘଟଣାସ୍ଥଳରୁ ଏକ ବାଇକ୍ ଯୋଗେ ଦୁଇଜଣ ଯୁବକ ବନ୍ଧୁକ ଧରି ଖସିଯାଉଥିବାବେଳେ ପୁଲିସ ସ୍ପେଶାଲସ୍କ୍ୱାର୍ଡ ସେମାନଙ୍କୁ କାବୁ କରିଛି। ସେମାନଙ୍କ ଠାରୁ ଗୁଳିମାଡ କରାଯାଇଥିବା ବନ୍ଧୁକ ଓ ବାଇକ୍ କୁ ଜବତ କରି ଆଦର୍ଶ ଥାନା ଜିମା ଦେଇଛି। ପୁଲିସ ଘଟଣାର ତଦନ୍ତ କରୁଥିବାବେଳେ ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ଏ ସମ୍ପର୍କରେ ଥାନା ଅଧିକାରୀ ମୁହଁ ଖୋଲିନାହାନ୍ତି।

## ବ୍ରହ୍ମଗିରି ଅଞ୍ଚଳରେ ୬ ବର୍ଷର ନାବାଳିକାକୁ ଦୁଷ୍କର୍ମ ଘଟଣା

# ରାଜ୍ୟରେ ମହିଳା ଓ ଶିଶୁଙ୍କ ସୁରକ୍ଷା ବିପର୍ଯ୍ୟସ୍ତ: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ପୁରୀ ଜିଲ୍ଲାର ବ୍ରହ୍ମଗିରି ଅଞ୍ଚଳରେ ଜଣେ ୬ ବର୍ଷର ଶିଶୁକୁ ଦୁଷ୍କର୍ମ ହୋଇଥିବା ଘଟଣା ଲୋକଲୋଚନକୁ ଆସିବା ପରେ, ରାଜ୍ୟରେ ମହିଳା ଓ ଶିଶୁଙ୍କ ସୁରକ୍ଷା ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ଅଭିଯୋଗ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ବିଜୁ ଜନତା ଦଳ। ବିଜୁ ଜନତା ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବ୍ରହ୍ମଗିରି ଅଞ୍ଚଳରେ ୬ ବର୍ଷର ଶିଶୁକୁ ଦୁଷ୍କର୍ମ ଘଟଣାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଶ୍ରୀ ଦାସବର୍ମା କହିଥିଲେ, ରାଜ୍ୟରେ ମହିଳା ଓ ଶିଶୁଙ୍କ ସୁରକ୍ଷା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି । ଏହାକୁ ନେଇ ବିଜେଡି ଓ ଅନ୍ୟ ବିରୋଧୀ ଦଳ ମାନେ ବାରମ୍ବାର



ସ୍ୱର ଉତ୍ତୋଳନ କରିଆସୁଥିଲେ ମଧ୍ୟ ସରକାର ବିହିତ କାର୍ଯ୍ୟାନୁଷ୍ଠାନ ନେବାରେ ସଫଳ ହୋଇନାହାନ୍ତି । ରାଜ୍ୟର ପର୍ଯ୍ୟଟନସ୍ଥଳୀ ଗୁଡିକରେ ଏଭଳି ଘଟଣାମାନ ବାରମ୍ବାର ଦେଖିବାକୁ ମିଳୁଛି । ବ୍ରହ୍ମଗିରି ଅଞ୍ଚଳରେ ଥିବା ଚିଲିକା ଅନ୍ୟ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ । ଏହିଭଳି ଘଟଣା ଦ୍ୱାରା ରାଜ୍ୟର ପର୍ଯ୍ୟଟନ ବିକାଶ ଉପରେ ନକାରାତ୍ମକ ପ୍ରଭାବ ପଡୁଛି । ତେଣୁ ଏହି ଘଟଣାକୁ ଗୁରୁତର ସହ ନେଇ ପୋଲିସ ତୁରନ୍ତ ଅଭିଯୁକ୍ତକୁ ଗିରଫ କରିବା ସହିତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ । ଶ୍ରୀ ଦାସବର୍ମା କହିଥଲେ, ଘଟଣା ସମ୍ବନ୍ଧରେ ସମସ୍ତ ବିବରଣୀ ସଂଗ୍ରହ କରିବା ପାଇଁ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଘଟଣାସ୍ଥଳକୁ ଯାଇ ଓ ପୀଡ଼ିତାଙ୍କୁ ଭେଟି ସମସ୍ତ ତଥ୍ୟ ସଂଗ୍ରହ କରିବ । ଏହାପରେ ବିଜେଡି ତାର ମତ ରଖିବ ।

# ଜଗତପୁରରେ ଜାନକୀ ବଲ୍ଲଭଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଓ ଶ୍ରଦ୍ଧାଞ୍ଜଳି ସଭା

କଟକ, (ସବ୍ୟୁ):ଜଗତପୁର କଂଗ୍ରେସ ପକ୍ଷରୁ ବରିଷ୍ଠ କଂଗ୍ରେସ ନେତା ତଥା କଟକ ନଗର ୮ ନଂ ବ୍ଲକ୍ କଂଗ୍ରେସ ସଭାପତି ଅଲେଖ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ପୂର୍ବତନ ମୁଖ୍ୟମନ୍ତ୍ରୀ,ପୂର୍ବତନ ରାଜ୍ୟପାଳ,ବିଶିଷ୍ଟ ସାହିତ୍ୟିକ, ସାମ୍ବାଦିକ,ମହାନ୍ ଜନନାୟକ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ଙ୍କ ପବିତ୍ର ତିରୋଧାନ



ଦିବସ ପାଳିତ ହୋଇଯାଇଛି ।ଏହି ଅବସରରେ ଜଗତପୁର ଗୋଲେଇଛକ ଠାରେ ଜାନକୀ ବଲ୍ଲଭ ଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ଓ ଉନ୍ମୋଚନ କରାଯାଇ ମାଲ୍ୟାର୍ପଣ କରାଜିବା ସହ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଥିଲା। ଅଞ୍ଚଳର ବୟୋଜ୍ୟେଷ୍ଠ ମୁରବୀ ତଥା କାର୍ଯ୍ୟଜଗତପୁର ଶାନ୍ତି କମିଟିର ସଭାପତି ନିରଞ୍ଜନ ବିଶ୍ୱାଳ ପ୍ରତିଉର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟ ଅତିଥି ଭାବରେ କଟକ ନଗର କଂଗ୍ରେସ ସଭାପତି ସାନ୍ତାୟନ୍ ମିଶ୍ର ,ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ଭୂୟାଁ, ସମ୍ମାନୀୟ ଅତିଥି ଭାବରେ ସିଏମସି ର ଡେପୁଟୀ ମେୟର ସୁଶ୍ରୀ ଦମୟନ୍ତୀ ମାଝି, ବରେଣ୍ୟ ଅତିଥି ଭାବରେ ବରିଷ୍ଠ କଂଗ୍ରେସ୍ ନେତା ସୁରେଶ ମହାପାତ୍ର ଓ ବିଶିଷ୍ଟ ଅତିଥି ଭାବରେ କଟକ ସହରର ପ୍ରାକ୍ତନ ଉପ ନଗରପାଳ ପୁଷ୍ପା ସାମଲ,ଓ ଓଡ଼ିଶା ଶିଳ୍ପ ସଙ୍ଘ ସଭାପତି ଅବନୀ କାନୁନଗୋ ଯୋଗଦେଇ ଜାନକୀ ବଲ୍ଲଭ ଙ୍କ ଅବଦାନ ସମ୍ପର୍କରେ କହିଥିଲେ ।ଜାନକୀ ବଲ୍ଲଭ ଙ୍କ ସମୟରେ ହଜାରେ ଦିନରେ ହଜାର ଶିଳ୍ପ ଆହ୍ୱାନରେ ଜଗତପୁର ନୂତନ ଶିଳ୍ପାଞ୍ଚଳ ପ୍ରତିଷ୍ଠା,ଜଗତପୁର ରେ ଥାନା, ତହସିଲ କାର୍ଯ୍ୟାଳୟ, ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ପ୍ରତିଷ୍ଠା ଜାନକୀ ବଲ୍ଲଭ ଙ୍କ ସମୟରେ ହୋଇପାରିଥିଲା ।ଜଗତପୁର ଅଞ୍ଚଳରେ ଜାନକୀ ପ୍ରେମୀ ମାନେ ନିଜସ୍ୱ ଖର୍ଚ୍ଚରେ ଜାନକୀ ବଲ୍ଲଭ ଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରି ଜାନକୀ ଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ଦେଇ ପାରିଛନ୍ତି ବୋଲି ବକ୍ତାମାନେ କହିଥିଲେ ।ଏହି କାର୍ଯ୍ୟକ୍ରମରେ କଟକ ନଗର କଂଗ୍ରେସ ମୁଖପାତ୍ର ମାନସ ପରିଡ଼ା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ କଂଗ୍ରେସ ନେତା ରଶ୍ମିକାନ୍ତ ସାମଲ ସ୍ୱାଗତ ଭାଷଣ ଓ ଧନ୍ୟବାଦ୍ ଅର୍ପଣ କରିର୍ଥିଲେ ।ଏହି କାର୍ଯ୍ୟକ୍ରମ ରେ କର୍ପୋରେଟର ଜନାର୍ଦ୍ଦନ ପରିଡ଼ା,ଓଡ଼ିଶା ଯୁବଛାତ୍ର ମଞ୍ଚ ର ପ୍ରତିଷ୍ଠାତା ଜୀନେସ ଦାସ , କଟକ ସଦର କଂଗ୍ରେସ ନେତା ରାମ ଚନ୍ଦ୍ର ଗୋଛାୟତ,କଟକ ନଗର (ଜିଲ୍ଲା)କଂଗ୍ରେସ ମୁଖପାତ୍ର ମାନସ ପରିଡ଼ା, ଚୌଦ୍ୱାର ନଗର କଂଗ୍ରେସ ସଭାପତି ହରିହର ପରିଡ଼ା,ବିଳାସ ବିଶ୍ୱାଳ,ନିର୍ମଳ ସ୍ୱାଇଁ, ଗୋଲେଖ ଚନ୍ଦ୍ର ରାଉତ, ହେମନ୍ତ ବିଶ୍ୱାଳ,ଡାକ୍ତର ଅରୁଣ ଖୁଣ୍ଟିଆ,ଆବାସ ମଲ୍ଲିକ,ଓ ଦିଲ୍ଲୀପ ଦଳାଇ, ଲଳିତ ଭୂୟାଁ,ୱାର୍ଡ ସଭାପତି ଦୁର୍ଯ୍ୟୋଧନ ପ୍ରଧାନ ,ଯୁବନେତା ମାଧବାନନ୍ଦ ବିଶ୍ୱାଳ,ଅଶୋକ ମିଶ୍ର ଓ ବିମଳ ବିଶ୍ୱାଳ, ଜଗତପୁର ବିଦ୍ୟୁତ୍ ଉପଭୋକ୍ତା ସଙ୍ଘ ସଭାପତି ତୀର୍ଥାନନ୍ଦ ପଣ୍ଡା,ଦିଲ୍ଲୀପ ଚୌଧୁରୀ,ବରିଷ୍ଠ ନାଗରିକ ପବିତ୍ର ପଣ୍ଡା,ପ୍ରବୀର୍ ରଥ,ସୁଶୀଲ ମହାନ୍ତି ପ୍ରମୁଖ ଙ୍କ ସହିତ ଅଞ୍ଚଳର ବହୁ ମୁରବୀ, ସାହିତ୍ୟିକ,ସାମ୍ବାଦିକ, ବୁଦ୍ଧିଜୀବୀ ଯୋଗଦେଇ ଜାନକୀ ବଲ୍ଲଭ ଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ବରିଷ୍ଠ କଂଗ୍ରେସ ନେତା ତଥା ୱାର୍ଡ କଂଗ୍ରେସ ସଭାପତି ରଶ୍ମିକାନ୍ତ ସାମଲ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଝାରସୁଗୁଡାରେ ବିଶ୍ୱ କଳା ଦିବସ ପାଳନ କଲା ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଝାରସୁଗୁଡାର ସିରିଆପାଲି ଗ୍ରାମରେ ମହିଳା ଏବଂ ଶିଶୁଙ୍କ ସୃଜନଶୀଳତା ସହିତ ବିଶ୍ୱ କଳା ଦିବସ ପାଳନ କରିଛି। ଏହାର ବେଦକଳା ସମ୍ପ୍ରଦାୟ ବିକାଶ ପଦକ୍ଷେପ ଅଧୀନରେ, କମ୍ପାନୀ ବାଉଁଶ ହସ୍ତଶିଳ୍ପ ନିର୍ମାଣ କର୍ମଶାଳା, ଚିତ୍ରାଙ୍କନ ଏବଂ ରଙ୍ଗୋଲି ପ୍ରତିଯୋଗିତା, ବିତର୍କ ଏବଂ ସାଂସ୍କୃତିକ ନୃତ୍ୟ ପ୍ରଦର୍ଶନ ସମେତ ଏକ ସକ୍ରିୟ କାର୍ଯ୍ୟକଳାପ ମାଧ୍ୟମରେ ୧୫୦ ରୁ ଅଧିକ ସମ୍ପ୍ରଦାୟ ସଦସ୍ୟଙ୍କୁ ନିୟୋଜିତ କରିଛି। ଭେଦକଳା ପ୍ରକଳ୍ପ ଅଧୀନରେ, ଝାରସୁଗୁଡାର ୫୦ ରୁ ଅଧିକ ସ୍ଥାନୀୟ କାରିଗରଙ୍କୁ ବର୍ତ୍ତମାନ ବାଉଁଶ, ସୌରା ଏବଂ ସବାଇ ଘାସ ହସ୍ତଶିଳ୍ପରେ ତାଲିମ ଦିଆଯାଉଛି। ବ୍ୟାପକ ବଜାର ପ୍ରବେଶ ମାଧ୍ୟମରେ ସ୍ଥିର ଆୟ



ସୁଯୋଗ ସୃଷ୍ଟି କରିବା ସହିତ ପାରମ୍ପରିକ ଦକ୍ଷତାକୁ ସୁଦୃଢ଼ କରିବା ଏହି ପଦକ୍ଷେପର ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ସିରିଆପାଲି ଗ୍ରାମ ପଂଚାୟତର ମାଷ୍ଟର ବୁକକିପର ରସ୍ମିତା ସୁନାନୀ ଏବଂ ସୁଭଲକ୍ଷ୍ମୀ ସମବାୟର ବୋର୍ଡ ସଦସ୍ୟ ପୁଷ୍ପାଞ୍ଜଳି ସେଠ ଯୋଗ ଦେଇଥିଲେ, ଯେଉଁମାନେ ସମ୍ପ୍ରଦାୟର ସଦସ୍ୟମାନଙ୍କ ସହିତ ଓଡ଼ିଶାର କଳା ଏବଂ କାରିଗରୀର ସମୃଦ୍ଧ ଐତିହ୍ୟକୁ ସମ୍ମାନିତ କରିଥିଲେ। ଏହି ଅବସରରେ ବେଦାନ୍ତ ଝାରସୁଗୁଡାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, "ଆମର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ସାମୁଦାୟିକ ସଶକ୍ତିକରଣ ସହିତ ହାତ ମିଳାଇ ଚାଲିଛି। ପ୍ରୋଜେକ୍ଟ ଭେଦକଳା ଆମର ସ୍ଥାନୀୟ କାରିଗରମାନଙ୍କ ପାଇଁ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବା ସହିତ ପାରମ୍ପରିକ କଳା ଫର୍ମଗୁଡ଼ିକୁ ପୋଷଣ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ପ୍ରୋଜେକ୍ଟ ଭେଦକଳା ଆଧୁନିକ ବଜାର ଆବଶ୍ୟକତା ସହିତ ପାରମ୍ପରିକ କାରିଗରିର ସଂଯୋଗ କରିବା ପାଇଁ ଡିଜାଇନ୍ କରାଯାଇଛି।

## ଯୁଗପୁରାରେ ୨୩ତମ ଚଡ଼କ ଯାତ୍ରା ଓ ଉଡା ପର୍ବ ପାଳିତ

ବେତନଟୀ ,(ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଯୁଗପୁରା ରେଳ ଷ୍ଟେସନ ନିକଟରେ ପବିତ୍ର ଅକ୍ଷୟ ତୃତୀୟା ପାଳନ ଅବସରରେ ୨୩ ବର୍ଷରେ ପଦାର୍ପଣ କରିଥିବା ଚଡ଼କ ଯାତ୍ରା ଓ ଉଡା ପର୍ବ ପାଳିତ ହୋଇଯାଇଛି । ବାବା ଆଖଣ୍ଡଳମଣି ମହାଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ମାନସିକଧାରୀ ଭକ୍ତା ମାନଙ୍କ ଦ୍ୱାରା କଣ୍ଟା ପାଟ ଓ ନିଆଁ ପାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଲାଗିଥିବା ମେଳା ବୁଲିବାକୁ ଶତାଧିକ ଜନସାଧାରଣଙ୍କ ଭିଡ଼ ଲାଗି ରହିଥିଲା । ଆଖଣ୍ଡଳମଣି ଚଡ଼କ ଓ ଉଡା ପର୍ବ କମିଟିର ସଦସ୍ୟ ମାନଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମ ଧୁମଧାମରେ ପାଳିତ ହୋଇଯାଇଛି ।

# ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଅଞ୍ଚଳର ନୂତନ ଅଞ୍ଚଳ ମୁଖ୍ୟ

ଭୁବନେଶ୍ୱର, (ସବ୍ୟୁ) : ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଅଞ୍ଚଳର ନୂତନ ଅଞ୍ଚଳ ମୁଖ୍ୟ ଭାବେ ସଞ୍ଜୀବ ରଞ୍ଜନ ସହାୟ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଭୁବନେଶ୍ୱର ଜୋନ୍ ରାଜ୍ୟର ୬ଟି କ୍ଷେତ୍ରୀୟ କାର୍ଯ୍ୟାଳୟ ପାଇଁ କଣ୍ଟ୍ରୋଲିଂ କାର୍ଯ୍ୟାଳୟ ଭାବେ କାର୍ଯ୍ୟ କରୁଅଛି। ଶ୍ରୀ ସହାୟ ଏହା ପୂର୍ବରୁ ବ୍ୟାଙ୍କର ମୁମ୍ବାଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟର କର୍ପୋରେଟ୍ କମ୍ୟୁନିକେସନ୍ ବିଭାଗରେ ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ଶ୍ରୀ ସହାୟ ଫେଡେରାଲ ବ୍ୟାଙ୍କରେ ଜନୈକ ଅଫିସର ଭାବେ ନିଜର ବ୍ୟାଙ୍କିଙ୍ଗ୍ କ୍ୟାରିୟର ଆରମ୍ଭ କରି ସେଠାରେ ୫ ବର୍ଷ କାର୍ଯ୍ୟ କରିଥିଲେ। ୨୦୦୯ ମସିହାରେ ସେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ବରିଷ୍ଠ ଅଧିକାରୀ ଭାବେ ଯୋଗ ଦେଇଥିଲେ ଏବଂ ଏହାପରେ ଉତ୍ତର ପ୍ରଦେଶ, ପଞ୍ଜାବ, ପଶ୍ଚିମବଙ୍ଗ, ତାମିଲନାଡ୍ଡୁ, ମହାରାଷ୍ଟ୍ର, ରାଜସ୍ଥାନ, ଦିଲ୍ଲୀ-ଏନ୍‌ସିଆର୍ ଓ ଓଡିଶା ସମେତ ଦେଶର ବିଭିନ୍ନ ସ୍ଥାନରେ ବିଭିନ୍ନ ପଦ ପଦବୀରେ କାର୍ଯ୍ୟ କରି ବ୍ୟାପକ ଅଭିଜ୍ଞତା



ହାସଲ କରିଛନ୍ତି। ରାଜ୍ୟରେ ଏହା ତାଙ୍କର ପ୍ରଥମ ବୃତ୍ତିଗତ କାର୍ଯ୍ୟ ହେଲେ ମଧ୍ୟ ସେ ପୂର୍ବରୁ ରେଭେନ୍ସା କଲେଜ ଏବଂ ଓୟୁଏଟି ୟୁନିଭରସିଟିରେ ଅଧ୍ୟୟନରତ ଥିଲେ। ସେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡଭାନ୍ସଡ ମାନୁଫାକ୍‌ଚରିଂ ଟେକ୍ନୋଲୋଜିରୁ ମାନୁଫାକ୍‌ଚରିଂ ଇଞ୍ଜିନିୟରିଂରେ ଡିଗ୍ରି ହାସଲ କରିଛନ୍ତି। ତାଙ୍କର ୨୨ବର୍ଷରୁ ଉଦ୍ଧ୍ୱର୍ୱର୍ କାର୍ଯ୍ୟକାଳ ମଧ୍ୟରୁ ସେ ୧୬ବର୍ଷ କ୍ଷେତ୍ର ସ୍ତରରେ ଏବଂ ୬ବର୍ଷ କର୍ପୋରେଟ କାର୍ଯ୍ୟାଳୟରେ କାର୍ଯ୍ୟ କରିଛନ୍ତି। ତାଙ୍କର ଏହି ବ୍ୟାପକ ଅଭିଜ୍ଞତା ଏହି ଅଞ୍ଚଳର ବ୍ୟାଙ୍କିଙ୍ଗ୍ କାର୍ଯ୍ୟକୁ ଆହୁରି ସୁଦୃଢ କରିବ ବୋଲି ଆଶା କରାଯାଉଛି। ନୂତନ ଅଞ୍ଚଳ ମୁଖ୍ୟ ଭାବେ ଶ୍ରୀ ସହାୟ ରାଜ୍ୟର ଆର୍ଥିକ ବିକାଶରେ ନିଜର ଯୋଗଦାନ ପାଇଁ ସର୍ବୋତ୍ତମ ବ୍ୟାଙ୍କିଙ୍ଗ୍ ସେବାକୁ ସୁନିଶ୍ଚିତ କରିବା ସହିତ ଗ୍ରାହକ ଓ ହିତାଧିକାରୀଙ୍କୁ ପୂର୍ଣ୍ଣ ସହଯୋଗ ପ୍ରଦାନ କରିବେ ବୋଲି ପ୍ରତିବଦ୍ଧତା ପ୍ରକାଶ କରିଥିଲେ।

## ନାଭି ଏଏମ୍ ସି ଯୁବ ଡାକ୍ତରଙ୍କ ପାଇଁ ୟୁଥ୍ କନ୍ ୨୦୨୬ ରେ ଆର୍ଥିକ ସଚେତନତା ସେସନ୍

ଭୁବନେଶ୍ୱର (ସବ୍ୟୁ) : ନାଭି ଏଏମ୍ ସି ଲିମିଟେଡ୍ ୟୁଥ୍ କନ୍ ୨୦୨୬, ଇଷ୍ଟ ଜୋନ ନ୍ୟାସନାଲ କନ୍ କ୍ଲେଭରେ ଯୁବ ଡାକ୍ତରମାନଙ୍କ ପାଇଁ ଏକ ଆର୍ଥିକ ସଚେତନତା ସେସନ୍ ସଫଳତାର ସହ ଆୟୋଜନ କଲା। ଏହି କାର୍ଯ୍ୟକ୍ରମ ଇଣ୍ଡିଆନ ମେଡିକାଲ ଆସୋସିଏସନ୍ ଜୁନିଅର ଡକ୍ଟରସ ନେଟୱର୍କ ଦ୍ୱାରା ଆୟୋଜିତ ହୋଇଥିଲା ଏବଂ ଆଇଏମଏ ଓଡ଼ିଶା କନ୍ ଭେନସନ ସେଣ୍ଟରରେ ଆୟୋଜିତ ହୋଇଥିଲା, ଯେଉଁଠାରେ ମେଡିକାଲ୍ ଛାତ୍ରଛାତ୍ରୀ, ଜୁନିଅର ଡାକ୍ତର ଏବଂ ଆରମ୍ଭିକ କ୍ୟାରିୟରର ଚିକିତ୍ସା ପେଶାଜୀବୀମାନେ ଯୋଗଦେଇଥିଲେ। ଏହି ସେସନ୍‌ଟି ନାଭି ଏଏମସିର ସି କ୍ଷଇଓ ଶ୍ରୀ ଆଦିତ୍ୟ ମୁକ୍ଲିଙ୍କ ଦ୍ୱାରା ନେତୃତ୍ୱ କରାଯାଇଥିଲା, ଯେଉଁଠାରେ ଯୁବ ଡାକ୍ତରମାନେ ମୁହାଁ ଦେଉଥିବା ବିଶେଷ ଆର୍ଥିକ ଚ୍ୟାଲେଞ୍ଜ ବିଷୟରେ ଆଲୋଚନା କରାଯାଇଥିଲା—ଦୀର୍ଘ ଶିକ୍ଷା ସମୟ ହେତୁ ଆୟର ବିଳମ୍ବ, ଛାତ୍ର ଋଣ, ସ୍ପେସିଆଲାଇଜେସନ୍ ସମୟରେ କ୍ୟାରିୟରର ଅନିଶ୍ଚିତତା ଏବଂ ଦୀର୍ଘମିଆଦି ସଞ୍ଚୟର ଆବଶ୍ୟକତା।

# ବାଣୀବିହାର ୮୦ରେ ଅନ୍ନସେବା କାର୍ଯ୍ୟକ୍ରମ




ଭୁବନେଶ୍ୱର (ସବ୍ୟୁ): ବାଣୀବିହାର ୮୦ରେ ଅନ୍ନସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପଟିଆ ଜଳିମୁଣ୍ଡା ବସ୍ତିରେ ଅବସ୍ଥିତ ଚେଷ୍ଟା ଶିକ୍ଷଣ ଅନୁଷ୍ଠାନର ପିଲାମାନଙ୍କୁ ବାଣୀବିହାର ଅଶୀ ତରଫରୁ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରାଯାଇଥିଲା । ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ମୁକେଶ କୁମାର ପୁରୋହିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପୂର୍ଣ୍ଣ ସହଯୋଗ କରିଥିଲେ । ଏହି ଶିକ୍ଷଣ ଅନୁଷ୍ଠାନରେ ପଞ୍ଚଷଠି ଜଣ ଅନଗ୍ରସର ପରିବାରର ପିଲାମାନଙ୍କୁ ଦେୟମୁକ୍ତ ଶିକ୍ଷା ପ୍ରଦାନ କରାଯାଉଛି । ବାଣୀବିହାର ଅଶୀର ସଭାପତି ଡଃ ପ୍ରତୀପ ମିଶ୍ର, ସମ୍ପାଦକ ଆଶୁତୋଷ ଦାଶ, ସମାଜସେବା କାର୍ଯ୍ୟକ୍ରମର ଉପଦେଷ୍ଟା ଅଲେଖ ନନ୍ଦୀ ଓ ପ୍ରାକ୍ତନ ସଭାପତି ଶରତ ଦାଶ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ ।

### ଅଦାଲତି ଝଟକା ପରେ ନରମିଲେ ଟ୍ରମ୍ପ

# ବର୍ଦ୍ଧିତ ଶୁଳ୍କ ଫେରାଇବ ଆମେରିକା

ୱାଶିଂଟନ: ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱର ବିଭିନ୍ନ ଦେଶ ଉପରେ ଲଗାଇଥିବା ଶୁଳ୍କକୁ ଆମେରିକା ସୁପ୍ରିମକୋର୍ଟ ଗତ ଫେବ୍ରୁଆରି ୨୦ରେ ଅବୈଧ ଘୋଷଣା କରିଥିଲେ। ଟ୍ରମ୍ପ ଲଗାଇଥିବା ଶୁଳ୍କକୁ ଆମେରିକାର ଆମଦାନିକାରୀମାନେ ପୈଠ କରିଥିଲେ। ଏପ୍ରିଲ ୨୦ରୁ ତାହାର ଫେରସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଆମେରିକାର ସୀମାଶୁଳ୍କ ଓ ସୀମା ସୁରକ୍ଷା (ସିବିପି) ସଂସ୍ଥା ପକ୍ଷରୁ ପ୍ରଥମ ପର୍ଯ୍ୟାୟ ଶୁଳ୍କ ଫେରସ୍ତ ପ୍ରକ୍ରିୟା କାର୍ଯ୍ୟକ୍ଷମ ହୋଇଥିବା ନେଇ ଘୋଷଣା କରାଯାଇଛି। ଶୁଳ୍କ ପାଇବା ପାଇଁ ଆମଦାନିକାରୀ ଓ ସୀମାଶୁଳ୍କ ବ୍ରୋକରମାନେ ଆବେଦନ କରିପାରିବେ। ପୂର୍ବରୁ ମାର୍ଚ୍ଚ ମାସରେ କରାଯାଇଥିବା ଏକ ଆକଳନ ଅନୁଯାୟୀ, ପ୍ରାରମ୍ଭିକ ପର୍ଯ୍ୟାୟରେ ୩,୩୦,୦୦୦ ଆମଦାନିକାରୀ ଶୁଳ୍କ ଫେରସ୍ତ ପାଇବା ପାଇଁ ଯୋଗ୍ୟତା ଅର୍ଜନ କରିପାରନ୍ତି। ଟ୍ରମ୍ପ ଅନ୍ତର୍ଜାତୀୟ



ଜରୁରୀକାଳୀନ ଅର୍ଥନୈତିକ କ୍ଷମତା ଆଇନ (ଆଇଇଇପିଏ) ବଳରେ ଲଗାଇଥିବା ଶୁଳ୍କକୁ କିଭଳି ଫେରସ୍ତ କରାଯିବ ସେ ନେଇ ସୁପ୍ରିମକୋର୍ଟ କିଛି ସ୍ପଷ୍ଟ କରି ନଥିଲେ। କିନ୍ତୁ ଗତମାସରେ ଆମେରିକାର ଅନ୍ତର୍ଜାତୀୟ ବାଣିଜ୍ୟ କୋର୍ଟ ଏହି ପ୍ରକ୍ରିୟା ଆରମ୍ଭ ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଆମେରିକାର ସୀମା ଶୁଳ୍କ ଓ ସୀମା ସୁରକ୍ଷା (ସିବିପି) ସଂସ୍ଥା ଏହାର ଅଟୋମେଟେଡ କମର୍ସିଆଲ ଏନଭାର୍ଣ୍ଣମେଣ୍ଟ (ଏସିଇ) ସିଷ୍ଟମ ଜରିଆରେ କନସୋଲିଡେଟେଡ ଆଡମିନିଷ୍ଟ୍ରେସନ ଆଣ୍ଡ୍ ପ୍ରୋସେସିଂ ଅଫ୍ ଏଣ୍ଟ୍ରିଜ (କେପ୍) ପୋର୍ଟାଲ ଆରମ୍ଭ କରିଛି। ଟ୍ରମ୍ପ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ଅନଲାଇନ୍ ପୋର୍ଟାଲରେ ଆମଦାନିକାରୀମାନଙ୍କୁ ଅର୍ଥ ଫେରସ୍ତ ପାଇବା ପାଇଁ ଆବେଦନ କରିବାକୁ ପଡ଼ିବ। ଶୁଳ୍କ ଫେରସ୍ତ ଦାବିକୁ ୬୦ରୁ ୯୦ ଦିନ ମଧ୍ୟରେ ମଞ୍ଜୁରି ମିଳିବ। ତେବେ ତଥ୍ୟ ଠିକ୍ ନଥିଲେ ଏହା ବିଳମ୍ବ ମଧ୍ୟ ହୋଇପାରେ। ୩,୩୦,୦୦୦ ଆମଦାନିକାରୀ ମାର୍ଚ୍ଚ ୪ ସୁଦ୍ଧା ପ୍ରାୟ ୧୬୬ ବିଲିଅନ ଡଲାରର ଶୁଳ୍କ ପୈଠ କରିଛନ୍ତି।ତେବେ ଏମାନଙ୍କ ମଧ୍ୟରୁ ପ୍ରାୟ ୫୬,୫୦୦ ଆମଦାନିକାରୀ ଏପ୍ରିଲ ୯ ତାରିଖ ସୁଦ୍ଧା ଅନଲାଇନ ପଞ୍ଜୀକରଣ କରିଛନ୍ତି। ତେଣୁ ସମସ୍ତେ ପ୍ରଥମ ପର୍ଯ୍ୟାୟରେ ଶୁଳ୍କ ଫେରି ପାଇବା ପାଇଁ ଯୋଗ୍ୟ ହୋଇ ନପାରନ୍ତି। ଏହି ମୋଟ ଶୁଳ୍କ ମଧ୍ୟରେ ଭାରତର ରପ୍ତାନି ସହ ପ୍ରାୟ ୧୨ ବିଲିଅନ ଡଲାରର ଶୁଳ୍କ ଜଡ଼ିତ ରହିଥିବା ଆକଳନ କରାଯାଉଛି। ତେବେ ଭାରତର ରପ୍ତାନିକାରୀମାନେ ଏହା ସିଧାସଳଖ ପାଇପାରିବେ ନାହିଁ। ଶୁଳ୍କ ପୈଠ କରିଥିବା ଆମେରିକାର ଆମଦାନିକାରୀମାନେ ହିଁ ଏହା ପାଇବାକୁ ଯୋଗ୍ୟ ହେବେ। ଆମଦାନିକାରୀମାନଙ୍କଠାରୁ ଏହି ଅର୍ଥ କିଭଳି ଆଦାୟ କରିବେ ତାହା ରପ୍ତାନିକାରୀମାନଙ୍କ ବ୍ୟବସାୟିକ ମୂଳଚାଲ ଉପରେ ନିର୍ଭର କରେ।

# ଭାରତ-ଆମେରିକା ବାଣିଜ୍ୟ ଆଲୋଚନା ଆରମ୍ଭ

ନୂଆଦିଲ୍ଲୀ: ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା ଉପରେ ବିସ୍ତୃତ ଆଲୋଚନା ଆରମ୍ଭ ହୋଇଛି। ବାଣିଜ୍ୟ ମନ୍ତ୍ରାଳୟର ଅତିରିକ୍ତ ସଚିବ ଦର୍ପଣ ଜୈନଙ୍କ ନେତୃତ୍ୱରେ ଭାରତୀୟ ପ୍ରତିନିଧି ମଣ୍ଡଳୀ ଏବେ ଆମେରିକାରେ ଅଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାଇଥିବା ଚଢ଼ା ପାଲଟା ଶୁଳ୍କକୁ ତାଙ୍କ ଦେଶର ସୁପ୍ରିମକୋର୍ଟ ଗତ ଫେବ୍ରୁଆରି ୨୦ ତାରିଖରେ ଅବୈଧ ଘୋଷଣା କରିଦେବା ପରେ ଏହି ଆଲୋଚନାର ଗୁରୁତ୍ୱ ଭାରତ ପାଇଁ ବଢ଼ିଯାଇଛି। ଉଲ୍ଲେଖଯୋଗ୍ୟ, ଭାରତ ଓ ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା ଢାଞ୍ଚା ଫେବ୍ରୁଆରି ୨ରେ ଘୋଷଣା ହୋଇ ଫେବ୍ରୁଆରି ୭ରେ ପ୍ରକାଶ କରାଯାଇଥିଲା। ଏହି ରାଜିନାମା ଅଧୀନରେ ଆମେରିକା ବଜାରରେ ଭାରତ ଅଗ୍ରାଧିକାର ବଜାର ସୁବିଧା ଲୋଡ଼ୁଛି।

ଦୁଇ ଦେଶ ମଧ୍ୟରେ ହୋଇଥିବା ରାଜିନାମାର ଢାଞ୍ଚା ଅନୁଯାୟୀ, ଆମେରିକା ଭାରତ ଉପରେ ଏହାର ଶୁଳ୍କକୁ ୫୦ ପ୍ରତିଶତରୁ ୧୮ ପ୍ରତିଶତକୁ କମାଇବା ପାଇଁ ସହମତ ହୋଇଥିଲା। ରୁଷ୍ ତେଲ କ୍ରୟ ପାଇଁ ଲଗାଇଥିବା ୨୫ ପ୍ରତିଶତ ଶୁଳ୍କକୁ ହଟାଇ



ଦେଇଥିବାବେଳେ ପାଲଟା ଶୁଳ୍କକୁ ୨୫ ପ୍ରତିଶତରୁ ୧୮ ପ୍ରତିଶତକୁ କମାଇଥିଲା। କିନ୍ତୁ ଫେବ୍ରୁଆରି ୨୦ ତାରିଖରେ ଆମେରିକାର ସୁପ୍ରିମକୋର୍ଟ ଟ୍ରମ୍ପ ଲଗାଇଥିବା ପାଲଟା ଶୁଳ୍କକୁ ଅବୈଧ ଘୋଷଣା କରିଦେଇଥିଲେ। ଏହା ପରେ ଟ୍ରମ୍ପ ଫେବ୍ରୁଆରି ୨୪ ତାରିଖରେ ୧୫୦ ଦିନ ପାଇଁ ବିଶ୍ୱର ସବୁଦେଶ ଉପରେ ୧୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ସ୍ଥିତି ବଦଳି ଯାଇଥିବାରୁ ବାଣିଜ୍ୟ ରାଜିନାମାରେ କିଛି ପରିବର୍ତ୍ତନ ଭାରତ ସପକ୍ଷରେ ଆସିପାରେ ବୋଲି ଆଶା କରାଯାଉଛି। ୨୦୨୫-୨୬ରେ ଭାରତର ବୃହତ୍ତମ ବାଣିଜ୍ୟ ସହଯୋଗୀ ଭାବେ ଆମେରିକାକୁ ଟପିଯାଇଛି ଚୀନ। ୨୦୨୪-୨୫ ଆର୍ଥିକବର୍ଷ ପର୍ଯ୍ୟନ୍ତ କ୍ରମାଗତ ୪ ବର୍ଷ ଧରି ଭାରତର ବୃହତ୍ତମ ବାଣିଜ୍ୟ ସହଯୋଗୀ ଭାବେ ଆମେରିକା ରହିଥିଲା।

# ବିବାହ ଉତ୍ସବରେ ବିଷାକ୍ତ ଖାଦ୍ୟ ଖାଇ ୪୦୦ ଅସୁସ୍ଥ

ଅହମଦାବାଦ : ଗୁଜରାଟର ଦାହୋଦ ଜିଲ୍ଲାର ଆଭଲୋଦ ଗାଁରେ ଏକ ବିବାହ ଉତ୍ସବରେ ବିଷାକ୍ତ ଖାଦ୍ୟ ଖାଇବା ପରେ ୪୦୦ ରୁ ଅଧିକ ଲୋକ ଅସୁସ୍ଥ ହୋଇ ପଡ଼ିଛନ୍ତି। ଏହି ଘଟଣା ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ବହୁ ସଂଖ୍ୟକ ଲୋକଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରିପୋର୍ଟ ଅନୁସାରେ, ବିବାହ ଉତ୍ସବରେ ଲୋକେ ଖାଦ୍ୟ ଖାଇବାର କିଛି ଘଣ୍ଟା ମଧ୍ୟରେ ବାନ୍ତି, ଝାଡ଼ା ଏବଂ ପେଟ ଯନ୍ତ୍ରଣା ଅନୁଭବ କରିବା ଆରମ୍ଭ କରିଥିଲେ। ପ୍ରଭାବିତ ଲୋକଙ୍କ ସଂଖ୍ୟା ଧୀରେ ଧୀରେ ବୃଦ୍ଧି ପାଇବାରୁ ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ତୁରନ୍ତ ସୂଚନା ଦିଆଯାଇଥିଲା।ଅସୁସ୍ଥ ଲୋକଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ସରକାରୀ ଏବଂ ବେସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଡାକ୍ତରଙ୍କ ଅନୁଯାୟୀ, ଅଧିକାଂଶ ପୀଡ଼ିତଙ୍କ ସ୍ୱାସ୍ଥ୍ୟବସ୍ଥା ବର୍ତ୍ତମାନ ସ୍ଥିର ଅଛି। କିଛି ଜଣଙ୍କୁ ପର୍ଯ୍ୟବେକ୍ଷଣରେ ରଖାଯାଇଛି। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ସ୍ୱାସ୍ଥ୍ୟ ବିଭାଗର ଏକ ଦଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରାଥମିକ ତଦନ୍ତରୁ ଖାଦ୍ୟରେ କିଛି ସମସ୍ୟାଥିବାର ସନ୍ଦେହ କରାଯାଇଛି। ପରିବେଷଣ କରାଯାଇଥିବା ଖାଦ୍ୟର ନମୁନା ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯାଇଛି। ସ୍ୱାସ୍ଥ୍ୟ ଅଧିକାରୀମାନେ କହିଛନ୍ତି, ରିପୋର୍ଟ ଆସିବା ପରେ ହିଁ ଖାଦ୍ୟ ବିଷାକ୍ତ ହେବାର ପ୍ରକୃତ କାରଣ ସ୍ପଷ୍ଟ ହେବ। ସେମାନେ ଏହି ଘଟଣାରେ ଜଡିତ ଖାଦ୍ୟ ଯୋଗାଣ ବ୍ୟବସ୍ଥାର ମଧ୍ୟ ତଦନ୍ତ କରୁଛନ୍ତି, ଯାହା ଦ୍ୱାରା ଯଦି କୌଣସି ଅବହେଳା ଦେଖାଯାଏ ତେବେ ଦାୟୀ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଏପରି ଲକ୍ଷଣ ଦେଖାଗଲେ ତୁରନ୍ତ ନିକଟତମ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଯୋଗାଯୋଗ କରିବାକୁ ସ୍ଥାନୀୟ ପ୍ରଶାସନ ଲୋକଙ୍କୁ ଅନୁରୋଧ କରାଯାଇଛି। ଏହି ଘଟଣା ପୁଣି ଥରେ ବଡ଼ କାର୍ଯ୍ୟକ୍ରମରେ ଖାଦ୍ୟର ଗୁଣବତ୍ତା ଏବଂ ପରିଷ୍କାର ପରିଚ୍ଛନ୍ନତା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି।

# ହର୍ମୁଜ୍ ଇରାନର ପରମାଣୁ ବୋମା, ଦୂରେଇ ରୁହ

ୱାଶିଂଟନ : ପଶ୍ଚିମ ଏସିଆରେ ଚାଲିଥିବା ଉତ୍ତେଜନା ମଧ୍ୟରେ, ଆଲୋଚନା ଆରମ୍ଭ ହୋଇଛି, କିନ୍ତୁ ହର୍ମୁଜ୍ ପ୍ରଣାଳୀ ଏକ ଚର୍ଚ୍ଚିତ ବିଷୟ ହୋଇ ରହିଛି। ପୂର୍ବତନ ଆମେରିକୀୟ ଜେନେରାଲ ତଥା ନାଟୋ କମାଣ୍ଡର ୱେସ୍ଲି କ୍ଲାର୍କ କହିଛନ୍ତି, ହର୍ମୁଜ୍ ପ୍ରଣାଳୀ ଇରାନ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଆମେରିକା-ଇରାନ ସାମରିକ ସଂଘର୍ଷ ମଧ୍ୟରେ ଆମେରିକା ପାଇଁ ଏହି ସମୁଦ୍ର ପଥକୁ ବଳପୂର୍ବକ ଖୋଲିବା ସହଜ ହେବ ନାହିଁ। କ୍ଲାର୍କଙ୍କ ଅନୁଯାୟୀ, ଆଲୋଚନାରେ ଇରାନ ଏହି ଜଳପଥକୁ ନିଜ ଲାଭ ପାଇଁ ଏକ ପ୍ରମୁଖ ଅସ୍ତ୍ର ଭାବରେ ବ୍ୟବହାର କରୁଛି। ତେଣୁ ଏଥିରୁ ଦୂରେଇ ରହିବାକୁ ସେ ଆମେରିକାକୁ ଚେତାବନୀ ଦେଇଛନ୍ତି। ସିଏନ୍ଏନ୍ ସହ ସାକ୍ଷାତକାରରେ କ୍ଲାର୍କ ବ୍ୟାଖ୍ୟା କରିଛନ୍ତି, ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ଏକ ଅତ୍ୟନ୍ତ ମହଙ୍ଗା କାର୍ଯ୍ୟାନୁଷ୍ଠାନ ହେବ। ସେ କହିଛନ୍ତି, ଏହି ମାର୍ଗ ଖୋଲିବା ପାଇଁ ଏକ ଦୀର୍ଘ ଏବଂ ମହଙ୍ଗା ଯୁଦ୍ଧ ଆବଶ୍ୟକ ହେବ। ଏହି ପରିସ୍ଥିତି ୧୯୮୦ ଦଶକର ଟ୍ୟାଙ୍କର୍ ଯୁଦ୍ଧଠାରୁ ସମ୍ପୂର୍ଣ୍ଣ ଭିନ୍ନ, କାରଣ ଇରାନ ଏବେ ସମ୍ପୂର୍ଣ୍ଣ



ପ୍ରସ୍ତୁତ ହୋଇ ରହିଛି।କ୍ଲାର୍କ ହର୍ମୁଜ୍ ପ୍ରଣାଳୀରେ ଇରାନ ଚ୍ୟାଲେଞ୍ଜକୁ ତେହେରାନର ଏକ ପରମାଣୁ ଅସ୍ତ୍ର ଭାବରେ ବର୍ଣ୍ଣନା କରିଛନ୍ତି। ଏହି ଜଳପଥରେ ଲ୍ୟାଣ୍ଡମାଇନ୍, ହାଇ-ସ୍ପିଡ୍ ଡଙ୍ଗା ଏବଂ ବିପଜ୍ଜନକ କ୍ଷେପଣାସ୍ତ୍ର ମୁତୟନ କରାଯାଇଥିବାରୁ ଆମେରିକା ନୌସେନା ଗୁରୁତ୍ୱପୂର୍ଣ୍ଣ ବିପଦର ସମ୍ମୁଖୀନ ହେଉଛି। ଏହା ବ୍ୟତୀତ, ଆଧୁନିକ ଡ୍ରୋନ୍ ଇରାନକୁ ଏହି ସଂକୀର୍ଣ୍ଣ ଏବଂ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଲାଭ ପ୍ରଦାନ କରୁଛି।ସେ ଜୋର ଦେଇ କହିଛନ୍ତି, ବର୍ତ୍ତମାନର ଟ୍ରମ୍ପ ପ୍ରଶାସନ ସ୍ଥଳସେନା ମୁତୟନ କରିବାକୁ ପ୍ରସ୍ତୁତ ନୁହଁନ୍ତି। ଆମେରିକା ମଧ୍ୟ ନିଜର ଯୁଦ୍ଧଜାହାଜକୁ ଇରାନୀ କ୍ଷେପଣାସ୍ତ୍ରର ସାମ୍ନା କରିବାରୁ ସମ୍ପୂର୍ଣ୍ଣ ଭାବରେ ଦୂରେଇ ରଖିବାକୁ ଚାହୁଁଛି। ବର୍ତ୍ତମାନ, ଆମେରିକା ଓମାନରୁ ପାକିସ୍ତାନ-ଇରାନ ସୀମା ପର୍ଯ୍ୟନ୍ତ ଅବରୋଧ କରିଛି, ଯାହା ଏକ ସହଜ ଉପାୟ। ଇରାନ ଦଶନ୍ଧି ଧରି ହର୍ମୁଜ୍ ପ୍ରଣାଳୀକୁ ଏକ ସୁଦୃଢ଼ ଗଠନରେ ବିକଶିତ କରିବା ପାଇଁ ଅକ୍ଲାନ୍ତ ପରିଶ୍ରମ କରିଆସିଛି।ଇରାନୀ ସାମରିକ ବାହିନୀ ପର୍ବତମାଳାର ସମ୍ପୂର୍ଣ୍ଣ ସଂକୀର୍ଣ୍ଣ ପଥ ଉପରେ ନଜର ରଖିଛନ୍ତି। ସେମାନଙ୍କ ପାଖରେ ଚୀନ୍ ପ୍ରଯୁକ୍ତିବିଦ୍ୟା ମଧ୍ୟ ଅଛି, ଯାହା ଭବିଷ୍ୟତରେ ସେମାନଙ୍କର ସାମରିକ କ୍ଷମତାକୁ ଆହୁରି ବିପଜ୍ଜନକ କରିବାର ଆଶଙ୍କା ରହିଥିବା ସେ କହିଛନ୍ତି। ଯଦିଓ ଆମେରିକା ସଂଘର୍ଷ ମାଧ୍ୟମରେ ଏହି ରାସ୍ତା ଖୋଲିବାରେ ସଫଳ ହୁଏ, ତଥାପି ଏହାକୁ ସୁରକ୍ଷିତ ରଖିବା ଏକ ବଡ଼ ଚ୍ୟାଲେଞ୍ଜ ହେବ। ଫେବ୍ରୁଆରି ୨୮ ପରେ ଇରାନ କେବଳ ଦୁଇଟି କିମ୍ବା ତିନୋଟି ପରିବହନ ଜାହାଜ ଉପରେ ଆକ୍ରମଣ କରିଥିଲା। ଏହି ଜଳମାର୍ଗର ବାସ୍ତବତା ହେଉଛି ଯେ, ଇରାନ ନିଜେ ନ ଚାହିଁଲା ପ୍ରର୍ଯ୍ୟନ୍ତ ଏହାକୁ ସମ୍ପୂର୍ଣ୍ଣ ସୁରକ୍ଷିତ କରିବା ପ୍ରାୟ ଅସମ୍ଭବ ବୋଲି କ୍ଲାର୍କ ଚେତାବନୀ ଦେଇଛନ୍ତି।

# ସମୁଦ୍ର ମଝିରେ ଜାହାଜ ଜବତ କଲା ଆମେରିକା

ୱାଶିଂଟନ : ଆମେରିକା ପକ୍ଷରୁ ହର୍ମୁଜ ପ୍ରଣାଳୀରେ ନୌସେନା ଅବରୋଧ ଜାରି ରହିଥିବା ବେଳେ ମଙ୍ଗଳବାର ରିପବ୍ଲିକାନ ନେତ୍ରୀ ନିକ୍କି ହେଲି ଏକ ସମ୍ବେଦନଶୀଳ ତଥ୍ୟ ପ୍ରକାଶ କରି କହିଛନ୍ତି, ଆମେରିକା ନୌସେନା ଦ୍ୱାରା ଜବତ କରାଯାଇଥିବା ପ୍ରଥମ ଜାହାଜଟି ଚୀନରୁ ଇରାନ ଅଭିମୁଖେ ଯାଉଥିଲା ଏବଂ ଏଥିରେ କ୍ଷେପଣାସ୍ତ୍ର ତିଆରି ପାଇଁ ବ୍ୟବହୃତ ହେଉଥିବା ରାସାୟନିକ ପଦାର୍ଥ ରହିଥିଲା। ସୋସିଆଲ ମିଡିଆ ପ୍ଲାଟଫର୍ମ "ଏକ୍ସ"ରେ ଏହି ସୂଚନା ଦେଇ ସେ କହିଛନ୍ତି ଯେ, ଚୀନ କ୍ରମାଗତ ଭାବେ ଇରାନର ଶାସନ କଳକୁ ସାମରିକ ସହାୟତା ପ୍ରଦାନ କରୁଛି, ଯାହାକୁ ଏବେ ଆଉ ଅଣଦେଖା କରାଯାଇପାରିବ ନାହିଁ। ଜାହାଜଟିକୁ ଅଟକାଇବା ପାଇଁ ବାରମ୍ବାର ନିର୍ଦ୍ଦେଶ ଦିଆଯାଇଥିଲେ ହେଁ ଏହା ନମାନିବାରୁ ଶେଷରେ ଏହାକୁ ଜବତ କରାଯାଇଥିଲା।

ଅନ୍ୟପକ୍ଷରେ, ଇରାନ ଏହି ଘଟଣାକୁ "ସଶସ୍ତ୍ର ଜଳଦସ୍ୟୁତା" ବୋଲି ଅଭିହିତ କରିବା ସହ ପ୍ରତିଶୋଧ ନେବାକୁ ଚେତାବନୀ ଦେଇଛି। ଜବତ କରାଯାଇଥିବା ଜାହାଜ "ଏମଭି ଟୁସ୍କା" ଚୀନ ଓ ଇରାନ ମଧ୍ୟରେ ନିୟମିତ ଯାତାୟାତ କରୁଥିବା ନେଇ ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍ ରିପୋର୍ଟ ପ୍ରକାଶ କରିଛି। ଏହି ବିବାଦ ଯୋଗୁଁ ଇସଲାମାବାଦରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରୁ ଇରାନ ଓହରି ଯାଇଛି। ଇରାନର ସ୍ପଷ୍ଟ ଦାବି ଯେ, ଯେପର୍ଯ୍ୟନ୍ତ ନୌସେନା ଅବରୋଧ ହଟାଯାଇ ନାହିଁ, ସେପର୍ଯ୍ୟନ୍ତ କୌଣସି ଆଲୋଚନା ହେବ ନାହିଁ। କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଜିଦରେ ଅଟଳ ରହି କହିଛନ୍ତି ଯେ, ଚୁକ୍ତି ସ୍ୱାକ୍ଷର ନହେବା ପର୍ଯ୍ୟନ୍ତ ଅବରୋଧ ଜାରି ରହିବ। ଏହି ସାମରିକ ଛକାପଞ୍ଝା ମଧ୍ୟରେ ଆମେରିକା ଓ ଇରାନ ମଧ୍ୟରେ ହୋଇଥିବା ଯୁଦ୍ଧବିରତିର ସମୟସୀମା ଆସନ୍ତା ଗୁରୁବାର ସକାଳେ ଶେଷ ହେବାକୁ ଯାଉଛି। କୌଣସି ସ୍ଥାୟୀ ଚୁକ୍ତିନାମା ନହେବା ଫଳରେ ପୁଣି ଥରେ ଭୟଙ୍କର ଯୁଦ୍ଧ ଆରମ୍ଭ ହେବାର ଆଶଙ୍କା ଦେଖାଦେଇଛି। ଆମେରିକାର ପୂର୍ବତନ ନୌସେନା ଅଧିକାରୀ କାର୍ଲ ସ୍କଷ୍ଟରଙ୍କ ଅନୁଯାୟୀ, ଜବତ କରାଯାଇଥିବା ସାମଗ୍ରୀକୁ "ଯୁଦ୍ଧର ସମ୍ପତ୍ତି" ଭାବେ ଗ୍ରହଣ କରାଯାଇପାରେ ଏବଂ ଜାହାଜରେ ଥିବା ଇରାନୀ ସଦସ୍ୟଙ୍କୁ ଯୁଦ୍ଧବନ୍ଦୀ ଭାବେ ଅଟକ ରଖାଯାଇପାରେ।

### ପହଲଗାମ ଆକ୍ରମଣର ବର୍ଷପୂର୍ତ୍ତି

# ସୀମା ଲଘିଂଲେ ପରିସ୍ଥିତି ଭୟଙ୍କର : ଭାରତୀୟ ସେନା

ଶ୍ରୀନଗର : ୨୨ ଏପ୍ରିଲ୍ ୨୦୨୫ରେ ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କ ଏକ ଦଳ ଉପରେ ଗୁଳି ଚଳାଇଥିଲେ, ଯେଉଁଥିରେ ୨୫ ଜଣ ପର୍ଯ୍ୟଟକ ଏବଂ ଜଣେ ସ୍ଥାନୀୟ ବାସିନ୍ଦାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ଭାରତ ପାକିସ୍ତାନରେ ଥିବା ଲସ୍କର ଏବଂ ଜୈଶ ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଟାର୍ଗେଟ କରି 'ଅପରେସନ୍ ସିନ୍ଦୂର' ଆରମ୍ଭ କରିଥିଲା। ଏବେ ଗୋଟିଏ ବର୍ଷ ପରେ, ଭାରତରେ ଲୋକେ ଏହି ଘଟଣାକୁ ମନେ ପକାଇ ଶୋକ ପାଳନ କରୁଛନ୍ତି। ଏହି ସମୟରେ ଭାରତୀୟ ସେନା ଏକ କଡ଼ା ଚେତାବନୀ ଜାରି କରିଛି। ଭାରତୀୟ ସେନା ପାକିସ୍ତାନକୁ ଏକ କଡ଼ା ବାର୍ତ୍ତା ଦେଇଛି। ସେନା କହିଛି ଯେ, କିଛି ସୀମା ଅଛି ଯାହାକୁ କେବେବି ଲଙ୍ଘନ କରାଯିବା ଉଚିତ୍ ନୁହେଁ ଏବଂ ଯଦି ଏପରି କରାଯାଏ ତେବେ ପରିଣାମ ବିଷୟରେ ସ୍ମରଣ କରିବାକୁ ହେବ। ପହଲଗାମ ଆକ୍ରମଣର ବାର୍ଷିକୀ ପୂର୍ବରୁ, ଭାରତୀୟ ସେନା ସୋସିଆଲ ମିଡିଆ ଏକ୍ସରେ କହିଛି, ଯେତେବେଳେ ମାନବତାର ସୀମା ଲଙ୍ଘନ କରାଯାଏ, ସେତେବେଳେ ପ୍ରତିକ୍ରିୟା ନିର୍ଣ୍ଣାୟକ ହୋଇଥାଏ। ନ୍ୟାୟ ପ୍ରଦାନ କରାଯାଏ। ଭାରତ ଏକଜୁଟ ହୋଇ ଠିଆ ହୁଏ। ପୋଷ୍ଟ ସହିତ ଏକ ଗ୍ରାଫିକ୍ ମଧ୍ୟ ଲେଖାଯାଇଛି, 'କିଛି ସୀମା କେବେବି ଲଙ୍ଘନ କରାଯିବା ଉଚିତ୍ ନୁହେଁ। ଭାରତ ଭୁଲେ ନାହିଁ। ଅପରପକ୍ଷରେ ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରଥମ ବାର୍ଷିକୀ ପୂର୍ବରୁ ଜୈଶ୍-ଏ-ମହମ୍ମଦ (ଜେଇଏମ୍) କମାଣ୍ଡର ଅବଦୁଲ ରୌଫଙ୍କ ନାମରେ ଏକ ନୂତନ ଅଡିଓ କ୍ଲିପ୍ ସାମ୍ନାକୁ ଆସିଛି। ଏହି ଅଡିଓ ଆତଙ୍କବାଦୀ ସଂଗଠନର ମହିଳା



ଶାଖା, ଜମାତ-ଅଲ-ମୋମିନାତ ଉପରେ କେନ୍ଦ୍ରିତ। ଏଥିରେ ପାକିସ୍ତାନରେ ସଂଗଠନର ବୈଚାରିକ ଧାରାର ବିସ୍ତାର କରିବା ପାଇଁ ପ୍ରୟାସ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି। ଅଡିଓରେ ରୌଫ ଦାବି କରିଛନ୍ତି,କରାଚିରୁ ବାହାୱଲପୁର, ବାହାୱଲପୁରରୁ ପେଶାୱର ପର୍ଯ୍ୟନ୍ତ, ଜମାତ-ଅଲ-ମୋମିନାତ ସାରା ଦେଶରେ ସକ୍ରିୟ ଅଛି। ମସୁଦ ଆଝାରଙ୍କ ନିର୍ଦ୍ଦେଶରେ, ମହିଳାମାନଙ୍କୁ ଚାରିଟି ଜିନିଷ ପ୍ରତି ଆମନ୍ତ୍ରଣ କରାଯାଉଛି, ବିଶ୍ୱାସ, ପ୍ରାର୍ଥନା, ଜିହାଦ ଏବଂ ପରଦା। ସେ ଅଭିଯୋଗ କରିଛନ୍ତି, ମହିଳାମାନଙ୍କୁ ନିଯୁକ୍ତି ନାମରେ ଦୁର୍ନୀତିଗ୍ରସ୍ତ କରାଯାଉଛି। ଟେଲିଭିଜନରୁ ଦୂରେଇ ରହିବାକୁ ମଧ୍ୟ ସେ ଅନୁରୋଧ କରିଛନ୍ତି।

ଏହି ବାର୍ତ୍ତା ମାଧ୍ୟମରେ ସେ ଯୁବପିଢ଼ିଙ୍କୁ ନିଜ ଜାଲରେ ଫସାଇବାକୁ ଉଦ୍ୟମ କରିଛନ୍ତି। ବିଦେଶରେ ଚାକିରି ଖୋଜିବାକୁ ସେମାନଙ୍କୁ ନିରୁତ୍ସାହିତ କରାଯାଇ ସଂଗଠନରେ ନିଯୁକ୍ତି ଦେବାକୁ କୁହାଯାଇଛି। ଅଧିକାରୀମାନେ କହିଛନ୍ତି ଯେ, ଏହିଙ୍ଗ୍ ମହିଳାମାନଙ୍କ ମଧ୍ୟରେ ଗୋଷ୍ଠୀର ନିଯୁକ୍ତି ଆଧାରକୁ ବିସ୍ତାର କରିବା ସହିତ ଉଗ୍ରବାଦୀ ଚିନ୍ତାଧାରାକୁ ଆଗକୁ ବଢାଇବା ପାଇଁ ଡିଜାଇନ୍ କରାଯାଇଛି। ସୁରକ୍ଷା ଏଜେନ୍ସିଗୁଡ଼ିକ ଅନୁସାରେ ପହଲଗାମ ଆକ୍ରମଣ ବାର୍ଷିକୀ ପୂର୍ବରୁ ଏପରି ପ୍ରଚାର ନେଟୱାର୍କଗୁଡ଼ିକୁ ପୁନର୍ଜୀବିତ କରିବା ଏବଂ ପ୍ରାସଙ୍ଗିକତାକୁ ସୂଚିତ କରିବା ପାଇଁ ଏକ ପ୍ରୟାସ। ସୁରକ୍ଷା ଏଜେନ୍ସିଗୁଡ଼ିକ ଜୈଶ୍-ଏ-ମହମ୍ମଦ ଭଳି ଗୋଷ୍ଠୀ ସହି ଜଡିତ ଅନଲାଇନ୍ ଏବଂ ଅଫଲାଇନ୍ ସଂଯୋଗ ପ୍ରୟାସକୁ ଟ୍ରାକ୍ କରିବା ଜାରି ରଖିଛନ୍ତି।

# ମଣିପୁରରେ ଭୂମିକମ୍ପ, ଲୋକେ ଭୟଭୀତ

ନୂଆଦିଲ୍ଲୀ : ମଣିପୁରର ଅନେକ ସ୍ଥାନରେ ମଙ୍ଗଳବାର ସକାଳେ ଭୂମିକମ୍ପ ଅନୁଭୂତ ହୋଇଛି। ଭୂମିକମ୍ପର କେନ୍ଦ୍ରସ୍ଥଳ ମଣିପୁରର କାମଜୋଙ୍ଗ ଜିଲ୍ଲାରେ ଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୫.୨ ଥିଲା। ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ ଏହି ଭୂମିକମ୍ପ ସକାଳ ୫ଟା ୫୯ରେ ହୋଇଥିଲା । ଏହା କାମଜୋଙ୍ଗ ଏବଂ ଏହାର ଆଖପାଖ ଅଞ୍ଚଳରେ ରହୁଥିବା ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା । ଲୋକମାନେ ଭୂକମ୍ପ ଅନୁଭବ କରିବା ମାତ୍ରେ ଘରୁ ବାହାରକୁ ଦୌଡ଼ି ପଳାଇ ଆସିଥିଲେ । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ ଭୂମିକମ୍ପର କେନ୍ଦ୍ରସ୍ଥଳ ଅକ୍ଷାଂଶ: ୨୪.୭୦୩ ଉତ୍ତର, ଦ୍ରାଘିମା: ୯୪.୪୧୫ ପୂର୍ବ ଏବଂ ୬୨ କିଲୋମିଟର ଗଭୀରତାରେ ଥିଲା। ଭୂମିକମ୍ପ ଏତେ ଶକ୍ତିଶାଳୀ ଥିଲା ଯେ ଏହାର ପ୍ରଭାବ ନାଗାଲାଣ୍ଡ ଏବଂ ଆସାମରେ ମଧ୍ୟ ଅନୁଭୂତ ହୋଇଥିଲା । ଓଡ଼ିଶା ହେବ ପୂର୍ବାଞ୍ଚଳର ମୁଖ୍ୟ ଶିଳ୍ପ କରିଡର, ଜେଏସଡବ୍ଲ୍ୟୁ ହାତ ଧରି ଓଡ଼ିଶା ଫେରିବ ପୋସ୍କୋ ଜେଏସଡବ୍ଲୁ ଓ ପୋସ୍କୋ ଜଣାଶୁଣା ଦୁଇଟି ବଡ ବଡ କଂପାନୀ ।

### ହଙ୍ଗେରୀ ପ୍ରଧାନମନ୍ତ୍ରୀଙ୍କ ଚେତାବନୀ

# ସୀମା ଡେଇଁଲେ ଗିରଫ ହେବେ ନେତାନ୍ୟାହୁ

ବୁଦାପେଷ୍ଟ : ହଙ୍ଗେରୀର ନୂତନ ପ୍ରଧାନମନ୍ତ୍ରୀ ପିଟର ମାଗ୍ୟାର ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଯଦି ହଙ୍ଗେରୀ ସୀମା ଭିତରକୁ ଆସିବେ ତେବେ ତାଙ୍କୁ ଗିରଫ କରାଯାଇପାରେ। କାରଣ ଅନ୍ତର୍ଜାତୀୟ ଅପରାଧ ଅଦାଲତ (ଆଇସିସି) ନେତାନ୍ୟାହୁଙ୍କ ବିରୋଧରେ ଗିରଫ ପରୱାନା ଜାରି କରିସାରିଛି। ସ୍କାଏ ନ୍ୟୁଜ୍ ରିପୋର୍ଟ ଅନୁଯାୟୀ, ମାଗ୍ୟାର ସ୍ପଷ୍ଟ ଭାବରେ କହିଛନ୍ତି, ହଙ୍ଗେରୀ ସୀମା ଅତିକ୍ରମ କରୁଥିବା ଯେକୌଣସି ବ୍ୟକ୍ତିଙ୍କୁ ଆଇସିସି ୱାରେଣ୍ଟର ସମ୍ମୁଖୀନ ହେବାକୁ ପଡିବ, ତାଙ୍କୁ ଅଟକ ରଖାଯିବ। ସେ ଏହା ମଧ୍ୟ କହିଛନ୍ତି ଯେ, ହଙ୍ଗେରୀ ଆଇସିସିର ସଦସ୍ୟ ରହିବ ଏବଂ ଏଥିରୁ ଓହରିଯିବାର ପୂର୍ବ ସରକାରଙ୍କ ନିଷ୍ପତ୍ତିକୁ ରଦ୍ଦ କରାଯିବ। ମାଗ୍ୟାରଙ୍କ ବକ୍ତବ୍ୟ ଗୁରୁତ୍ୱପୂର୍ଣ୍ଣ କାରଣ ସେ ସମ୍ପ୍ରତି ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କୁ ହଙ୍ଗେରୀକୁ ନିମନ୍ତ୍ରଣ କରିଥିଲେ। ଏହାକୁ ସ୍ପଷ୍ଟ କରି ସେ କହିଛନ୍ତି ଯେ, ନିର୍ବାଚନ ଜିତିବା ପରେ, ୧୯୫୬ ବିଦ୍ରୋହର ୭୦ତମ



ବାର୍ଷିକୀରେ ଅନେକ ଦେଶର ନେତାଙ୍କୁ ନିମନ୍ତ୍ରଣ କରିଥିଲେ ଏବଂ ସେହି ପଦକ୍ଷେପର ଏକ ଅଂଶ ଭାବରେ ନେତାନ୍ୟାହୁଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସେ ଏହା ମଧ୍ୟ କହିଛନ୍ତି, ନେତାନ୍ୟାହୁଙ୍କୁ ପୂର୍ବରୁ ସୂଚନା ଦିଆଯାଇଥିଲା ଯେ ହଙ୍ଗେରୀ ଆଇସିସି ନିୟମାବଳୀରୁ ପଛକୁ ହଟିବ ନାହିଁ ଏବଂ ଆଇନ ପାଳନ କରିବ। ୨୦୨୪ରେ, ଆଇସିସି ନେତାନ୍ୟାହୁଙ୍କ ବିରୋଧରେ ଏକ ଗିରଫ ପରୱାନା ଜାରି କରିଥିଲା, ତାଙ୍କୁ ଯୁଦ୍ଧ ଅପରାଧ ଏବଂ ମାନବତା ବିରୋଧରେ ଅପରାଧର ଅଭିଯୋଗ କରାଯାଇଥିଲା। ଭିକ୍ଟର ଅରବାନଙ୍କ ନେତୃତ୍ୱରେ ହଙ୍ଗେରୀର ପୂର୍ବ ସରକାର ଆଇସିସିରୁ ଓହରି ଯିବାକୁ ନିଷ୍ପତ୍ତି ନେଇଥିଲା। ଏହି ନିଷ୍ପତ୍ତି ୨ ଜୁନ୍ ୨୦୨୬ ରେ କାର୍ଯ୍ୟକାରୀ ହେବାର ଥିଲା। ତେବେ ପ୍ରଧାନମନ୍ତ୍ରୀ ମାଗ୍ୟାର ଏବେ କହିଛନ୍ତି ଯେ ସେ ଏହି ନିଷ୍ପତ୍ତିକୁ ରଦ୍ଦ କରିବେ ଏବଂ ହଙ୍ଗେରୀ ଆଇସିସିରେ ରହିବ।

# ଗାର୍ଡେନ ରିଚରେ ଦ.ପୂର୍ବ ରେଳବାଇର ପୋଷଣ ପକ୍ଷ

କୋଲକାତା : ପୁଷ୍ଟିକର ଫଳାଫଳରେ ସାମଗ୍ରିକ ଉନ୍ନତି ଆଣିବା ଲକ୍ଷ୍ୟରେ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ପ୍ରତିବର୍ଷ ବିଭିନ୍ନ ଅଂଶୀଦାରଙ୍କ ସହ ସମନ୍ୱୟ ରଖି ପୁଷ୍ଟିକର ପକ୍ଷିକା ପାଳନ କରିଥାଏ । ପୁଷ୍ଟିକର ପକ୍ଷିକାର ୮ମ ସଂସ୍କରଣ ସାରା ଦେଶରେ ୯ ଏପ୍ରିଲରୁ ୨୩ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ପାଳିତ ହେଉଛି ।ଏହା ସହିତ, ଚାଲୁଥିବା କାର୍ଯ୍ୟକଳାପଗୁଡ଼ିକ ମାର୍ଚ୍ଚ ୨୪, ୨୦୨୬ ରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ ହୋଇଥିବା ପୁଷ୍ଟିକର ପକ୍ଷିକା ୨୦୨୬ ଏବଂ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ - ୧୦୦ ଦିନ ୨୦୨୬ ଅଭିଯାନ ସହିତ ସମନ୍ୱୟରେ ଚାଲିଛି, ଯାହା ଯକ୍ଷ୍ମା



ନିରାକରଣ ପାଇଁ ପ୍ରୟାସକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ରଖିଛି ।ଉପରୋକ୍ତ ପଦକ୍ଷେପଗୁଡ଼ିକ ସହିତ, ୧୯ ଏପ୍ରିଲ ୨୦୨୬ ରେ ଦକ୍ଷିଣ ପୂର୍ବ ରେଳବାଇର ଗାର୍ଡେନ୍ ରିଚ୍ ଠାରେ ଚିକିତ୍ସା ବିଭାଗର ତତ୍ତ୍ୱାବଧାନରେ ଏକ ସଚେତନତା ପଦଯାତ୍ରା ସଫଳତାର ସହିତ ଆୟୋଜନ କରାଯାଇଥିଲା ।

ସୁରେନ୍ଦ୍ର ସିଂହଙ୍କ ଉପସ୍ଥିତିରେ ଦକ୍ଷିଣ ପୂର୍ବ ରେଳବାଇର ମହାପ୍ରବନ୍ଧକ ଅନିଲ କୁମାର ଜୈନ ଏହି ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଅଞ୍ଜନା ମାଲହୋତ୍ରା, ପ୍ରମୁଖ ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ ପ୍ରମୁଖ ବିଭାଗ ମୁଖ୍ୟ ।

### ଏୟାରବିଏନବି ରିପୋର୍ଟ

# ଭାରତର ପର୍ଯ୍ୟଟନ ମାନଚିତ୍ରରେ ପୁରୀର ରହିଛି ବିଶେଷ ସ୍ଥାନ

ନୂଆଦିଲ୍ଲୀ : ଗ୍ରୀଷ୍ମଋତୁରେ ଭାରତୀୟ ପର୍ଯ୍ୟଟକମାନଙ୍କର ପ୍ରଥମ ପସନ୍ଦ ପାଲଟିଛି ଏସିଆ । ପର୍ଯ୍ୟଟକମାନେ ଏପରି ଗନ୍ତବ୍ୟସ୍ଥଳୀ ଖୋଜୁଛନ୍ତି ଯେଉଁଠାରେ ସାମ୍ପ୍ରଦାୟିକ ଅନ୍ୱେଷଣ, ଭଲ ଗମନାଗମନ ବ୍ୟବସ୍ଥା ଓ ସୁବିଧାଜନକ ଯାତ୍ରା ସମୟର ସମନ୍ୱୟ ରହିଛି, ଯାହା ଏସିଆକୁ ଗ୍ରୀଷ୍ମ ଛୁଟି ପାଇଁ ଆକର୍ଷଣୀୟ ପସନ୍ଦରେ ପରିଣତ କରିପାରିଛି । ଭାରତରେ ତିରୁଅନନ୍ତପୁରମ (୯୦%ରୁ ଅଧିକ




ବୃଦ୍ଧି), ପୁରୀ (୩୦%ରୁ ଅଧିକ), ଜୟପୁର (୭୦%ରୁ ଅଧିକ) ଓ ମେଘାଳୟ (୭୦%ରୁ ଅଧିକ) ପ୍ରତି ଆଗ୍ରହ ଦେଖିବାକୁ ମିଳୁଛି । ଚଳିତ ବର୍ଷର ଏୟାରବିଏନବି ତଥ୍ୟ ଅନୁଯାୟୀ ଗ୍ରୀଷ୍ମକାଳୀନ ଭ୍ରମଣ ସ୍ଥାନ ପସନ୍ଦରେ ଜେନ୍ ଜି ପି ଆଗରେ ରହିଥିବାବେଳେ ୪୦% ରୁ ଅଧିକ ଅଂଶ ଜେନ୍ ଜିଙ୍କର ରହିଛି ଏବଂ ବର୍ଷାନୁକ୍ରମେ ପ୍ରାୟ ୬୦% ବୃଦ୍ଧି ସହିତ ସେମାନେ ଅନ୍ୟ ସମସ୍ତ ପିଢ଼ିଠାରୁ ଅତିଶିଘ୍ର ବୃଦ୍ଧିପାଉଛନ୍ତି ।

ଏହି ଅବସରରେ ଏୟାର ବିଏନବି ଇଣ୍ଡିଆ ଓ ଦକ୍ଷିଣ-ପୂର୍ବ ଏସିଆର କଣ୍ଟ୍ରି ହେଡ୍, ଅମନପ୍ରୀତ ସିଂହ ବଜାଜ କହିଛନ୍ତିଯେ, ଚଳିତ ଗ୍ରୀଷ୍ମରେ ଆମେ ଯାହା ଦେଖୁଛୁ, ସେହିଟା ହେଉଛି ଉତ୍ସୁକତା ଓ ସଂସ୍କୃତିକୁ କେନ୍ଦ୍ରକରି ହୋଇଥିବା ଭ୍ରମଣ ଅନୁସନ୍ଧାନ । ଏସିଆ ଏକ ବିଶେଷ ଅନୁଭବ ପ୍ରଦାନକରେ । ଏଠାରେ ଭାରତୀୟ ପର୍ଯ୍ୟଟକମାନେ ପସନ୍ଦ କରୁଥିବା ସଂସ୍କୃତିର ପରିଚୟ ରହିଛି, ସେଥିସହିତ ନୂତନ ଗନ୍ତବ୍ୟସ୍ଥଳୀ ଅନ୍ୱେଷଣର ସୁଯୋଗ ମଧ୍ୟ ମିଳିଥାଏ । ଆନ୍ତର୍ଜାତୀୟ ଓ ଦେଶୀୟ ଭ୍ରମଣ ଉଭୟରେ ଭାରତୀୟ ପର୍ଯ୍ୟଟକମାନେ ଧୀରେ ଧୀରେ ପାରମ୍ପରିକ ଓ ସ୍ୱଷ୍ଟ ପସନ୍ଦକୁ ଛାଡ଼ି, ଅଧିକ ବ୍ୟକ୍ତିଗତ ଅନୁଭବ ଦେଇପାରୁଥିବା ଗନ୍ତବ୍ୟସ୍ଥଳୀ ଖୋଜୁଥିବା ଦେଖିବା ଖୁବ୍ ଆକର୍ଷଣୀୟ ।

**ଆଇପିଏଲ ମହାସମର**

# ହାଇଦ୍ରାବାଦର ଚତୁର୍ଥ ବିଜୟ



ହାଇଦ୍ରାବାଦ, ୨୧।୪(ଏଜେନ୍ସି) : ଆଇପିଏଲର ୩୧ତମ ମ୍ୟାଚରେ ଘରୋଇ ସନରାଇଜର୍ସ ହାଇଦ୍ରାବାଦ ଜମାଣିଆ ବିଜୟ ହାସଲ କରିଛି। ସନରାଇଜର୍ସ ୪୭ ରନ ବ୍ୟବଧାନରେ ଦିଲ୍ଲୀ କ୍ୟାପିଟାଲ୍ସକୁ ହରାଇ ଚତୁର୍ଥ ବିଜୟ ହାସଲ କରିଛି। ୬ ମ୍ୟାଚର ୮ ପଏଣ୍ଟ ସହ ଦଳ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉଠିଛି । ଏହି ମ୍ୟାଚରେ ସନରାଇଜର୍ସ ଅଭିଶେକ ଶର୍ମାଙ୍କ ୧୩୫ ରନର ଦମଦାର ଇନିଂସ ବଳରେ ୨୦ ଓଭରରେ ୨ ୱିକେଟ ହରାଇ ୨୪୨ ରନର ବିଶାଳ ସ୍କୋର କରିଥିଲା । ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୯୫/୯ ରନ କରିବାକୁ ସକ୍ଷମ ହୋଇଥିଲା । ଦିଲ୍ଲୀ ୬ ମ୍ୟାଚରୁ ୩ ଟି ଲେଖାଏଁ ବିଜୟ ପରାଜୟ ସହ ଟେବୁଲର ପଞ୍ଚମ ସ୍ଥାନରେ ରହିଛି ।

ଟସ୍ ଜିତି ଦିଲ୍ଲୀ ଘରୋଇ ସନରାଇଜର୍ସଙ୍କୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ବ୍ୟାଟିଂ ଫ୍ରେଣ୍ଡଲି ୱିକେଟରେ ହାଇଦ୍ରାବାଦର ଅଭିଶେକ ଶର୍ମା ଓ ଟ୍ରେଭିସ ହେଡ୍ ପ୍ରଥମ ୱିକେଟ ପାଇଁ ୯୭ ରନ ସଂଗ୍ରହ କରିଥିଲେ। ହେଡ୍ ୨୬ ବଲରୁ ୩୭ ରନ କରି ଆଉଟ୍ ହୋଇଥିବା ବେଳେ ଅଧିନାୟକ ଇଶାନ କିଶାନ ୧୩ ବଲରୁ ୨୫ ଏବଂ ଶେଷ ଭାଗରେ ହେନରିଚ କ୍ଲାସେନ୍ ୧୩ ବଲରୁ ୩୭ ରନ କରିଥିଲେ। କିନ୍ତୁ ସବୁଠୁ ଚମତ୍କାର ଥିଲା ଅଭିଶେକ ଶର୍ମାଙ୍କ ଇନିଂସ । ସେ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ୬୮ ବଲରୁ ୧୦ ଟି ଲେଖାଏଁ ଚୌକା ଓ ଛକା ମାରି ୧୩୫ ରନ କରିଥିଲେ। ତେଣୁ ସନରାଇଜର୍ସ ୨୦ ଓଭରରେ ୨ ୱିକେଟ ହରାଇ ୨୪୨ ରନର ବିଶାଳ ସ୍କୋର କରିଥିଲା । ବୋଲିଂରେ ଦିଲ୍ଲୀର ଅକ୍ଷର ପଟେଲ କେବଳ ଏକମାତ୍ର ସଫଳତା ପାଇଥିଲେ ।

୨୪୩ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଦିଲ୍ଲୀ ୨୦ ଓଭରରେ ୧୯୫/୯ ରନ କରିବାକୁ ସକ୍ଷମ ହୋଇଥିଲା । ଓପନର ପାଥୁମ ନିଶାଙ୍କ କେବଳ ୮ ରନ କରି ଆଉଟ ହେବାରୁ ଦିଲ୍ଲୀର ଆରମ୍ଭ ଆଶାନୁରୂପ ହୋଇପାରିନଥିଲା । ତଥାପି ଦ୍ୱିତୀୟ ୱିକେଟ ପାଇଁ ଲୋକେଶ ରାହୁଲ ଓ ନୀତିଶ ରାଣାଙ୍କ ମଧ୍ୟରେ ୮୬ ରନର ପାର୍ଟନରସିପ ହୋଇଥିଲା । ବଡ ସଟ୍ ଖେଳିବାକୁଯାଇ ଲୋକେଶ ରାହୁଲ ଫାଇନଲେଗ୍ ଅଞ୍ଚଳରେ ଅଭିଶେକ ଶର୍ମାଙ୍କ ହାତରେ ଧରାପଡିଥିଲେ । ସେ ମାତ୍ର ୩୭ ରନ କରିଥିଲେ । ନୀତିଶ ରାଣା ୩୦ ବଲରୁ ୭ ଟି ଚୌକା ଓ ୩ ଟି ଛକା ସହାୟତାରେ ୫୭ ରନ କରିଥିଲେ। ସମୀର ରିଜଭି ୪୧, ତ୍ରିଷ୍ଟାନ ଷ୍ଟୁବସ ୨୭, ଆଶୁତୋଷ ଶର୍ମା ୧୪ ରନ କରିଥିଲେ। ଏହା ସତ୍ତ୍ୱେ ଦିଲ୍ଲୀ ବିଜୟ ଲକ୍ଷ୍ୟ ଠାରୁ ୪୭ ଦୂରରେ ରହିଯାଇଥିଲା । ବୋଲିଂରେ ହାଇଦ୍ରାବାଦର ଏସାନ ମାଲିଙ୍ଗାଙ୍କୁ ସର୍ବାଧିକ ୪ ଟି , ହର୍ଷ ଦୁବେଙ୍କୁ ୩ ଟି, ଦିଲ୍ଲସାନ ମଧୁସଙ୍କା ଓ ସାକିଙ୍ଗ ହୁସେନ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ ।

## ଆଜିର ମ୍ୟାଚ

* ଲକ୍ଷ୍ନୌ - ରାଜସ୍ଥାନ
* ସ୍ଥାନ - ଲକ୍ଷ୍ନୌ
* ସମୟ - ରାତି ୭.୩୦

▸▸ ପ୍ରସାରଣ - ଷ୍ଟାର ନେଟୱାର୍କ

## ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ପଞ୍ଜାବ | ୬ | ୫ | ୦ | ୧୧ |
| ବେଙ୍ଗାଲୁରୁ | ୬ | ୪ | ୨ | ୮ |
| ସନରାଇଜର୍ସ | ୭ | ୪ | ୩ | ୮ |
| ରାଜସ୍ଥାନ | ୬ | ୪ | ୨ | ୮ |
| ଦିଲ୍ଲୀ | ୬ | ୩ | ୩ | ୬ |
| ଗୁଜରାଟ | ୬ | ୩ | ୩ | ୬ |
| ମୁମ୍ବାଇ | ୬ | ୨ | ୪ | ୪ |
| ଚେନ୍ନାଇ | ୬ | ୨ | ୪ | ୪ |
| ଲକ୍ଷ୍ନୌ | ୬ | ୨ | ୪ | ୪ |
| କୋଲକାତା | ୭ | ୧ | ୫ | ୩ |

**ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ**

# ତାରକା ଖେଳାଳିଙ୍କୁ ମିଳିପାରେ ବିଶ୍ରାମ

ନୂଆଦିଲ୍ଲୀ, ୨୧।୪(ଏଜେନ୍ସି) : ଆଇପିଏଲର ୧୯ତମ ସଂସ୍କରଣ ମେ ୩୧ ତାରିଖରେ ଶେଷ ହେବ। କାର୍ଯ୍ୟସୂଚୀ ବ୍ୟସ୍ତ ବହୁଳ ରହିଛି । ଆଗକୁ ଆଇପିଏଲ ଶେଷ ହେବା ପରେ ଭାରତୀୟ ଦଳ ଆଫଗାନିସ୍ତାନ ବିପକ୍ଷରେ ଏକମାତ୍ର ଟେଷ୍ଟ ମ୍ୟାଚ ଖେଳିବ । ଏହି ମ୍ୟାଚ ଜୁନ୍ ୬ ରୁ ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଭାରତୀୟ ଦଳର ତାରକା ଖେଳାଳିଙ୍କୁ ଆଫଗାନିସ୍ତାନ ବିପକ୍ଷ ଟେଷ୍ଟରୁ ବିଶ୍ରାମ ଦିଆଯିବା ନେଇ ସଙ୍କେତ ମିଳିଛି। କାର୍ଯ୍ୟଭାର କମ୍ କରିବାକୁ ବିସିସିଆଇ ତଥା ଚୟନ କମିଟି ଏଭଳି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ମ୍ୟାଚ ପରେ ଏକଦିବସୀୟ ଶୃଙ୍ଖଳା ଖେଳାଯିବ। ଚୟନକର୍ତ୍ତା ନିୟମିତ ଟେଷ୍ଟ ଖେଳାଳି ଆଇପିଏଲରେ କେତେ ଆଗକୁ ବଢୁଛନ୍ତି ତାହା ଉପରେ ନଜର ରଖିବେ। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ପଏଣ୍ଟ ମିଳିନଥିବାରୁ ଆଲୋଚନା ସରଗରମ ରହିବ ।ଅଧିନାୟକ ଶୁଭମନ୍ ଗିଲ୍, ଦ୍ରୁତ ବୋଲର ଯଶପ୍ରୀତ ବୁମରା ଓ ଦିନିକିଆ ଏବଂ ଟେଷ୍ଟ ଉଭୟରେ ନିୟମିତ ଖେଳାଳିଙ୍କ ସମେତ ତାରକା ଖେଳାଳିମାନେ ବାହାରେ ବସିବାର ସମ୍ଭାବନା ରହିଛି। ଗୁଜରାଟ ଟାଇଟାନ୍ସ ତଥା ମୁମ୍ବାଇ ଇଣ୍ଡିଆନ୍ସ ପ୍ଲେ ଅଫ୍ସ ଦୌଡରେ ନାହାଁନ୍ତି। ତେବେ ପରିସ୍ଥିତି ଭଲ ଭାବରେ ପରିବର୍ତ୍ତନ ହୋଇପାରେ। ଟେବୁଲରେ ସମସ୍ତ ବିକଳ୍ପ ସହିତ ଚୟନକର୍ତ୍ତା, ଟେଷ୍ଟ ଓ ୩ଟି ଦିନିକିଆ ପାଇଁ ଦଳ ଚୂଡାନ୍ତ କରିବା ସମୟରେ ନିଷ୍ପତ୍ତି ଆଶା କରାଯାଉଛି। ଆଇପିଏଲ ଫାଇନାଲ ଓ ଆଫଗାନିସ୍ତାନ ଟେଷ୍ଟ ମଧ୍ୟରେ ବ୍ୟବଧାନ ଖୁବ୍ କମ୍। ତେଣୁ ଚୟନକର୍ତ୍ତା ଓ ପରିଚାଳନା କମିଟି ଖେଳାଳିଙ୍କ ଉପରେ ଯେମିତି ବୋଝ ନପଡେ ସେ ଦିଗକୁ ଧ୍ୟାନ ଦେବେ। ୩ ଟି ଦିନିକିଆ ପରେ ଇଂଲଣ୍ଡରେ ମଧ୍ୟ ଭାରତ ଶୃଙ୍ଖଳା ଖେଳିବ। ଆଫଗାନିସ୍ତାନ ଟେଷ୍ଟରେ କୌଣସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ନାହିଁ। ଏହାକୁ ଦୃଷ୍ଟିରେ ରଖି ଖେଳାଳିଙ୍କୁ ବିଶ୍ରାମ ଦେବା ପାଇଁ ଚୟନ କମିଟି ଚିନ୍ତା କରିବ। ତେବେ ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ପାଇଁ କେଉଁ ଖେଳାଳିଙ୍କୁ ବାଦ୍ ଦିଆଯାଇପାରେ। ଏଥିରେ ଶୁଭମନ୍ ଗିଲ୍, ଯଶପ୍ରୀତ ବୁମରା ଓ ଆଉ କିଛି ଖେଳାଳି ରହିଛନ୍ତି। ବରିଷ୍ଠ ଖେଳାଳିଙ୍କୁ ବିଶ୍ରାମ ଦିଆଗଲେ ଯୁବ ଖେଳାଳିଙ୍କୁ ସେମାନଙ୍କ ସ୍ଥାନରେ ସୁଯୋଗ ମିଳିପାରେ। ଗୁରନୁର ବ୍ରାର, ମାନବ ସୁତାର, ଦେବଦତ୍ତ ପଡିକାଲ, ଆକିବ ନବି ଏବଂ ହର୍ଷ ଦୁବେଙ୍କ ଭଳି ଖେଳାଳିଙ୍କୁ ସୁଯୋଗ ଦେଇପାରନ୍ତି। ଚୟନକର୍ତ୍ତା ଘରୋଇ କ୍ରିକେଟ ସମୟରେ ଏହି ଖେଳାଳିଙ୍କ ଉପରେ ନଜର ରଖିଛନ୍ତି।

# ରାଜ୍ୟ ଲାକ୍ରୋସ୍ ଚାମ୍ପିଅନସିପରେ ଯାଜପୁର, ଖୋର୍ଦ୍ଧାର ଚମକ

ଭୁବନେଶ୍ୱର,୨୧।୪(ସବ୍ୟୁ) : ଲାକ୍ରୋସ୍ ଆସୋସିଏସନ୍ ଅଫ୍ ଓଡ଼ିଶା ସଫଳତାର ସହ ତୃତୀୟ ସବ୍-ଜୁନିଅର, ଜୁନିଅର ଏବଂ ସିନିଅର ରାଜ୍ୟ ଲାକ୍ରୋସ୍ ଚାମ୍ପିଅନସିପ୍ ସମାପ୍ତ କରିବା ସହିତ ଡ୍ରିମ୍ସ ୟୁନିଭର୍ସିଟି ଫୁଟବଲ୍ ଗ୍ରାଉଣ୍ଡ ଶକ୍ତିରେ ଗୁଞ୍ଜରିତ ହୋଇଥିଲା। ୧୮ ରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଦୁଇ ଦିନିଆ ଇଭେଣ୍ଟରେ ୧୦ ଟି ଅଂଶଗ୍ରହଣକାରୀ ଜିଲ୍ଲାରୁ ତୀବ୍ର ପ୍ରତିଯୋଗିତା ହୋଇଥିଲା । ଯାହା ରାଜ୍ୟରେ କ୍ରୀଡ଼ାର ଦ୍ରୁତ ଅଭିବୃଦ୍ଧିକୁ ପ୍ରଦର୍ଶନ କରିଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଅରିନ୍ଦମ ରାୟ (ବିଜେପି ନେତା, ଟାଙ୍ଗୀ-ସାଲେପୁର) ଯୋଗ ଦେଇଥିଲେ । ଡ୍ରିମ୍ସ ୟୁନିଭର୍ସିଟିର କ୍ରୀଡା ନିର୍ଦ୍ଦେଶକ ନବ କିଶୋର ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ବାଳକରେ ଯାଜପୁର ଜିଲ୍ଲା ସ୍ୱର୍ଣ୍ଣ ପଦକ ତଥା ବୌଦ୍ଧ ଜିଲ୍ଲା ରୌପ୍ୟ ପଦକ ହାସଲ କରିଛି । ବାଳିକାରେ ଖୋର୍ଦ୍ଧା ଚାମ୍ପିଅନ ହୋଇଥିବା ବେଳେ ଢେଙ୍କାନାଳ ରନର୍ସଅପ୍ ହୋଇଛି। କନିଷ୍ଠ ବାଳକ ବର୍ଗରେ ସୁନ୍ଦରଗଡ଼ ସ୍ୱର୍ଣ୍ଣ ତଥା ବୌଦ୍ଧ ଜିଲ୍ଲା ରୌପ୍ୟ ପଦକ ହାସଲ କରିଛି। ସବ-ଜୁନିୟର ବାଳକ ବର୍ଗରେ ସୁନ୍ଦରଗଡ଼ ସ୍ୱର୍ଣ୍ଣ ତଥା ଢେଙ୍କାନାଳ ରୌପ୍ୟ ପଦକ ଜିତିଛି ।

# ହସ୍ପିଟାଲ ବେଡ୍‌ରେ ଆଫଗାନିସ୍ତାନ ଖେଳାଳି

ନୂଆଦିଲ୍ଲୀ, ୨୧।୪ (ଏଜେନ୍ସି) : ଆଫଗାନିସ୍ତାନର ପୂର୍ବତନ ଦ୍ରୁତ ବୋଲର ଆପୁର ଜର୍ଡ୍ରାନ ହସ୍ପିଟାଲ ବେଡରେ ଛଟପଟ ହେଉଛନ୍ତି। ଅତ୍ୟନ୍ତ ମାରାଥନ ତଥା ବିରଳ ଏଚଏଲଏଚ ଭଳି ରୋଗରେ ପୀଡିତ ହୋଇଛନ୍ତି। ତାଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ୩୮ ବର୍ଷୀୟ ବାମହାତୀ ଦ୍ରୁତ ବୋଲର ଜଣକ ଦିଲ୍ଲୀର ଏକ ଘରୋଇ ହସ୍ପିଟାଲ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ଚଳିତ ବର୍ଷ ଜାନୁଆରୀ ମାସରେ ତାଙ୍କ ଚିକିତ୍ସା ଚାଲିଛି। ଏଚଏଲଏଚ ଏମିତି ଏକ ବିରଳ ରୋଗ ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ଖରାପ କରିଦିଏ। ଜର୍ଡ୍ରାନଙ୍କ ଅବସ୍ଥା ଅତ୍ୟନ୍ତ ଖରାପ ଥିବାରୁ ତାଙ୍କୁ ଆଫଗାନିସ୍ତାନର ଟି -୨୦ ଅଧିନାୟକ ରସିଦ ଖାନ୍ ଓ ବୋର୍ଡ ଅଧ୍ୟକ୍ଷ ଏମ ଅଶରଫଙ୍କ ଯୋଗୁଁ ଭାରତୀୟ ଭିସା ମିଳିଥିଲା । ଏହାପରେ ସେ ଜାନୁଆରୀ ୧୮ ରେ ଦିଲ୍ଲୀ ଆସିଥିଲେ । ଜର୍ଡ୍ରାନଙ୍କ ସାନ ଭାଇ ଘାମାଇଙ୍କ କହିବା କଥା ଅକ୍ଟୋବର ମାସରେ ସପୁରଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଥିଲା । ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଭାରତ ନେଇଯିବାକୁ ପରାମର୍ଶ ଦେଇଥିଲେ। ଆଫଗାନିସ୍ତାନ ପାଇଁ ୪୪ ଟି ଦିନିକିଆ ଓ ୩୬ ଟି ଟ-୨୦ ଖେଳିଥିବା ଜର୍ଡ୍ରାନ ୨୦୦୯ ରୁ ୨୦୨୦ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ କ୍ରିକେଟରେ ସକ୍ରିୟ ରହିଥିଲେ। ଜର୍ଡ୍ରାନ ଏମିତି ଏକ ମାରାତ୍ମକ ସଂକ୍ରମଣର ସମ୍ମୁଖୀନ ହୋଇଛନ୍ତି। ଯାହା ତାଙ୍କ ପୂରା ଶରୀରକୁ ଖରାପ କରିଦେଇଛି । ତାଙ୍କ ମସ୍ତିଷ୍କ ମଧ୍ୟ ଧୀରେ ଧୀରେ ସଂକ୍ରମଣର ଶିକାର ହେଲାଣି। ପ୍ରାଥମିକ ଅବସ୍ଥାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିଲା । ୨୦ ଦିନ ଧରି ସେ ସୁସ୍ଥ ମଧ୍ୟ ରହିଥିଲେ। ୨୦ ଦିନ ପରେ ପୁଣି ତାଙ୍କୁ ସଂକ୍ରମଣ ଦେଇଥିଲା। ତେଣୁ ତାଙ୍କୁ ହସ୍ପିଟାଲରେ ଆଡମିସନ କରାଯାଇଛି। ଏବେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ବେଳେ ତାଙ୍କ ରୋଧପ୍ରତିରୋଧ ଶକ୍ତି ସମ୍ପୂର୍ଣ୍ଣ ଦୁର୍ବଳ ରହିଛି । ଲୋହିତ ରକ୍ତ କଣିକା ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଉଛି ।



# ଆୟୁଷ ମହାତ୍ରେ ଆଇପିଏଲରୁ ବାଦ

ନୂଆଦିଲ୍ଲୀ, ୨୧।୪(ଏଜେନ୍ସି): ଚେନ୍ନାଇ ସୁପରକିଙ୍ଗସର ଯୁବ ଖେଳାଳି ଆୟୁଷ ମହାତ୍ରେ ଆଇପିଏଲ ୨୦୨୬ ରୁ ବାଦ ପଡିଛନ୍ତି। ୧୮ ବର୍ଷୀୟ ଏହି ଖେଳାଳି ଜଣଙ୍କ ଆହତ ସମସ୍ୟା ଯୋଗୁଁ ଚଳିତ ସିଜନରେ ଆଗକୁ ମ୍ୟାଚ ଖେଳିପାରିବେ ନାହିଁ। ଏପ୍ରିଲ ୧୮ ତାରିଖରେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ବ୍ୟାଟିଂ କରୁଥିବା ବେଳେ ଆୟୁଷ ଆହତ ହୋଇଥିଲେ। ତାଙ୍କ ବାମପଟ ମାଂସ ପେଶୀରେ ସମସ୍ୟା ଦେଖାଦେଇଥିଲା। ମ୍ୟାଚ ପରେ ଯାଞ୍ଚ ବେଳେ ତାଙ୍କ ଆହତ ସମସ୍ୟା ଗୁରୁତର ଥିବା ଜଣାପଡିଛି। ଏହା ଭଲ ହେବା ପାଇଁ ଅତିକମ୍‌ରେ ୬ ରୁ ୧୨ ସପ୍ତାହ ଲାଗିବ। ତେଣୁ ଆୟୁଷ ଅବଶିଷ୍ଟ ମ୍ୟାଚ ଖେଳିପାରିବେ ନାହିଁ ବୋଲି ଫ୍ରାଞ୍ଚାଇଜ୍ ପକ୍ଷରୁ କୁହାଯାଇଛି । ୨୦୨୫ ଆଇପିଏଲ ଅଧାରୁ ଆୟୁଷ ଚେନ୍ନାଇ ସହ ଯୋଡି ହୋଇଥିଲେ। ଚଳିତ ସିଜନ ଆରମ୍ଭରେ ମଧ୍ୟ ଦମଦାର ପ୍ରଦର୍ଶନ କରିଛନ୍ତି । ମୁମ୍ବାଇ ଜନିତ ଏହି ତାରକା ଜଣକ ଆଇପିଏଲ ପୂର୍ବରୁ ଭାରତ ପାଇଁ ୧୯ ବର୍ଷରୁ କମ୍ ବିଶ୍ୱ କପ୍ ଜିତିଥିଲେ। ସେ ଚଳିତ ବିଶ୍ୱକପ୍‌ରେ ୬ ଟି ମ୍ୟାଚ ଖେଳି ୨୦୧ ରନ କରିଛନ୍ତି। ଏଥିରେ ଦୁଇଟି ଅର୍ଦ୍ଧଶତକ ରହିଛି। ମହାତ୍ରେ ବାଦ ପଡିବାରୁ ଚୂଡାନ୍ତ ଏକାଦଶରେ ଚେନ୍ନାଇ ଉର୍ବିଲ ପଟେଲଙ୍କୁ ସାମିଲ କରିପାରେ। ଉର୍ବିଲ ବିସ୍ଫୋରକ ବ୍ୟାଟିଂ ପାଇଁ ବେଶ୍ ପରିଚିତ। ଏହାବାଦ୍ ୧୪ କୋଟିରୁ ଅଧିକ ଟଙ୍କାରେ କିଣାଯାଇଥିବା କାର୍ତ୍ତିକ ଶର୍ମାଙ୍କୁ ସୁଯୋଗ ମିଳିପାରେ।

# ଆନ୍ତଃବିଭାଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶେଷ : ଇଞ୍ଜିନିୟରିଂ ବିଭାଗ, ଇଫକୋ ଚାମ୍ପିଅନ

ପାରାଦୀପ, ୨୧।୪( ଜି . ପ୍ର ) : ପାରାଦୀପ ବନ୍ଦର କର୍ତ୍ତୃପକ୍ଷ (ପିପିଏ) ର ତତ୍ତ୍ୱାବଧାନରେ ଆୟୋଜିତ ଏକ ରୋମାଞ୍ଚକର କ୍ରୀଡା ଇଭେଣ୍ଟର ସଫଳ ସମାପନ ଅବସରରେ ଆଜି ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମରେ ଷଷ୍ଠ ଆନ୍ତଃବିଭାଗ କ୍ରିକେଟ ଟୁର୍ନାମେଣ୍ଟ ଏବଂ ପଞ୍ଚମ କର୍ପୋରେଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୬ ର ଶେଷ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀ ଏ.କେ. ବୋଷ, ପରାମର୍ଶଦାତା (ଟ୍ରାଫିକ), ପିପିଏ, ବିଭାଗୀୟ ମୁଖ୍ୟ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଯୋଗ ଦେଇଥିଲେ । ସମାବେଶକୁ ସମ୍ବୋଧିତ କରି, ସମ୍ମାନିତ ବ୍ୟକ୍ତିମାନେ ଦଳଗତ କାର୍ଯ୍ୟ, ଏକତା ଏବଂ କ୍ରୀଡା ମନୋଭାବର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେମାନେ ଉଲ୍ଲେଖ କରିଥିଲେ ଯେ ଏପରି ଟୁର୍ଣ୍ଣାମେଣ୍ଟ ଖେଳ ବାହାରେ ଯାଇ କର୍ମଚାରୀମାନଙ୍କ ମଧ୍ୟରେ ବିଶ୍ୱାସ, ସମନ୍ୱୟ ଏବଂ ଦୃଢ଼ ବୃତ୍ତିଗତ ସମ୍ପର୍କ ଗଠନ କରିବାରେ ସାହାଯ୍ୟ କରେ। ସେମାନେ ଅଂଶଗ୍ରହଣକାରୀମାନଙ୍କୁ ନିରପେକ୍ଷତା, ସୁରକ୍ଷା ଏବଂ ଖେଳର ପ୍ରକୃତ ଆତ୍ମାକୁ ବଜାୟ ରଖିବାକୁ ମଧ୍ୟ ଉତ୍ସାହିତ କରିଥିଲେ। ବିଦାୟ ସମାରୋହରେ, ବିଜୟୀ ଦଳ, ଉପବିଜେତା ଏବଂ ଉତ୍କୃଷ୍ଟ ପ୍ରଦର୍ଶନକାରୀଙ୍କୁ ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ଏବଂ କ୍ରୀଡା ମନୋଭାବ ପାଇଁ ଟ୍ରଫି, ପଦକ ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା । ଆନ୍ତଃ-ବିଭାଗ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ, ଇଞ୍ଜିନିୟରିଂ ବିଭାଗ ୧୫ ଓଭରରେ ୧୧୨/୮ ରନ କରିଥିଲା । ଟାର୍ଗେଟ ପିଛା କରି, ବୈଦ୍ୟୁତିକ ଏବଂ ଯାନ୍ତ୍ରିକ ବିଭାଗ ୧୫ ଓଭରରେ ୯୩/୯ ରନ କରିଥିଲା। ଇଞ୍ଜିନିୟରିଂ ବିଭାଗ ୧୯ ରନରେ ବିଜୟ ହାସଲ କରିଥିଲା ଏବଂ ଚାମ୍ପିଅନସିପ ଟ୍ରଫି ଉଠାଇଥିଲା। କର୍ପୋରେଟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ, ପାରାଦୀପ ପୋର୍ଟ ଅଥରିଟି ଏବଂ ଇଫକୋ ଉଭୟ ସମାନ ସ୍କୋରରେ ଶେଷ କରିଥିଲେ, ଯାହା ଫଳରେ ଏକ ରୋମାଞ୍ଚକର ସୁପର ଓଭର ହୋଇଥିଲା । ଇଫେକୋ ମ୍ୟାଚ ଜିତି ଚାମ୍ପିଅନ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ଶ୍ରୀ ଏଚ.ଏସ. ରାଉତ, ମୁଖ୍ୟ ଇଞ୍ଜିନିୟର ଏବଂ ସଭାପତି, ଜିକେଏସ ଏବଂ ଡକ୍ଟର ଡି.ପି. ସେଠି, ବରିଷ୍ଠ ଉପ-ସିଏମଓ ଏବଂ କାର୍ଯ୍ୟକାରୀ ସଭାପତି ନେତୃତ୍ୱରେ ପରିଚାଳିତ ହୋଇଥିଲା। ଏହି ପ୍ରତିଷ୍ଠିତ କ୍ରୀଡା ପ୍ରତିଯୋଗିତାକୁ ସଫଳତାର ସହିତ ଆୟୋଜନ କରିବାରେ ସେମାନଙ୍କର ସାମୂହିକ ପ୍ରୟାସ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଟୁର୍ଣ୍ଣାମେଣ୍ଟଗୁଡ଼ିକରେ ଉତ୍ସାହୀ ଅଂଶଗ୍ରହଣ, ଉତ୍ସାହୀ ପ୍ରଦର୍ଶନ ଏବଂ କର୍ମଚାରୀ, ଅଂଶୀଦାର ଏବଂ କ୍ରୀଡା ପ୍ରେମୀଙ୍କ ଦୃଢ଼ ସମର୍ଥନ ଦେଖିବାକୁ ମିଳିଥିଲା ।



# ଆନ୍ତଃଜିଲ୍ଲା ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ମୟୂରଭଞ୍ଜ ଦଳ ଘୋଷିତ



ବାରିପଦା, (ସବ୍ୟୁ) : ଓଡିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ କଟକ ଠାରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତଃଜିଲ୍ଲା ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଦଳ ଘୋଷିତ ହୋଇଯାଇଛି। ଦଳରେ ଅଧିନାୟିକା ସଂଜିତା ଦାସ, ଉପ ଅଧିନାୟିକା ସୁନିଧି କାଶ୍ୟପ ଜେନା ସମେତ ଶୁଭସ୍ମିତା ବେହେରା, ସୋନିଆ ରାଜ, ଲକ୍ଷ୍ମୀପ୍ରିୟା ମହାନ୍ତ, ପଦ୍ମା ମିର୍ଦ୍ଧା, ଲକ୍ଷ୍ମୀ ଭଗତ, ମାନସୀ ମହାନ୍ତ, ସାଇ ଆରାଧ୍ୟା, ଚନ୍ଦ୍ରକାନ୍ତି ବେହେରା, ରଶ୍ମିରେଖା ନାୟକ, ଶୁଭଶ୍ରୀ ନାଥ, ଦିବ୍ୟାଂଶୀ ମହାନ୍ତି, ସୋମବାରୀ ମହାନ୍ତି, ନନ୍ଦିନୀ ସିଂ, ଆଦ୍ୟାଶା ମହାନ୍ତ, ଲକ୍ଷ୍ମୀପ୍ରିୟା ବିନ୍ଧାଣି ଓ ଟିକି ପାତ୍ର ସାମିଲ ଅଛନ୍ତି। ପୂର୍ବତନ ରାଜ୍ୟସ୍ତରୀୟ ଖେଳାଳି ସୁନୀଲ ଜେନା ଟିମ ମ୍ୟାନେଜର ଓ ସାଇବା ସିଂ କୋଚ ଭାବେ ଦଳ ସହିତ ଗସ୍ତ କରିବେ। ମୟୂରଭଞ୍ଜର ପ୍ରଥମ ମ୍ୟାଚ ୨୩ତାରିଖ ଦିନ ଜଗତସିଂହପୁର ସହିତ ଅଛି ବୋଲି କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଜଣାଇଛନ୍ତି। ମଙ୍ଗଳବାର ଅପରାହ୍ନରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, କ୍ରିକେଟ ସମ୍ପାଦକ ତଥା କୋଚ ଓ ମ୍ୟାନେଜର ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଦଳର ସଫଳତା କାମନା କରିଥିଲେ।

# ଫୁଟବଲ ମ୍ୟାଚ ବେଳେ ରଣକ୍ଷେତ୍ର ପାଲଟିଲା ଷ୍ଟାଡିୟମ

ନୂଆଦିଲ୍ଲୀ, ୨୧।୪(ଏଜେନ୍ସି) : ଫୁଟବଲ ମ୍ୟାଚ ବେଳେ ଷ୍ଟାଡିୟମ ରଣକ୍ଷେତ୍ର ପାଲଟିଛି। ଏପରିକି ଦଙ୍ଗା ମଧ୍ୟ ଦେଖିବାକୁ ମିଳିଥିଲା। ପାରାଗୁଏରେ ଘଟିଥିବା ଏହି ଦଙ୍ଗାରେ ପ୍ରାୟ ୫୦ ଜଣରୁ ଅଧିକ ଗୁରୁତର ହୋଇଛି। ୬୦ ରୁ ଅଧିକ ଦଙ୍ଗାକାରୀ ଦର୍ଶକଙ୍କୁ ପୋଲିସ ଗିରଫ କରିଛି। ଏହି ଦଙ୍ଗା ଯୋଗୁଁ ଏକ ଗୁରୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚକୁ ବନ୍ଦ କରିବାକୁ ପଡିଛି। ପାରାଗୁଏର ରାଜଧାନୀ ଆସୁନସିଆନର ଦୁଇ ଦଳ ଅଲିମ୍ପିଆ ଏବଂ ସେରୋ ମଧ୍ୟରେ ମ୍ୟାଚ ଚାଲିଥିଲା। ସ୍ଥିତି ଏମିତି ହୋଇଥିଲା ଯେ, ରେଫରୀଙ୍କ ନିର୍ଦ୍ଦେଶରେ ୨୯ ମିନିଟ୍ ପରେ ମ୍ୟାଚ ବନ୍ଦ କରାଯାଇଥିଲା। ଷ୍ଟାଡିୟମରେ ଦର୍ଶକ, ପଥର ଓ ପାଣି ସହ ପରିସ୍ରା ଭର୍ତ୍ତି ବୋତଲ ଫିଙ୍ଗିଥିଲେ। ସ୍ଥିତିକୁ ଦେଖି ପୋଲିସ ଷ୍ଟାଣ୍ଡ ଭିତରକୁ ରବର ଗୁଳି ଓ ଲୁହବୁହା ଗ୍ୟାସ ମାଡ କରିଥିଲା। ଯାହା ଫଳରେ ସହ ସହ ଦର୍ଶକ ପଡିଆକୁ ଚାଲିଆସିଥିଲେ। ସିସିଟିଭି ଫୁଟେଜରେ ଦେଖାଯାଇଥିଲା ଯେ, ଷ୍ଟାଣ୍ଡର କିଛି ଅଂଶ ଧୂଆଁରେ ଭରିଯାଇଥିଲା। ସ୍ଥାନୀୟ ହସ୍ପିଟାଲର ନିର୍ଦ୍ଦେଶକ ଡେଭିଡ୍ ଟୋରାଲେସ କହିଛନ୍ତି, ଜଣେ ୨୨ ବର୍ଷୀୟ ପୋଲିସ ଅଧିକାରୀଙ୍କ ନାକ ଫାଟିଯାଇଥିଲା। ତାଙ୍କ ଅବସ୍ଥା ଏମିତି ଯେ ତାଙ୍କୁ ଅସ୍ତ୍ରୋପଚାର କରିବାକୁ ପଡିବ। ସେପଟେ ଅଧିକାରୀଙ୍କ ଉପରେ ଆକ୍ରମଣର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ୬ ଜଣ ଅଧିକାରୀ ଦର୍ଶକଙ୍କ ଆକ୍ରମଣରେ ଆହତ ହୋଇଛନ୍ତି। ଏହି ମାମଲାରେ ପୋଲିସ ୬୦ ଜଣଙ୍କୁ ଗିରଫ କରିଛି।


**ସୂଚନା**

ସମୟ BHIM SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।


# ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ଦୋଷୀ ସାବ୍ୟସ୍ତ

ନୂଆଦିଲ୍ଲୀ, ୨୧।୪(ଏଜେନ୍ସି) : ଏକ ଅଦାଲତ ଅବମାନନା ଜନିତ ମାମଲାରେ ଦିଲ୍ଲୀ ଉଚ୍ଚନ୍ୟାୟାଳୟ ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ସିଂହଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ଦୋଷ ପାଇଁ ଦିଆଯିବାକୁ ଥିବା ଶାସ୍ତି ସମ୍ପର୍କରେ ଆସନ୍ତା ମେ ୪ ତାରିଖରେ ଚୂଡାନ୍ତ ରାୟ ପ୍ରକାଶ ପାଇବ । ସୂଚନା ମୁତାବକ ହକି ଇଣ୍ଡିଆର ସମ୍ପାଦକ ଭୋଳା ନାଥ ସିଂହଙ୍କୁ ଜାଣିଶୁଣି ତାଙ୍କ ଆଦେଶକୁ ଅବମାନନା କରିବା ପାଇଁ ଅଦାଲତ ଅବମାନନାର ଦୋଷୀ ସାବ୍ୟସ୍ତ କରିଛନ୍ତି। ସୂଚନା ଅନୁଯାୟୀ ହକି ଇଣ୍ଡିଆର ନିର୍ବାଚିତ ଉପାଧ୍ୟକ୍ଷ ସୟଦ ଅସୀମା ଅଲ୍ଲୀଙ୍କ ଆବେଦନ ଉପରେ ଅଦାଲତ ୨୦ ଏପ୍ରିଲରେ ରାୟ ଶୁଣାଇଛନ୍ତି। ଯେଉଁଥିରେ ୧୭ ଜାନୁଆରୀ ୨୦୨୫ରେ କ୍ରୀଡ଼ା ସଂସ୍ଥାର ଅଧିକାରୀମାନଙ୍କ ଦ୍ୱାରା ଦିଆଯାଇଥିବା ଆଦେଶର ପାଳନ ନକରିବା ଅଭିଯୋଗ କରିଥିଲେ।

ଅଦାଲତ ନିର୍ଦ୍ଦେଶ ଅନୁଯାୟୀ, ହକି ଇଣ୍ଡିଆର ଅଧିକାରୀମାନଙ୍କୁ ଆବେଦନକାରୀଙ୍କୁ ସମସ୍ତ କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକରେ ଅଂଶଗ୍ରହଣ କରିବାକୁ ସକ୍ଷମ କରିବା ପାଇଁ ଆବଶ୍ୟକୀୟ ସୂଚନା ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ୪ ଜୁଲାଇ, ୨୦୨୫ ଏବଂ ୨୭ ଜୁଲାଇ, ୨୦୨୫ରେ ଅନୁଷ୍ଠିତ ବୈଠକ ପାଇଁ ସୂଚନା ଦେବାରେ ବିଫଳତା ଯୋଗୁଁ ଏହି ଆଦେଶ ଦିଆଯାଇଛି।



ଅଦାଲତ ପକ୍ଷରୁ ହୋଇଥିବା ମାମଲାର ଶୁଣାଣୀ ସମୟରେ ଅଦାଲତ "ଅବମାନକୁ ଦୂର କରିବା ପାଇଁ କେବେ କୌଣସି ପ୍ରୟାସ କରାଯାଇ ନାହିଁ। ବୈଠକର ବିବରଣୀ, ଯାହାର ଲିଙ୍କ ଆବେଦନକାରୀଙ୍କୁ ପ୍ରଦାନ କରାଯାଇ ନଥିଲା। ସେହିଭଳି ଅଦାଲତ ନିର୍ଦ୍ଦେଶ ମୁତାବକ ଆଦେଶ ପାଳନ ନ କରିବା ପାଇଁ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ତ ଦୂରର କଥା, କ୍ଷମା ପ୍ରାର୍ଥନାର କୌଣସି ଚେଷ୍ଟା ମଧ୍ୟ ହୋଇ ନଥିଲା। ବିଶେଷକରି ସମ୍ପାଦକ ଭାବେ ଭୋଳା ନାଥ ସିଂହ ସଚେତନ, ସଂଗଠିତ, ଜାଣିଶୁଣି ଏବଂ ଇଚ୍ଛାକୃତ ଅବମାନନାକରିଥିବା ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି। କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଏବଂ କେନ୍ଦ୍ର ସରକାରଙ୍କଠାରୁ ପାଣ୍ଠି ଗ୍ରହଣ କରୁଥିବା ଏକ ଜାତୀୟ କ୍ରୀଡ଼ା ମହାସଂଘ ଦ୍ୱାରା କୋର୍ଟଙ୍କ ନିର୍ଦ୍ଦେଶ ପାଳନ ନ କରିବା ଏକ ପ୍ରଶାସନିକ ଅପରାଧଠାରୁ କମ୍ ନୁହେଁ ବୋଲି ଦର୍ଶାଇ କୋର୍ଟ ଏହି ସିଦ୍ଧାନ୍ତରେ କହିଛନ୍ତି। ପ୍ରତିପକ୍ଷମାନଙ୍କୁ, ବିଶେଷକରି ହକି ଇଣ୍ଡିଆର ସମ୍ପାଦକ ଭୋଳା ନାଥ ସିଂହଙ୍କୁ, ୧୭.୦୧.୨୦୨୫ ତାରିଖର ଆଦେଶକୁ ଜାଣିଶୁଣି ଅମାନ୍ୟ ବା ପାଳନ ନକରି କୋର୍ଟ ଅବମାନନା କରିଥିବାର ଦୋଷୀ ବୋଲି ପାଇଛନ୍ତି"।

ଅନ୍ୟ ପକ୍ଷରେ ହକି ଇଣ୍ଡିଆର ସମ୍ପାଦକ ପଦରୁ ଶ୍ରୀ ସିଂହଙ୍କୁ ବହିଷ୍କାର କରିବା ପାଇଁ ଅଲିଙ୍କ ଦ୍ୱାରା କରାଯାଇଥିବା ଆବେଦନ ଉପରେ ୧୭ ଜାନୁଆରୀ, ୨୦୨୫ର ଆଦେଶ ଦିଆଯାଇଥିଲା। କିଛିଦିନ ପୂର୍ବେ ବିଜ୍ଞାପିତ ହୋଇଥିବା ନୂତନ କ୍ରୀଡ଼ା ସଂହିତାରେ ଉଲ୍ଲେଖିତ କାର୍ଯ୍ୟକାଳ ଏବଂ ବୟସ ସୀମା ଯୋଗୁଁ ସିଂହ ହକି ଇଣ୍ଡିଆରେ କୌଣସି ନିର୍ବାଚିତ ପଦ ଗ୍ରହଣ କରିବାକୁ ଅଯୋଗ୍ୟ ବୋଲି ଅଭିଯୋଗ କରାଯାଇଥିଲା।

ସୂଚନା ଯୋଗ୍ୟ ଯେ, ଝାଡ଼ଖଣ୍ଡ ରାଜ୍ୟ ହକି ସଂଗଠନକୁ ପ୍ରତିନିଧିତ୍ୱ କରି ହକି ଇଣ୍ଡିଆରେ ସମ୍ପାଦକ ପଦରେ ନିର୍ବାଚିତ ହୋଇଥିବା ଶ୍ରୀ ସିଂହ ଯେବେଠାରୁ ଏହି ପଦରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି,ସେବେଠାରୁ ସେ ବିଭିନ୍ନ ବିବାଦରେ ଘେରି ରହିଛନ୍ତି। ଏଠାରେ କେବଳ ଗୋଟିଏ ବିବାଦ ସମ୍ପର୍କରେ ସୂଚନା ଦେଲେ ଯଥେଷ୍ଟ ହେବ। ତାହା ହେଉଛି ପ୍ରାୟ ୮ ବର୍ଷ ପୂର୍ବେ ଦେଶରେ ପ୍ରଥମ କରି ସେତେବେଳର ଓଡ଼ିଶା ସରକାରଙ୍କ ୧୦୦କୋଟି ଟଙ୍କା ଅର୍ଥ ବ୍ୟୟରେ ହକି ଇଣ୍ଡିଆର ପ୍ରାୟୋଜକ ହୋଇଥିଲେ। ୨୦୨୪ ମସିହାରେ ରାଜ୍ୟରେ ନୂତନ ସରକାର ଆସିବା ପରେ ଏହି ପ୍ରାୟୋଜକ ୨୦୩୩ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହା ସତ୍ତ୍ୱେ ମଧ୍ୟ ସଂକୀର୍ଣ୍ଣ ମନୋଭାବ ରଖି ଶ୍ରୀ ସିଂହଙ୍କ ନେତୃତ୍ୱରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ହକି କାର୍ଯ୍ୟକ୍ରମରେ ଓଡ଼ିଶା ସରକାର ବା ଓଡ଼ିଶାର ନାମକୁ ନ୍ୟୁନ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଆସୁଛି। ଏ ନେଇ ବିଭିନ୍ନ ସମୟରେ କ୍ରୀଡ଼ାପ୍ରେମୀମାନେ ଅଭିଯୋଗ ମଧ୍ୟ କରିଛନ୍ତି।






Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି